

ଅନନ୍ୟାଙ୍କ ଏଣ୍ଟ୍ରି

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-341 ◆BHUBANESWAR ◆MONDAY ◆9 JUNE 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୪୧ ◆ଭୁବନେଶ୍ୱର ◆ସୋମବାର ◆୯ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଇଦ୍‌ରେ ଦୁଇଟି ଛେଳିର ମୂଲ୍ୟ ୫୧ ଲକ୍ଷ ଟଙ୍କା



■ **ଲକ୍ଷ୍ନୌ, ୮।୬ (ଏଜେନ୍ସି):** ବକ୍ରି ଇଦ୍ ପର୍ବରେ ଛେଳିଙ୍କ ମୂଲ୍ୟ ଆଶାତୀତ ବୃଦ୍ଧି ପାଇଛି। ସ୍ଥାନୀୟ ବକ୍ରା ମଣ୍ଡିରେ ଦୁଇଟି ଛେଳି ରେକର୍ଡ ୫୧ ଲକ୍ଷ ଟଙ୍କାରେ ବିକ୍ରି ହୋଇଛନ୍ତି। ଏହି ଦୁଇଟି ଛେଳିର ଶରୀରରେ ଆରବିକ୍ ଭାଷାରେ 'ଆଲ୍ହା' ସଦୃଶ ଜନ୍ମଚିହ୍ନ ରହିଛି। ଫଳରେ ଦୁଇଟି ଛେଳିର ଦାମ୍ ଆକାଶ ଛୁଆଁ ହୋଇଛି। ୧୮ ମାସର ବାରବରୀ ଛେଳି ସଲମାନର ଓଜନ ୬୫ କେଜି ରହିଛି ଏବଂ ତାର ଡାହାଣ କାନରେ ଏହି ଜନ୍ମ ଜିହ୍ନ ରହିଛି। ସେହିପରି ଘନି ନାମକ ରାଜସ୍ଥାନୀ ଛେଳି ଶରୀରେ ମଧ୍ୟ ସମାନ ଚିହ୍ନ ରହିଛି। ସ୍ଥାନୀୟ କୃଷକ ମୁସ୍ତାକ ଅହମ୍ମଦ ହେଉଛନ୍ତି ଏହି ଦୁଇଟି ଛେଳିର ମାଲିକ ଏଥର ସର୍ବାଧିକ ମୂଲ୍ୟରେ ଦୁଇଟି ଛେଳି ବିକ୍ରି ହୋଇଛନ୍ତି। ଏହି ଦୁଇଟି ଛେଳିଙ୍କୁ ନେଇ ଲକ୍ଷ୍ନୌରେ ବେଶ୍ ଚର୍ଚ୍ଚା ହେଉଛି।

## ୯୦ ବର୍ଷରେ ଅଭିନୟ କରିବେ ଅମୀରଙ୍କ ମା'

■ **ମୁମ୍ବାଇ,୮।୬ (ଏଜେନ୍ସି):** ବଲିଉଡ୍ ସୁପରଷ୍ଟାର ଅମୀର ଖାନ୍‌ଙ୍କ ମା ଜିନତ ହୁସେନ ୯୦ ବର୍ଷରେ ବଲିଉଡ୍‌ରେ ପଦାର୍ପଣ କରିବାକୁ ଯାଉଛନ୍ତି। ସେ ଅମୀରଙ୍କ ମହତ୍ୱାକାଂକ୍ଷୀ ସିନେମା 'ସିତାରେ ଜମିନପର'ରେ ଅଭିନୟ କରିଛନ୍ତି। ଆସନ୍ତା ୨୦ ତାରିଖରେ ଏହି ପ୍ରତୀକ୍ଷିତ ସନେମା ମୁକ୍ତିଲାଭ କରିବ। ଅମୀର ଏହି ସିନେମାର ପ୍ରମୋସନରେ ବ୍ୟସ୍ତ ରହିଛନ୍ତି। ଜିନତ ଥରେ ଏହି ସିନେମାର ସେଟ୍‌କୁ ଯିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ସେତେବେଳେ 'ହାପି ୱେଡିଂ' ଗୀତ ସୁଟିଂ ହେଉଥିଲା। ଏହି ଗୀତରେ ଜିନତଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶକ ଆରଏସ୍ ପ୍ରସନ୍ନା ଆମୀରଙ୍କୁ ଅନୁରୋଧ କରିଥିଲେ। ସେ ଏଥିରେ ରାଜି ହୋଇଥିଲେ। ଫଳରେ ଅମୀରଙ୍କ ମା'ଙ୍କୁ ଡେବ୍ୟୁ କରିବାର ସୁଯୋଗ ମଳିଥିଲା।



# ଋଣ ଯନ୍ତାରେ ଭାରତ

## ବର୍ଷ ଶେଷ ବେଳକୁ ଋଣ ଛୁଇଁବ ୨୦୦ ଲକ୍ଷ କୋଟି



### ବୈଦେଶିକ ଋଣ ପରିମାଣ ୭୧୮ ବିଲିଅନ୍ ଡଲାର ଟପିଲା

### ୮୧.୫୯ ପ୍ରତିଶତରେ ପହଞ୍ଚିଲା ଋଣ-ଜିଡିପି ଅନୁପାତ

### ରାଜ୍ୟର ଆର୍ଥିକ ସ୍ଥିତି ବିଗାଡ଼ିଲାଣି ମାଗଣା ବଣ୍ଟନ ବ୍ୟବସ୍ଥା

■ **ନୂଆଦିଲ୍ଲୀ, ୮।୬ (ଏଜେନ୍ସି):** ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ମୋଟ ଋଣ ପରିମାଣ ୧୮୧.୭୪ ଲକ୍ଷ କୋଟିରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷ ଶେଷକୁ ଏହା ପ୍ରାୟ ୨ଶହ ୧୯୬.୭୯ ଲକ୍ଷ କୋଟି ଅତିକ୍ରମ କରିବ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆକଳନ କରିଛି। ମାତ୍ର ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶର ସାମଗ୍ରିକ ଋଣ ପରିମାଣ ୨୦୦.୧୬ ଲକ୍ଷ କୋଟି ଅତିକ୍ରମ କରିବ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ଏହି ସମୟରେ ଦେଶର ବୈଦେଶିକ ଋଣ ପରିମାଣ ୧୦.୭% ବୃଦ୍ଧି ପାଇ ୭୧୭.୯ ବିଲିଅନ ଆମେରିକୀୟ ଡଲାର ଅତିକ୍ରମ କରିଛି। ତେବେ ଦେଶର ଜିଡିପି ଓ ଋଣର ଅନୁପାତ ଅତ୍ୟନ୍ତ ସ୍ପର୍ଶକାତର ସ୍ଥିତିରେ ପହଞ୍ଚିଛି। ଋଣ ଓ ଜିଡିପି ଅନୁପାତ ୮୧ ପ୍ରତିଶତ ଅତିକ୍ରମ କରି ୮୧.୫୯%ରେ ପହଞ୍ଚିଛି। ୧୯୮୦ ମସିହାରେ ଭାରତର ଋଣ ଓ ଜିଡିପି ଅନୁପାତ ୬୦.୮୭% ରହିଥିଲା।

ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁସାରେ, ଭାରତର ବୈଦେଶିକ ଋଣ ପରିମାଣ ୬୪୮.୭ ବିଲିଅନ ଆମେରିକୀୟ ଡଲାର ଥିଲା; ମାତ୍ର ୨୦୨୪ ଡିସେମ୍ବରରେ ଏହା ୧୦.୭% ବୃଦ୍ଧି ପାଇ ୭୧୭.୯ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ଭାରତୀୟ ଟଙ୍କା ତୁଳନାରେ ଡଲାର ମୂଲ୍ୟବୃଦ୍ଧି ଯୋଗୁଁ ବାହ୍ୟ ଋଣ ପରିମାଣ ବୃଦ୍ଧି ପାଇଥିବା ଅର୍ଥ ମନ୍ତ୍ରଣାଳୟ ପ୍ରକାଶ କରିଛି। ଭାରତର ବାହ୍ୟ ଋଣର ସିଂହଭାଗ ଆମେରିକୀୟ ଡଲାର ଦ୍ୱାରା ପ୍ରଭାବିତ ହୋଇଛି ଓ ମୋଟ ଋଣର ୫୪.୮% ଆମେରିକୀୟ ଡଲାରରେ ଗ୍ରହଣ କରାଯାଇଛି। ଏହାବ୍ୟତୀତ ଜାପାନୀ ୟେନ୍, ଏସ୍‌ଡିଆର୍ ଓ ୟୁରୋ ମଧ୍ୟ ଭାରତର ଋଣ କ୍ଷେତ୍ରକୁ ପ୍ରଭାବିତ କରିଛି। ଅନ୍ୟପକ୍ଷରେ ଭାରତ ସରକାରଙ୍କ ଆଭ୍ୟନ୍ତରୀଣ ଋଣ ଆହରଣ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ଏହି ରିପୋର୍ଟ ଅନୁସାରେ ଭାରତ ସରକାରଙ୍କ ମୋଟ ବାହ୍ୟ ଋଣରେ ଅଣ-ଆର୍ଥିକ କର୍ପୋରେସନଗୁଡ଼ିକର ବକେୟା ଋଣର ଅଂଶ ୩୬.୫ % ରହିଛି। ସେହିପରି ଜମା ଗ୍ରହଣକାରୀ କର୍ପୋରେସନ (କେନ୍ଦ୍ରୀୟ ବ୍ୟାଙ୍କ ବ୍ୟତୀତ) (୨୭.୮ %), କେନ୍ଦ୍ର ସରକାର (୨୨.୧ %) ଏବଂ ଅନ୍ୟାନ୍ୟ ଆର୍ଥିକ କର୍ପୋରେସନ (୮.୭ %) ରହିଛି।

ସମ୍ପ୍ରତି ଦେଶର ଆର୍ଥିକ ସ୍ଥିତିକୁ ନେଇ ଅର୍ଥନୈତିକ ବିଶାରଦମାନେ ଚିନ୍ତାବ୍ୟକ୍ତ କରିଥିବା ସମୟରେ ବିଭିନ୍ନ ରାଜ୍ୟଗୁଡ଼ିକର ମାଗଣା ବଣ୍ଟନ ବ୍ୟବସ୍ଥା ପରିସ୍ଥିତିକୁ ଆହୁରି ବିକଟ କରିବ ବୋଲି ଆକଳନ କରିଛନ୍ତି। ନିର୍ବାଚନ ସମୟରେ ▶ପୃଷ୍ଠା-୭

# ପୁଣି ଅଶାନ୍ତ ହେଲା ମଣିପୁର

## ମଇତି ନେତାଙ୍କ ଗିରଫଦାରି ବିରୋଧରେ ହିଂସା

■ **ଇମ୍ଫାଲ, ୮।୬ (ଏଜେନ୍ସି):** ପୁଣି ଅଶାନ୍ତ ହେଲା ମଣିପୁର। ମଇତି ସଂଗଠନର ଜଣେ ନେତାଙ୍କୁ ଗିରଫ କରାଯାଇଥିବାରୁ ଏହାର ବିରୋଧ କରି ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି। ଅନେକ ସ୍ଥାନରେ କର୍ଫ୍ୟୁ ଜାରି କରାଯିବା ସହିତ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି। ରାଜ୍ୟପାଳ ପରିସ୍ଥିତିର ସମୀକ୍ଷା କରିବା ସହିତ ଉତ୍ତେଜନାପ୍ରବଣ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଅରମବାଇ ଟେଙ୍ଗୋ ନାମକ ମଇତି ସଂଗଠନର ନେତା କନନ ସିଂହଙ୍କୁ ଗତକାଲି ସିବିଆଇ ଗିରଫ କରିବା ପରେ ମଣିପୁରରେ ସାନି ଉତ୍ତେଜନା ପ୍ରକାଶ ପାଇଛି। ୨୦୨୩ ମଣିପୁର ହିଂସା ବେଳେ ସେ ଅନେକ ଅପରାଧିକ କାର୍ଯ୍ୟକଳାପରେ ସଂପୃକ୍ତ ଥିବାରୁ ସିବିଆଇ ତାଙ୍କୁ ଗିରଫ କରିଛି। ଇମ୍ଫାଲରେ ଗିରଫ କରିବା ପରେ ତାଙ୍କୁ ଗୌହାଟି ନିଆଯାଇଛି। ଆଜି ତାଙ୍କୁ କୋର୍ଟରେ ହାଜର କରାଯିବ। ଏହାକୁ ବିରୋଧ କରିବା ସହିତ ତାଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ବିଭିନ୍ନ ମଇତି ସଂଗଠନ ପକ୍ଷରୁ ରାଜଧାନୀ ସମେତ ଅନେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାସ୍ତା ଅବରୋଧ ସହିତ ସେମାନେ ପୁଲିସ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଛନ୍ତି। ସେମାନଙ୍କୁ ଘଉଡ଼ାଇବା ଲାଗି ପୁଲିସ ବିମାନବନ୍ଦର ଓ ରାଜଭବନ ପାଖରେ ଲାଠିମାଡ଼ କରିଛି। ଏଥିରେ କେତେ ଲୋକ ▶ପୃଷ୍ଠା-୭



**ପୁଲିସ ସହ ସଂଘର୍ଷ ପରେ କର୍ଫ୍ୟୁ, ଇଣ୍ଟରନେଟ ବନ୍ଦ**

**ଆଜିଠାରୁ ୧୦ ଦିନିଆ ବନ୍ଦ ପାଳନ**

## ବଡ଼ଦାଣ୍ଡରେ ଆମିଷ, ମଦ ମନା



■ **ପୁରୀ, ୮।୬ (ସମିସ):** ମଦ ଓ ଆମିଷମୁକ୍ତ ହେବ ବଡ଼ଦାଣ୍ଡ। ଶ୍ରୀକ୍ଷେତ୍ର ପୁରୀକୁ ତୀର୍ଥାଟନ(ତୀର୍ଥ ଓ ପର୍ଯ୍ୟଟନ) ସହର ଭାବେ ଗଢ଼ିତୋଳିବାର ଉଦ୍ୟମ ସ୍ୱରୂପ ଏଭଳି ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି ରାଜ୍ୟ ସରକାର। ଏହି କ୍ରମରେ ଶ୍ରୀମନ୍ଦିରର ୨ କିଲୋମିଟର ପରିଧି ସହ ସମ୍ପୂର୍ଣ୍ଣ ବଡ଼ଦାଣ୍ଡରେ ମଦ ଓ ଆମିଷ ବିକ୍ରି ଉପରେ କଟକଣା ଲଗାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ସେହିପରି ଶ୍ରୀକ୍ଷେତ୍ର ଧାମକୁ ୟୁନିଫର୍ମ ଲୁକ୍ ଦେବାର ପ୍ରୟାସ ବି ଆରମ୍ଭ ହୋଇଛି। ଅର୍ଥାତ୍ ସବୁ କୋଠାବାଡ଼ିର ଗୋଟିଏ ରଙ୍ଗ, ଗୋଟିଏ ଉଚ୍ଚତା, ଏକାଭଳି ନିର୍ମାଣ ଶୈଳୀ ରହିବ। ଫଳରେ ଭକ୍ତମାନେ ପୁରୀକୁ ଆସିଲେ, ଏକ ଭିନ୍ନ ଅନୁଭବ ପାଇବେ ବୋଲି ମନ୍ତ୍ରୀ କହିଛନ୍ତି। ଶ୍ରୀକ୍ଷେତ୍ରକୁ ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରିବାକୁ ଏ ଉଦ୍ୟମ କେବେଠୁ ଏବଂ କିଭଳି ଫଳପ୍ରଦ ଢଙ୍ଗରେ କାର୍ଯ୍ୟକାରୀ ହେଉଛି, ଏବେ ତା'ଉପରେ ନଜର।

## ଗୁଣିଆ ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା କରି ପୋଡ଼ିଦେଲେ



■ **ମୋହନା, ୮।୬ (ସମିସ):** ଗୁଣିଆ ସନ୍ଦେହରେ ଜଣେ ବୃଦ୍ଧଙ୍କୁ ହତ୍ୟା କରି ପୋଡ଼ିଦେଲେ। ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ କୁଇହୁରୁ ଗାଁରେ ଏଭଳି ଏକ ଜଘନ୍ୟ ଘଟଣା ଘଟିଛି। ମୃତକ ହେଲେ, କାମ୍ବି ମଳିକ (୬୦)। ଗତ ମଙ୍ଗଳବାର ଘଟିଥିବା ଏହି ହତ୍ୟାକାଣ୍ଡ ଆଜି ପଦାକୁ ଆସିବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି କାମ୍ବିଙ୍କ ହାଡ଼, ପାଉଁଶ ଜବତ କରିଛି।

**୮ ଅଟକ; ଗିରଫ ଭୟରେ ଗାଁ ପୁରୁଷଶୂନ୍ୟ**

ଏହି ଘଟଣାରେ ପୁଲିସ୍ ଗ୍ରାମର ୮ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନଙ୍କ ମଧ୍ୟରେ ୬ଜଣ ମହିଳା ଥିବା ବେଳେ ୨ଜଣ ପୁରୁଷ ରହିଛନ୍ତି ବୋଲି ଥାନା ଅଧିକାରୀ ବସନ୍ତ ସେଠୀ ସୂଚନା ଦେଇଛନ୍ତି। ଅପରପକ୍ଷେ, ଗିରଫଦାରୀ ଭୟରେ ପୂରା ଗାଁ ପୁରୁଷଶୂନ୍ୟ ହୋଇଯାଇଥିବା ଜଣାଯାଇଛି।

ସୂଚନାନୁଯାୟୀ, କାମ୍ବି ଗାଁରେ ଝଡ଼ାଫୁଙ୍କା କରିବା ସହ ଚେରମୂଳି ଔଷଧ ଦେଉଥିଲେ। କିନ୍ତୁ, ସେ ଗୁଣି କରୁଥିବା ଗାଁର କିଛି ଲୋକ ଅଭିଯୋଗ କରି ଆସୁଥିଲେ। ଗତ ମଙ୍ଗଳବାର ରାତିରେ ▶ପୃଷ୍ଠା-୭

### ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ; ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

## ସ୍ନାନ ପୂର୍ଣ୍ଣିମା ଯାଏଁ ଗୁଳୁଗୁଳି

■ **ଭୁବନେଶ୍ୱର, ୮।୬ (ସମିସ):** ରାଜ୍ୟରେ ଅସହ୍ୟ ଗରମ ଓ ଗୁଳୁଗୁଳି ଜାରି ରହିଛି। ତାପମାତ୍ରା ବୃଦ୍ଧି ସହ ବାୟୁମଣ୍ଡଳରେ ରହୁଥିବା ଆର୍ଦ୍ରତା ପରିମାଣ ଏପରି ସ୍ଥିତି ସୃଷ୍ଟି କରିଛି। ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ। ଏମିତି କି ଆସନ୍ତା ୧୦ ତାରିଖ ଆଡ଼କୁ କିଛି କିଛି ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ ଅତିକ୍ରମ କରିବ। ଫଳରେ ସ୍ନାନ ପୂର୍ଣ୍ଣିମା ଯାଏଁ ଉପକୂଳ ଓଡ଼ିଶାରେ ଭୀଷଣ ତାତି ଓ ଗୁଳୁଗୁଳି ଅନୁଭୂତ ହେବ। ଯଦିଓ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି, ମାତ୍ର ଏହାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ରହିବ ନାହିଁ। ଏହି ଘୂର୍ଣ୍ଣିବଳୟଟି ତାମିଲ୍‌ନାଡୁମୁହାଁ ହୋଇପାରେ। ତେଣୁ ଏହାଦ୍ୱାରା ସାରା ଓଡ଼ିଶା ନୁହେଁ; କେବଳ ଦକ୍ଷିଣ ଓଡ଼ିଶାର ଅଳ୍ପ କିଛି ଜିଲ୍ଲାରେ ବର୍ଷା ହୋଇପାରେ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆଗାମୀ ତିନି ଦିନ ପାଇଁ ତାପମାତ୍ରାରେ ଆହୁରି ବୃଦ୍ଧି ଘଟିବ। ବିଶେଷକରି ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ଓ ଉପକୂଳରେ ଗୁଳୁଗୁଳି ବଢ଼ିବ। ଆଗାମୀ ତିନି ଦିନ ଧରି ତାପମାତ୍ରା ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ବୃଦ୍ଧି ଘଟିବା ଯୋଗୁଁ କିଛି ▶ପୃଷ୍ଠା-୭

**ଆର୍‌ଆଇ, ଅମିନ ଓ ଏଲ୍‌ଆଇ ନିଯୁକ୍ତି ପ୍ରସଙ୍ଗ**

## ଦେଢ଼ବର୍ଷ ହେଲା ଅପେକ୍ଷାରେ ଆଶାୟୀ

■ **ଭୁବନେଶ୍ୱର, ୮।୬ (ସମିସ):** ବହୁଚର୍ଚ୍ଚିତ ଆର୍‌ଆଇ, ଏଆର୍‌ଆଇ ଓ ଲାଇଭଷ୍ଟକ୍ ଇନ୍ସପେକ୍ଟର (ଏଲ୍‌ଆଇ) ପ୍ରିଲିମିନାରୀ ପରୀକ୍ଷାରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ପାସ୍ କରିଦେବା ପରେ ମୁଖ୍ୟ ଲିଖିତ ପରୀକ୍ଷା କେବେ ଏବଂ କେଉଁ ମାଧ୍ୟମରେ ହେବ, ସେନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ପ୍ରିଲିମିନାରୀ ପରୀକ୍ଷା ଅନ୍‌ଲାଇନ୍‌ରେ ହୋଇଥିବା ବେଳେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା। ଫଳରେ ମୁଖ୍ୟ ଲିଖିତ ପରୀକ୍ଷା ଅନ୍‌ଲାଇନ୍ ନା ଅଫଲାଇନ୍‌ରେ ହେବ, ସେନେଇ ଆଶାୟୀଙ୍କ ମଧ୍ୟରେ କଳ୍ପନାଜଳ୍ପନା ଲାଗି ରହିଛି। ଅପରପକ୍ଷେ, ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ମଧ୍ୟ ଏନେଇ କୌଣସି ସ୍ପଷ୍ଟ ସୂଚନା ଦେଉନାହିଁ। ଫଳରେ ଦେଢ଼ବର୍ଷ ଧରି ପ୍ରସ୍ତୁତି କରୁଥିବା ଆଶାୟୀଙ୍କ ମଧ୍ୟର ଅସନ୍ତୋଷ ଘନୀଭୂତ ହେବାରେ ଲାଗିଛି।

**ଗୋଟିଏ ସିଫ୍ଟରେ ଅଫ୍‌ଲାଇନ୍ ପରୀକ୍ଷା କରିବାକୁ ଦାବି**

**ତ୍ୱରିତ ପଦକ୍ଷେପ ନନେଲେ ବିଧାନସଭା ଘେରଉ ଚେତାବନୀ**

୨୦୨୩ ଡିସେମ୍ବରରେ ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଏଲ୍‌ଆଇ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରାୟ ୨୮ଶହ ପଦ ପାଇଁ ପାଖାପାଖି ୪ଲକ୍ଷ ଆଶାୟୀ ଆବେଦନ କରିଥିଲେ। ଏହାର ୯ ମାସ ପରେ ଅର୍ଥାତ୍ ୨୦୨୪ ସେପ୍ଟେମ୍ବରରେ ପରୀକ୍ଷା ହୋଇଥିଲା। ଅନଲାଇନ୍‌ରେ ପ୍ରିଲିମିନାରୀ ପରୀକ୍ଷା ଅବ୍ୟବସ୍ଥିତ ଭାବେ ବିଭିନ୍ନ ସାଇବର୍ କାଫେ ଓ କମ୍ପ୍ୟୁଟର୍ ସେଣ୍ଟର୍‌ରେ ହୋଇଥିଲା। ପରୀକ୍ଷା ମଝିରେ ସର୍ଭର ଡାଉନ୍ ହେବା ଓ କିଛି ସ୍ଥାନରେ ପରୀକ୍ଷା ସରିବା ପରେ ସମାନ ପ୍ରଶ୍ନପତ୍ରରେ ଅନ୍ୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବା ନେଇ ଆଶାୟୀମାନେ ବ୍ୟାପକ ଆନ୍ଦୋଳନ କରିଥିଲେ। ପରୀକ୍ଷକମାନେ ବିନା ପରିଚୟପତ୍ରରେ ପରୀକ୍ଷା କେନ୍ଦ୍ରରେ ରହିବା ଏବଂ ପରୀକ୍ଷା କେନ୍ଦ୍ରରୁ ନକଲି ମାଲିକ ଗିରଫ ହେବା ଘଟଣାକୁ ଅଧିକ ସମ୍ବେଦନଶୀଳ କରିଥିଲା। କମ୍ପ୍ୟୁଟର୍‌ରେ ସ୍ୱତଃପ୍ରବୃତ୍ତ ଭାବେ ମାଉସ୍ ଚାଲିବାରୁ ସିଷ୍ଟମ୍ ହ୍ୟାକ୍ କରି ଚାକିରି ବିକ୍ରି କରିବାକୁ ଯୋଜନା ହୋଇଥିବା ଅଭିଯୋଗ କରି ▶ପୃଷ୍ଠା-୭

# ରାଜ୍ୟରେ ଦିନକୁ ୧୫ ଦୁଷ୍କର୍ମ

### ୧୦ ମାସରେ ସାଢେ ୪ହଜାର ମାମଲା ରୁଜୁ

### ଘରୁ ଗୋଡ଼ କାଢ଼ିବାକୁ ଡରିଲେଣି ମହିଳା



■ **ଭୁବନେଶ୍ୱର, ୮।୬ (ସମିସ):** ରାଜ୍ୟରେ ଏବେ ମହିଳା ଅସୁରକ୍ଷିତ। ରାତି କ'ଣ ଦିନରେ ବି ଘରୁ ବାହାରିବାକୁ ଡରିଲେଣି ମହିଳା। ଗତ ୧୦ ମାସରେ ରାଜ୍ୟର ବିଭିନ୍ନ ଥାନାରେ ସାଢ଼େ ଚାରି ହଜାର ଦୁଷ୍କର୍ମ ମାମଲା ରୁଜୁ ହେଲାଣି। ହିସାବ କଲେ ହାରାହାରି ଦିନକୁ ୧୫ଟି ଦୁଷ୍କର୍ମ ଘଟଣା ଘଟୁଛି। ବିଶେଷ କରି ଗଞ୍ଜାମ, ଖୋର୍ଦ୍ଧା, କନ୍ଧମାଳ, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ଘଟଣା ଘଟିଥିବା ଅଭିଯୋଗ ହୋଇଛି। କିଛି ମାମଲାରେ ଅଭିଯୁକ୍ତ ଗିରଫ ହୋଇଥିଲେ ହେଁ ଅଧିକାଂଶ ମାମଲାରେ ଅଭିଯୁକ୍ତମାନେ ଏବେ ବି ଧରାଛୁଆଁ ବାହାରେ। ପୁଲିସର କାର୍ଯ୍ୟାନୁଷ୍ଠାନ ଓ ଦଣ୍ଡବିଧାନରେ ବିଳମ୍ବ ଯୋଗୁଁ ଅଭିଯୁକ୍ତମାନେ ଖସିଯିବାକୁ ସକ୍ଷମ ହେଉଛନ୍ତି ଏବଂ ଅପରାଧ ଉପରେ ନିୟନ୍ତ୍ରଣ ରଖାଯାଇ ପାରୁନାହିଁ।

ଗତ ୭୨ ଘଣ୍ଟା ଭିତରେ ନାବାଳିକାଙ୍କୁ ଗଣଦୁଷ୍କର୍ମ, ହତ୍ୟା ଓ ଅପହରଣ ଖବର ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ଦୁଇ ଦିନ ତଳେ ବ୍ରହ୍ମପୁରରେ ଦୁଇ ଜଣ ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲା ରାଜ୍ୟକୁ ସ୍ତବ୍ଧ କରି ଦେଇଛି। ଗୋଳନ୍ଥରା ଥାନା ଅଞ୍ଚଳର ଦୁଇ ନାବାଳିକାଙ୍କୁ ୪ଜଣ ଗଣଦୁଷ୍କର୍ମ କରିବା ପରି ଜଘନ୍ୟ ଘଟଣା ଘଟିଛି। ଅନୁରୂପ ଭାବରେ ବରଗଡ଼ ସଦର ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି। ମାମୁଘରକୁ ଯାଇ ନିଖୋଜ ଥିବା ନାବାଳିକାକୁ ଜଣେ ଯୁବକ ଗୁରୁତର ଅବସ୍ଥାରେ ସୋହେଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁରରେ ଜଣେ ପୁଲିସ କର୍ମଚାରୀ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ସାଙ୍ଘାତିକ ଅଭିଯୋଗ ହୋଇଛି। ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ କନେଷ୍ଟବଳଙ୍କୁ ଗିରଫ କରିଛି ସମ୍ବଲପୁର ପୁଲିସ। ଭଦ୍ରକ ଜିଲ୍ଲା ପୀରହାଟ ଥାନା ଅଞ୍ଚଳ କାନିସାହି ଓ ହରିପୁର ଗାଁରୁ ଦୁଇ ଜଣ ନାବାଳିକାଙ୍କୁ ଅପହରଣ ଘଟଣାରେ ପୁଲିସ ହାତବାନ୍ଧି ବସିଥିବା ଅଭିଯୋଗ ହୋଇଛି। ଏପରିକି ଅପହରଣକାରୀଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରି ସମ୍ପୃକ୍ତ ନାବାଳିକାଙ୍କ ପରିବାର ଥାନା ଆଗରେ ଆତ୍ମହତ୍ୟା କରିବାକୁ ଚେତାବନୀ ▶ପୃଷ୍ଠା-୭

### ପାଇଖାନା ଟାଙ୍କି କାମ ବେଳେ ଅଘଟଣ

## ବିଦ୍ୟୁତ୍ ଆଘାତରେ ୩ ଶ୍ରମିକ ମୃତ

■ **ଖଇରା, ୮।୬ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ଥାନା ଝିଙ୍କିରିଆ ପଞ୍ଚାୟତ ଅଧୀନ ଗଗନଧୂଳି ଗ୍ରାମରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ନବନିର୍ମିତ ପାଇଖାନା ଟାଙ୍କିରେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ଖଇରା ବ୍ଲକ୍ ବଡ଼ଜୟୀପୁର ପଞ୍ଚାୟତ ତେନ୍ତୁଳିଆ ଗ୍ରାମର ନରହରି ବେହେରା (୬୨) ଏବଂ ଗଗନଧୂଳି ଗ୍ରାମର ବାବାଜୀ ମାଝୀ (୪୩) ଓ ହରେକୃଷ୍ଣ ଦାସ (୩୨)। ପୁଲିସ୍ ଶବଗୁଡ଼ିକୁ ବ୍ୟବଚ୍ଛେଦ ଲାଗି ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ସାମନ୍ତରାୟ, ତହସିଲଦାର ଅମିତ ରଞ୍ଜନ ହୋତା, ଅତିରିକ୍ତ ତହସିଲଦାର ଗଦାଧର ସେଠୀ, ଖଇରା ବିଡିଓ ନାରାୟଣ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।



ସୂଚନାନୁଯାୟୀ, ହରେକୃଷ୍ଣଙ୍କ ଘରେ ଏକ ପାଇଖାନା ଟାଙ୍କି ନିର୍ମାଣ ଚାଲିଥିଲା। ପାଇଖାନା ଛାତ ସେଣ୍ଟ୍ରିଂ ଖୋଲିବାକୁ ଆଜି ନରହରି, ବାବାଜୀ ଓ ହରେକୃଷ୍ଣ ଭିତରକୁ ଯାଇଥିଲେ। ଏହି ସମୟରେ ଟାଙ୍କି ଭିତରକୁ ଯାଇଥିବା ବିଦ୍ୟୁତ୍ କଟର୍‌ର ତାରଟି କୌଣସି ▶ପୃଷ୍ଠା-୭




ସକାଳ
THE SAKALA
www.sakalaepaper.com

# ବିହାର ବିଧାନସଭା ନିର୍ବାଚନ ଲଢ଼ିବେ ଚିରାଗ ପାଶ୍ୱାନ୍



ନୂଆଦିଲ୍ଲୀ,୮ ।୬(ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ତଥା ଲୋକ ଜନଶକ୍ତି ପାର୍ଟି ମୁଖ୍ୟ ଚିରାଗ ପାଶ୍ୱାନ ଏଥର ବିହାର ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହେବେ। ଆସନ୍ତା ଅକ୍ଟୋବର ଓ ନେଭେମ୍ବର ମାସରେ ବିହାରରେ ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି। ଭୋଜପୁର ଜିଲ୍ଲାର ଆରାଠାରେ ଏକ ଜନସଭାକୁ ସମ୍ବୋଧିତ କରୁଥିବା ବେଳେ ଚିରାଗ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି। ବିହାରରେ ନୁହଁ ବିହାର ଓ ତା'ର ଲୋକଙ୍କ ପାଇଁ ନିର୍ବାଚନ ଲଢ଼ିବି ବୋଲି ସେ କହିଛନ୍ତି। ବାପା ରାମବିଳାଶ ପାଶୱାନଙ୍କ ସ୍ୱପ୍ନକୁ ସାକାର କରିବାକୁ ପ୍ରୟାସ କରିବି। ବିହାରରେ ପରିବର୍ତ୍ତନ ଆଣିବାକୁ ପ୍ରଥମେ ବିହାର ଓ ବିହାରୀ ଭାବେ କାର୍ଯ୍ୟ କରିବି। ନିର୍ବାଚନରେ ଏନ୍‌ଡିଏକୁ ଜିତାଇବା ମୋର ମୂଳ ଲକ୍ଷ୍ୟ। ତେବେ ସେ କେଉଁଠାର ନିର୍ବାଚନ ଲଢିବେ ତାହା ଲୋକଙ୍କ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି। ଲୋକସଭାରେ ଏଲ୍‌ଜେପିର ୫ଜଣ ସାଂସଦ ରହିଛନ୍ତି। ଚିରାଗ ଏବେ ହାଜିପୁରରେ ସାଂସଦ ରହିଛନ୍ତି।

# ତହସିଲଦାରଙ୍କ ଉପରକୁ ରାଗରେ ଫୁଲତୋଡ଼ା ଫୋପାଡ଼ିଲେ ଆନ୍ଧ୍ର ମନ୍ତ୍ରୀ

ହାଇଦରାବାଦ୍,୮ ।୬(ଏଜେନ୍ସି): ଆନ୍ଧ୍ରପ୍ରଦେଶ ପଛୁଆବର୍ଗ ବିଭାଗ ମନ୍ତ୍ରୀ ସବିତା ଏସ୍‌ଙ୍କ ଏକ ଅସ୍ୱାଭିକ ଆଚରଣକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ସେ ରାଗରେ ଜଣେ ଜିଲ୍ଲା ତହସିଲଦାରଙ୍କ ଉପରେ ଫୁଲତୋଡା ଫୋପାଡିଛନ୍ତି। ଏହା ୩ଦିନ ପୂର୍ବର ଘଟଣା। ତେବେ ଏହାର ଭିଡିଓ ରବିବାର ଭାଇରାଲ ହୋଇଛି। ମନ୍ତ୍ରୀ ସବିତା ଏକ ପେନ୍‌ସନ ବିତରଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଏହି ଘଟଣା ଘଟିଥିଲା। ସବିତା ଜିଲ୍ଲା ତହସିଲଦାର ପ୍ରଭାବତୀଙ୍କୁ କେତେ ସଂଖ୍ୟାରେ ମାଗଣା ଗ୍ୟାସ ସିଲିଣ୍ଡର ବଣ୍ଟାଯାଇଛି ବୋଲି ପ୍ରଶ୍ନ କରିଥିଲେ। ତେବେ ସଠିକ୍ ଉତ୍ତର ନ ମିଳିବା ଫଳରେ ସେ ରାଗିଯାଇ ଦିଆଯାଥିବା ଏକ ଫୁଲତୋଡ଼ାକୁ ଅଧିକାରୀଙ୍କ ଉପରେକୁ ଫୋପାଡି ଥିଲେ। ସେହି ଫୁଲତୋଡାକୁ ପ୍ରଭାବତୀ ହିଁ ସବିତାଙ୍କୁ ଦେଇଥିଲେ। ତେବେ ଏହି ଘଟଣାରେ ମନ୍ତ୍ରୀ କିମ୍ବା ଜିଲ୍ଲା ପ୍ରଶାସନ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

# କଲମ୍ବିଆରେ ଶକ୍ତିଶାଳୀ ଭୂକମ୍ପ: ରାସ୍ତାକୁ ଦୌଡ଼ିଲେ ଲୋକେ

ବୋଗୋଟା,୮ ।୬(ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଶନିବାର ରାଜଧାନୀ ବୋଗୋଟାରେ ୬.୩ ମାଗ୍ନେଚ୍ୟୁଡ୍‌ର ଏହି ଭୂକମ୍ପ ପ୍ରଭାବରେ ସାରା ଦେଶ ଆତଙ୍କିତ ହୋଇଥିଲା। ତେବେ ଏଥିରେ କେତେ କ୍ଷୟକ୍ଷତି ହୋଇଛି ସେ ନେଇ କିଛି ସୂଚନା ମିଳିନାହିଁ। ଭୂକମ୍ପର ଝଟ୍‌କା ପରେ ଲୋକମାନେ ଘରୁ ବାହରିବାକୁ ପ୍ରୟାସ କରି ରାସ୍ତା ଉପରକୁ ଚାଲିଆସିଥିଲେ। ମାଟିର ୧୦ କିମି ତଳେ ହିଁ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା। ଉଲ୍ଲେଖଥାଉ କି, କେନ୍ଦ୍ରୀୟ କଲମ୍ବିଆ ହାଇ ସେସ୍‌ମିକ୍ ଜୋନରେ ଅବସ୍ଥିତ। ପୂର୍ବରୁ ୧୯୯୯ରେ ଏଠାରେ ୬.୨ ମାଗ୍ନେଚ୍ୟୁଡର ଭୂକମ୍ପ ଅନୁଭୂତ ହୋଇଥିଲା ଓ ଏଥିରେ ୧୨,୦୦ ଲୋକ ପ୍ରାଣ ହରାଇଥିଲେ।

# କାନାଡ଼ାରେ ସାମ୍ବାଦିକଙ୍କୁ ଖଲିସ୍ତାନୀ ସମର୍ଥକଙ୍କ ଆକ୍ରମଣ



ମଣ୍ଟ୍ରିଲ୍,୮ ।୬(ଏଜେନ୍ସି): କାନାଡାରେ ରବିବାର ଖଲିସ୍ତାନୀ ସମର୍ଥକମାନେ ମୋଚା ବେଜିରଗାନ ନାମକ ଜଣେ ସମ୍ବାଦିକଙ୍କୁ ଆକ୍ରମଣ କରିଛନ୍ତି। ଭାଙ୍କୋଭରରେ ଏକ ରାଲିରେ ରିପୋର୍ଟିଂ କରୁଥିବାବେଳେ କେତେଜଣ ଦୁର୍ବୃତ ତାଙ୍କୁ ଶାରିରୀକ ଭାବେ ଆକ୍ରମଣ କରିବା ସହ ବିଭିନ୍ନ ଧମକ ଚମକ ଦେଇଥିଲେ। ଖଲିସ୍ତାନ ବିକ୍ଷୋଭ ସମ୍ପର୍କିତ କେତେକ ଖବର ପରିବେଷଣ ତଥା ନିଜର ଏଡିଟୋରିଆଲ ଲେଖା ପାଇଁ ତାଙ୍କୁ ଆକ୍ରମଣ କରାଯାଇଛି ବୋଲି ବେଜିରଗାନ କହିଛନ୍ତି। ଏହି ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ଗତ ଏକବର୍ଷ ହେବ ତାଙ୍କର ପିଛା କରୁଥିଲା। ମୋ ସହ ମାଡ଼ପିଟ୍ କରିବା ସହ ସେମାନେ ଫୋନ୍ ଛଡାଇ ନେଇଥିଲେଓ ଏହି ସବୁ ଘଟଣା ପୁଲିସ୍ ସମ୍ମୁଖରେ ଘଟିଥିଲା ବୋଲି ସେ କହିଛନ୍ତି। ଆକ୍ରମଣ କରିଥିବା ବ୍ୟକ୍ତି କାନାଡାର ନୁହଁ ସେ ୟୁନାଇଟେଡ କିଙ୍ଗ୍‌ଡମ (ୟୁକେ)ର ନାଗରିକ।

# ତେଲଙ୍ଗାନା କ୍ୟାବିନେଟର ସଂପ୍ରସାରଣ

ହାଇଦରାବାଦ୍,୮ ।୬(ଏଜେନ୍ସି): ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ନେତୃତ୍ୱରେ ରବିବାର ତେଲଙ୍ଗାନା କ୍ୟାବିନେଟ୍‌ର ସଂପ୍ରସାରଣ ହୋଇଛି। ସ୍ଥାନୀୟ ରାଜଭବନରେ ୩ କଂଗ୍ରେସ ବିଧାୟକ ଯଥା ଜି ବିବେକ ଭେଙ୍କଟସ୍ୱାମୀ, ଅଦଲୁରୀ ଲକ୍ଷ୍ମଣ କୁମାର ଓ ଭକିଟି ଶ୍ରୀହରୀଙ୍କୁ ନୂଆ ମନ୍ତ୍ରୀ ଭାବେ କ୍ୟାବିନେଟ୍‌ରେ ସାମିଲ କରାଯାଇଛି। ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମନ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ୩ ମନ୍ତ୍ରୀଙ୍କର ଶପଥପାଠ କରାଇଥିଲେ। ସୋସିଆଲ ଜଷ୍ଟିସ୍ ଅର୍ଥାତ ସାମାଜିକ ନ୍ୟାୟ ପ୍ରଦାନକୁ ଆହୁରି ଦୃଢ଼ କରିବାକୁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହି ଅବସରରେ ଅନ୍ୟ କ୍ୟାବିନେଟ ମନ୍ତ୍ରୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ତେଲଙ୍ଗାନା କଂଗ୍ରେସ ମୁଖ୍ୟ ବି ମହେଶ କୁମାର ଗୌଡ଼ା ଓ ଦିଲ୍ଲୀର କଂଗ୍ରେସ ହାଇକମାଣ୍ଡଙ୍କ ସହ ଏକାଧିକ ପର୍ଯ୍ୟାୟର କଥାବାର୍ତ୍ତା ପରେ କ୍ୟାବିନେଟର ସଂପ୍ରସାରଣ କରାଯାଇଛି ବୋଲି କୁହାଯାଇଛି। ଏଥିସହ କ୍ୟାବିନେଟ ମନ୍ତ୍ରୀଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ଏବେ ମଧ୍ୟ ଆହୁରି ୩ଟି ସ୍ଥାନ ଖାଲି ପଡିଛି।

# ଲସ୍ ଏଞ୍ଜେଲ୍ସରେ ହିଂସକ ପ୍ରଦର୍ଶନ



**ଅବୈଧ ପ୍ରବାସୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ବିରୋଧ**

ଲସ୍ ଏଞ୍ଜେଲ୍ସ,୮ ।୬(ଏଜେନ୍ସି): ଅବୈଧ ପ୍ରବାସୀ ତଥା ଅନୁପ୍ରବେଶକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଆମେରିକାରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଆମେରିକାର କାଲିଫର୍ଣ୍ଣିଆ ପ୍ରଦେଶର ଲସ୍ ଏଞ୍ଜେଲ୍ସଠାରେ ଦୁଇଦିନ ଧରି ଚାଲିଥିବା ଏହି ପ୍ରଦର୍ଶନରେ ବିକ୍ଷୋଭକାରୀମାନେ ହିଂସକ ହୋଇଛନ୍ତି। ଭାରତୀୟ ସମୟ ଅନୁସାରେ ବିକ୍ଷୋଭକାରୀମା ।ନେ ରବିବାର ସକାଳେ ପୁଲିସ ଉପରକୁ ପଥର ଓ ବାଣ ଫୋପାଡିଥିଲେ। ସେମାନେ ନିରାପତ୍ତାରକ୍ଷୀ ଓ ଇମିଗ୍ରେସନ ଆଣ୍ଡ କଷ୍ଟମ ଏନଫୋର୍ସମେଣ୍ଟ (ଆଇସିଇ) ଉପରେ ମଧ୍ୟ ଆକ୍ରମଣ କରିବା ସହ ଲୁହବୁହା ଗ୍ୟାସ ଓ ପେଟ୍ରୋଲବମ୍ ଫୋପାଡିଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୦୦ ନ୍ୟାସନାଲ ଗାର୍ଡଙ୍କୁ ସେଠାକୁ ପଠାଇଛନ୍ତି। ଏଠାରେ ଗତ ୬-୭ ଦିନ ହେବ ସରକାର ଅନୁପ୍ରବେଶକାରୀଙ୍କ ବିରୋଧ ।ରେ ଅଭିଯାନ ଚଳାଇଥିଲେ। ଏବେ ଏହାକୁ ପ୍ରବଳମାତ୍ରାରେ ବିରୋଧ କରାଯାଉଛି। ପ୍ରତିଦିନ ପାଖାପାଖି ୧୬୦୦ ଅନୁପ୍ରବେଶକାରୀଙ୍କୁ ଧରାଯାଉଛି। ହିଂସାକୁ ନିୟନ୍ତ୍ରଣ କରିବାରେ ନ୍ୟାସନାଲ ଗାର୍ଡ ସକ୍ଷମ ହୋଇଛନ୍ତି ଓ ଟ୍ରମ୍ପ ଏମାନଙ୍କୁ ପ୍ରଶଂସା କରିଛନ୍ତି। ଏହି ଘଟଣାକୁ ନିୟନ୍ତ୍ରଣ କରିବାରେ ଯଦି ରାଜ୍ୟ ସରକାର ବିଫଳ ହୁଅନ୍ତି, ତେବେ କେନ୍ଦ୍ର ସରକାର ସ୍ଥିତି ହାତକୁ ନେବେ ବୋଲି ଟ୍ରମ୍ପ ଚେତାବନୀ ଶୁଣାଇଛନ୍ତି।

# ମସ୍କଙ୍କୁ ଧମକ ଦେଲେ ଟ୍ରମ୍ପ

## ବିରୋଧୀଙ୍କୁ ସମର୍ଥନ କଲେ ପରିଣାମ ଭୟଙ୍କର ହେବ

ୱାସିଂଟନ, ୮।୬: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଶିଳ୍ପପତି ଏଲନ ମସ୍କଙ୍କୁ ନେଇ ଆମେରିକା ରାଜନୀତିରେ ହଟଚମଟ ଜାରି ରହିଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପ ଆଜି ମସ୍କଙ୍କୁ ଧମକ ଦଇଛନ୍ତି। କହିଛନ୍ତି ଯେ ଆସନ୍ତା ନିର୍ବାଚନରେ ବିରୋଧୀ ଦଳ ଡେମୋକ୍ରାଟ ପାର୍ଟିକୁ ମସ୍କ ଆର୍ଥିକ ସହାୟତା ଦେଲେ ଶିଳ୍ପପତିଙ୍କୁ ଭୟଙ୍କର ପରିଣତିର ସାମନା କରିବାକୁ ପଡ଼ିବ। ତେବେ ଏହି ଭୟଙ୍କର ପରିଣତି କଣ ହେବ, ତାହା ସେ ସ୍ପଷ୍ଟ କରି ନାହାନ୍ତି। ଟ୍ରମ୍ପଙ୍କୁ ବିରୋଧ କରି ଆମେରିକା ପାର୍ଟି ନାମରେ ନୂଆ ପାର୍ଟି ଗଠନ କରିବା ଲାଗି ମସ୍କ ସୂଚନା ଦେବାପରେ ତାଙ୍କ ଉପରେ କ୍ଷୁବ୍ଧ ହୋଇ ଟ୍ରମ୍ପ ଏଭଳି ଧମକ ଦେଇଥିବା କୁହାଯାଉଛି।



ଆମେରିକା ସଂସଦରେ ବଜେଟ ବିଲ୍ ଅନୁମୋଦନକୁ ନେଇ ଟ୍ରମ୍ପ ଓ ମସ୍କଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇଛି। ଏହି ବିଲ୍ ସପକ୍ଷରେ ଟ୍ରମ୍ପ ଦୃଢ଼ ଯୁକ୍ତି ଦର୍ଶାଇଥିବା ବେଳେ ଏହାର ଘୋର ବିରୋଧ କରୁଛନ୍ତି ମସ୍କ। ଏହି କାରଣରୁ ଟ୍ରମ୍ପଙ୍କ ଠାରୁ ଦୂରେଇ ଯାଇଛନ୍ତି ମସ୍କ। କେବଳ ଦୂରେଇ ନାହାନ୍ତି, ସେ ଟ୍ରମ୍ପଙ୍କ ବିରୋଧରେ ବିଷୋଦଗାର କରିବାରେ ମଧ୍ୟ ଲାଗିପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ବୁଝାମଣା ଲାଗି ଉଦ୍ୟମ ଚାଲିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସଫଳତା ମିଳିନାହିଁ। ଏଭଳି ପରିସ୍ଥିତି ମଧ୍ୟରେ ଏକ ସାକ୍ଷାତକାର ଦେଇ ରାଷ୍ଟ୍ରପତି ଟମ୍ପ କହିଛନ୍ତି ଯେ ମସ୍କଙ୍କ ସହିତ ବୁଝାମଣା ପାଇଁ ସେ ଆଦୌ ଆଗ୍ରହୀ ନୁହନ୍ତି। ମସ୍କଙ୍କ ସହିତ ଆଉ ସଂପର୍କ ରଖିବାକୁ ସେ ଚାହାନ୍ତି ନାହିଁ। ତାଙ୍କ ସହ କଥା ହେବାକୁ ମଧ୍ୟ ଇଚ୍ଛା ନାହିଁ। ସେ କହିଲେ, 'ରାଷ୍ଟ୍ରପତି ନିର୍ବାଚନରେ ମୁଁ ବିପୁଳ ଭୋଟରେ ବିଜୟୀ ହୋଇଛି। ମୁଁ ମସ୍କଙ୍କୁ ଅନେକ ସୁବିଧା ସୁଯୋଗ ଦେଇଛି। ପ୍ରଶାସନରେ ତାଙ୍କୁ ସାମିଲ କରିଥିଲି। ମୋର ପ୍ରଥମ ଶାସନ କାଳରେ ମୁଁ ମସ୍କଙ୍କ ଜୀବନ ରକ୍ଷା କରିଛି। ତାଙ୍କ ସହିତ କଥା ହେବାକୁ ଆଉ ମୋର ଆଗ୍ରହ ନାହିଁ।'

୨୦୨୬ରେ ହେବାକୁ ଥିବା ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ମସ୍କ ବିରୋଧୀ ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥୀଙ୍କୁ ଆର୍ଥିକ ସହାୟତା ଦେଇପାରନ୍ତି ବୋଲି ସୂଚନା ମିଳୁଥିବା ବେଳେ ଏହାକୁ ବିରୋଧ କରିଛନ୍ତି ଟ୍ରମ୍ପ। ବିରୋଧୀଙ୍କୁ ମସ୍କ ଏଭଳି ସହାୟତା କଲେ ତାଙ୍କ ପାଇଁ ଭଲ ହେବ ନାହିଁ ଏବଂ ତାଙ୍କୁ ଭୟଙ୍କର ପରିଣତିର ସାମନା କରିବାକୁ ପଡ଼ିବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ତେବେ ଏହି ଭୟଙ୍କର ପରିଣତି କଣ ବୋଲି ପ୍ରଶ୍ନ ହେବାରୁ ଏସଂପର୍କରେ ସୂଚନା ଦେବାକୁ ସେ ମନା କରିଦେଇଛନ୍ତି। କୁହାଯାଉଛି ଯେ ଆମେରିକା ପ୍ରଶାସନ ସହିତ ମସ୍କଙ୍କ ମାଲିକାନାରେ ଥିବା କଂପାନୀମାନଙ୍କର ବ୍ୟାବସାୟିକ ବୁଝାମଣା ରହିଛି। ଏହିସବୁ ବୁଝାମଣାକୁ ବାତିଲ କରିବା ଲାଗି ଟ୍ରମ୍ପ ପୂର୍ବରୁ ଧମକ ଦେଇସାରିଛନ୍ତି।

ଗତ ସପ୍ତାହ ଏହି ଦୁଇ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସଂପର୍କ ତିକ୍ତ ହୋଇଥିଲା। ମସ୍କଙ୍କ ସହିତ ସରକାରଙ୍କ ବ୍ୟାବସାୟିକ ବୁଝାମଣା ବାତିଲ କରିବାକୁ ଟ୍ରମ୍ପ ଧମକ ଦେବା ସହିତ ମସ୍କଙ୍କୁ ପାଗଳ ବୋଲି କହିଥିଲେ। ଅନ୍ୟପକ୍ଷରେ ମସ୍କ କହିଥିଲେ ଯେ ତାଙ୍କର ସହାୟତା ବିନା ଟ୍ରମ୍ପ ନିର୍ବାଚନ ଜିତିବା ଅସମ୍ଭବ ଥିଲା। ତାଙ୍କ ସାହାଯ୍ୟ ପାଇ ଟ୍ରମ୍ପ ଜିତିଲେ, କିନ୍ତୁ କୃତଜ୍ଞ ହେଉନାହାନ୍ତି। ସେ ରାଷ୍ଟ୍ରପତି ହେବାକୁ ଅଯୋଗ୍ୟ, ତେଣୁ ତାଙ୍କୁ ରାଷ୍ଟ୍ରପତି ପଦରୁ ହଟାଇବାକୁ ସେ ଦାବି କରିଥିଲେ। ତାଙ୍କ ବିରୋଧରେ ମହାଭିଯୋଗ ଆଣି ଉପରାଷ୍ଟ୍ରପତି ଭାନ୍ସଙ୍କୁ ରାଷ୍ଟ୍ରପତି କରାଯାଉ ବୋଲି କହିଥିଲେ ମସ୍କ। ସୂଚନାଯୋଗ୍ୟ ଯେ ଗତ ନିର୍ବାଚନରେ ଟ୍ରମ୍ପଙ୍କ ସପକ୍ଷରେ ଖୋଲାଖୋଲି ପ୍ରଚାର କରିଥିଲେ ମସ୍କ। ଏହାସହିତ ଟ୍ରମ୍ପ ଏବଂ ତାଙ୍କ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀମାନଙ୍କୁ ଜିତାଇବା ଲାଗି ମସ୍କ ବିପୁଳ ଅର୍ଥ ବ୍ୟୟ କରିଥିଲେ।

# ଦୁବାଇରେ ସ୍କୁବା ଡାଇଭିଂ ବେଳେ ଭାରତୀୟ ଇଞ୍ଜିନିୟରଙ୍କ ମୃତ୍ୟୁ

ଦୁବାଇ, ୮।୬(ଏଜେନ୍ସି): ଦୁବାଇର ଜୁମେରାହ ବିଚ୍‌ରେ ସ୍କୁବା ଡାଇଭିଂ ତାଲିମ ସମୟରେ ଜଣେ ୨୯ ବର୍ଷୀୟ ପ୍ରବାସୀ ଭାରତୀୟ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଯୁବକ ଜଣକ କେରଳର ଆଇଜାକ୍ ପଲ୍ ଓଲାକେଙ୍ଗିଲ୍ ବୋଲି ଜଣା ପଡ଼ିଛି। ଦୁବାଇରେ ଇଞ୍ଜିନିୟର ଥିବା ଓଲାକେଙ୍ଗିଲ୍ ଇଦ୍ ଅଲ୍ ଆଧା ଅବସରରେ ତାଙ୍କ ପରିବାର ସହିତ ଛୁଟି ବିତାଇବାକୁ ଯାଇଥିଲେ। ତାଙ୍କ ସମ୍ପର୍କୀୟଙ୍କ ଅନୁଯାୟୀ, ଜୁମେରାହ ବିଚ୍‌ରେ ସ୍କୁବା ଡାଇଭିଂ ପ୍ରାରମ୍ଭିକ ତାଲିମ ନେବା ସମୟରେ ଆଇଜାକ୍‌ଙ୍କୁ ପାଣି ଭିତରେ ନିଶ୍ୱାସ ନେବାରେ କଷ୍ଟ ହୋଇଥିଲା। ହୃଦ୍‌ଘାତ ହେବାରୁ ସେ ସଂଘର୍ଷ କରିବା ଆରମ୍ଭ



କରିଥିଲେ ଏବଂ ଦଳରୁ ଦୂରେଇ ଯାଇଥିଲେ। ତାଙ୍କ ପତ୍ନୀ ରେଶମା ଏବଂ ସାନ ଭାଇ ଇଭିନ୍ ମଧ୍ୟ ତାଲିମରେ ଅଂଶଗ୍ରହଣ କରୁଥିଲେ। ଏହି ଘଟଣା ପରେ ତୁରନ୍ତ ଆଇଜାକ୍‌ଙ୍କୁ ପାଣିରୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା। ଡାକ୍ତରଖାନାରେ ତାଙ୍କ ସାନ ଭାଇ ଇଭିନ୍ ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ସେ ଏବେ ବିପଦମୁକ୍ତ ଥିବା ଜଣାପଡ଼ିଛି। ପୁଲିସ ଘଟଣାରେ ତଦନ୍ତ ଆରମ୍ଭ କରିବା ସହ ତାଲିମ ବେଳେ ବ୍ୟବହୃତ ଉପକରଣ ଜବତ କରିଛି। ଆଇଜାକ୍‌ଙ୍କ ମୃତଦେହକୁ ଭାରତ ଫେରାଇ ଆଣିବା ପାଇଁ ପରିବାର ସହ ସମନ୍ୱୟ ରଖାଯାଇଛି।

# ଡ୍ରୋନ୍ ଫାଇବର୍‌ରୁ ବସା ବାନ୍ଧୁଛନ୍ତି ପକ୍ଷୀ

କିଭ୍,୮ ।୬(ଏଜେନ୍ସି): ରୁଷିଆ- ୟୁକ୍ରେନ୍ ଯୁଦ୍ଧରେ ଏକ ସକରାତ୍ମକ ଖବର ଆସି ପହଞ୍ଚିଛି। ଡ୍ରୋନ ମାଡ୍ କରି ଦୁଇ ଦେଶ ପରସ୍ପରର ସହରଗୁଡିକରେ ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି କରି ଏକାଧିକ ଘର ଓ ଆପାର୍ଟମେଣ୍ଟ ଭାଙ୍ଗୁଛନ୍ତି। କିନ୍ତୁ ଏହି ବ୍ୟବହୃତ ଡ୍ରୋନର ଅପଟିକ୍ ଫାଇବର କେବଲରୁ ଆଉ ଜଣକ ଘର ତିଆରି ହେଉଛି। ସେଠାକାର ପକ୍ଷୀମାନେ ବ୍ୟବହୃତ ଡ୍ରୋନର ଫାଇବରକୁ ଏକାଠି କରି ନିଜର ବସା ତିଆରି କରୁଛନ୍ତି। ଆଶ୍ଚର୍ଯ୍ୟ ହେଲେ ଏହା ସତ। ପୂର୍ବ ୟୁକ୍ରେନର ଡୋନେସ୍କ ସହରର ଡୋରେସ୍କରେରେ ଏଭଳି ପକ୍ଷୀଙ୍କ ବସା ଦେଖିବାକୁ ମିଳିଛି। ଦ୍ୱାଦଶ ଅଜୋଭ ବ୍ରିଗେଡ ପକ୍ଷୀମାନଙ୍କର ଏହି ବସା ଠାବ କରିଛି। ଲୋକମାନଙ୍କ ପରେ ପକ୍ଷୀମାନେ ହିଁ ଏହି ବ୍ୟବହୃତ ଡ୍ରୋନର ଅବଶିଷ୍ଟାଂଶକୁ ବ୍ୟବହାର କରିବାରେ ସବୁଠାରୁ ଆଗରେ ରହିଛନ୍ତି। ପକ୍ଷୀମାନଙ୍କର ଏହି ବସା ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ ହୋଇଛି।



# ନିର୍ବାଚନ ସଭାରେ କଲମ୍ବିଆ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଗୁଳିମାଡ଼

ବୋଗୋଟା,୮ ।୬(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ କଲମ୍ବିଆର ରାଷ୍ଟ୍ରପତି ପ୍ରାର୍ଥୀ ମୁଗୁଏଲ ଉରିବେଙ୍କୁ ଗୁଳିମାଡ ହୋଇଛି। ନିର୍ବାଚନ ପ୍ରଚାର ସମୟରେ ଏହି ଅଭାବନୀୟ ଘଟଣା ଘଟିଥିଲା। ଜଣେ ୧୫ ବର୍ଷୀୟ ନାବାଳକ ତାଙ୍କୁ ଉପରେ ଆକ୍ରମଣ କରିଛି। ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କ ପ୍ରଥମ ପର୍ଯ୍ୟାୟ ଅସ୍ତ୍ରୋପଚାର କରାଯାଇଛି। ତେବେ ତାଙ୍କ ସ୍ଥିତି ବେଶ୍ ଗମ୍ଭୀର ରହିଛି। ସ୍ଥାନୀୟ ଗଣାମଧ୍ୟମ ଅନୁଯାୟୀ ତାଙ୍କୁ ୩ଟି ଗୁଳି ମାଡ ହୋଇଛି। ଗୋଟିଏ ଗୁଳି ତାଙ୍କ ମୁଣ୍ଡରେ ବାଜିଛି। ସେ ରାଜଧାନୀ ବୋଗୋଟାରେ ଏକ ନିର୍ବଚନୀ ସଭାରେ ଜନସାଧରଣଙ୍କୁ ସମ୍ବୋଧିତ କରିଥିବା ସମୟରେ ଏହି ଘଟଣା ଘଟିଛି।



୨୦୨୬ରେ କଲମ୍ବିଆରେ ରାଷ୍ଟ୍ରପତି ନିର୍ବାଚନ ଆୟୋଜନ ହେବ। ସେ ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ୩୯ ବର୍ଷୀୟ ଉରିବେ ବିପକ୍ଷ ସେଣ୍ଟ୍ରୋ ଡେମୋକ୍ରାଟିକ୍ କନଜରଭେଟିଭ ପାର୍ଟିର ପ୍ରାର୍ଥୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଭାଷଣ ଦେଉଥିବା ସମୟରେ ନାବାଳକ ଜଣକ ପ୍ରଥମେ ତାଙ୍କ ପିଠିକୁ ଗୁଳି ମାରିଥିଲେ। ହତ୍ୟା ଉଦ୍ୟମ ଅଭିଯୋଗରେ ନାବାଳକକୁ ଗିରଫ୍ କରାଯାଇଛି। ଉରିବେ ହେଉଛନ୍ତି ଜଣାଶୁଣା ମହିଳା ସମ୍ବାଦିକା ଡାଏନା ତୁରବେଙ୍କ ପୁଅ।

# ନାବାଳିକାକୁ ଗଣଦୁଷ୍କର୍ମ, ୧୦ ଗିରଫ

ରାଞ୍ଚି,୮ ।୬(ଏଜେନ୍ସି): ଝାଡ଼ଖଣ୍ଡର ଗୋଡ୍ଡା ଜିଲ୍ଲାରେ ଜଣେ ଆଦିବାସୀ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗରେ ୧୦ ଜଣ ଯୁବକଙ୍କୁ ଗିରଫ କରିଛି ପୁଲିସ। ନାବାଳିକା ଏକ ବିବାହ ଉତ୍ସବକୁ ଯାଇଥିବା ବେଳେ ତାକୁ ଅପହରଣ କରିନେଇ ଏହି ୧୦ ଜଣ ଗଣଦୁଷ୍କର୍ମ କରିଥିଲେ। ପରିବାର ପକ୍ଷରୁ ଥାନାରେ ଏତଲା ଦେବାପରେ ସେମାନଙ୍କୁ ଗିରଫ କରାଯାଇଛି। ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ ମାମଲାର ରଫାଦଫା ପାଇଁ ପଞ୍ଚାୟତ ପକ୍ଷରୁ ଉଦ୍ୟମ କରାଯାଇଥିଲା।

# ୧୨୪ ବର୍ଷର ରେକର୍ଡ ଭାଙ୍ଗିଲା ମେ' ମାସ



- ସାରା ଭାରତରେ ପ୍ରବଳ ବର୍ଷା
- ଗୋଟିଏ ମାସରେ ରେକର୍ଡ ୧୨୬.୭ ମିମି ବୃଷ୍ଟିପାତ

ନୂଆଦିଲ୍ଲୀ, ୮।୬: ନିର୍ଦ୍ଧାରିତ ସମୟ ପୂର୍ବରୁ ମୌସୁମୀର ଆଗମନ ଯୋଗୁଁ ମେ' ମାସରେ ପ୍ରବଳ ବର୍ଷା ହୋଇଛି। ଏତେ ବର୍ଷା ହୋଇଛି ଯେ ଏହା ୧୨୪ ବର୍ଷର ରେକର୍ଡ ଭାଙ୍ଗିଛି। ସାରା ଦେଶରେ ହାରାହାରି ୧୨୬.୭ ମିଲିମିଟର ବର୍ଷା ହୋଇଛି। ୧୯୦୧ ପରେ ପ୍ରଥମ ଥର ଲାଗି ୨୦୨୫ ମେ ମାସରେ ରେକର୍ଡ ଭଙ୍ଗା ବର୍ଷା ହୋଇଛି। ବିଶେଷ କରି ଦକ୍ଷିଣ ଓ ଉତ୍ତର ଭାରତରେ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି କରିଥିଲା।

ଭାରତୀୟ ପାଣିପାଗ ବିଭାଗ ଆଇଏମ୍‌ଡି ପକ୍ଷରୁ 'ଏକ୍ସ' ଜରିଆରେ ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଆଗୁଆ ମୌସୁମୀ ଆଗମନ ଯୋଗୁଁ ମେ' ମାସରେ ସାରା ଭାରତରେ ହାରାହାରି ୧୨୬.୭ ମିଲିମିଟର ବର୍ଷା ହୋଇଥିବା ବେଳେ କେନ୍ଦ୍ରୀୟ ଭାରତ ଅଞ୍ଚଳରେ ୧୦୦.୯ ମିଲିମିଟର ବର୍ଷା ହୋଇଛି, ଯାହାକି ୧୯୦୧ ପରେ ସର୍ବାଧିକ। ସାଧାରଣତଃ ଏହି ମାସରେ ହାରାହାରି ୬୧.୭ ମିଲିମିଟର ବର୍ଷା ହେଉଥିବା ବେଳେ ଏଥର ଏହାଠାରୁ ୧୦୬ ପ୍ରତିଶତ ଅଧିକ ବର୍ଷା ହୋଇଛି। ଦକ୍ଷିଣ ପେନିନସୁଆଲାରେ ୧୯୯.୭ ମିଲିମିଟର ବର୍ଷ ହୋଇଥିବା ବେଳେ ଏହା ହେଉଛି ୧୯୦୧ ପରେ ଦ୍ୱିତୀୟ ସର୍ବାଧିକ ବର୍ଷା। ୧୯୯୦ରେ ଏହି ଅଞ୍ଚଳରେ ୨୦୧.୪ ମିମି ବର୍ଷା ହୋଇଥିଲା। ଉତ୍ତର-ପୂର୍ବାଞ୍ଚଳରେ ୨୪୨.୮ ମିମି ବର୍ଷା ହୋଇଛି ଏବଂ ୨୦୦୧ ପରେ ପ୍ରଥମ ଥର ଲାଗି ଏତେ ପରିମାଣର ବର୍ଷା ହୋଇଛି। ଆଇଏମ୍‌ଡି ତଥ୍ୟ ଅନୁଯାୟୀ ମେ'ରେ ୫ଟି ସବଡିଭିଜନରେ ଅତ୍ୟଧିକ ବର୍ଷା ହୋଇଥିବା ବେଳେ ୬ଟି ଡିଭିଜନରେ ସ୍ୱାଭାବିକ ବୃଷ୍ଟିପାତ ହୋଇଛି। ଗତ ମାସ (ମେ')ରେ ଯେଉଁ ରାଜ୍ୟରେ ସର୍ବାଧିକ ବର୍ଷା (୧୫.୬ରୁ ୨୦୪.୪ ଏମ୍‌ଏମ୍) ହୋଇଛି, ସେଗୁଡ଼ିକ ହେଲା ଆସାମ, ମେଘାଳୟ, ପଶ୍ଚିମ ବଙ୍ଗ, ସିକିମ, ମିଜୋରାମ, ତାମିଲନାଡୁ, ମଧ୍ୟ ମହାରାଷ୍ଟ୍ର ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ। ଏହା ତଳକୁ ଓଡ଼ିଶା ସମେତ ଛତିଶଗଡ଼, ପୂର୍ବ ମଧ୍ୟ ପ୍ରଦେଶ, ପୂର୍ବ ଉତ୍ତର ପ୍ରଦେଶ, ଗୁଜରାଟ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡ। ଏହି ଅଞ୍ଚଳରେ ୬୪.୫ରୁ ୧୧୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।


# ଆସାମରେ ବନ୍ୟା: ୩.୩୭ ଲକ୍ଷ ଲୋକ ପ୍ରଭାବିତ

ଗୌହାଟି, ୮।୬(ଏଜେନ୍ସି): ଆସାମରେ ବନ୍ୟା ପରିସ୍ଥିତି ଧୀରେ ଧୀରେ ସୁଧୁରୁଛି। କିନ୍ତୁ ବହୁ ସଂଖ୍ୟକ ଲୋକ ଏବେ ମଧ୍ୟ ପ୍ରଭାବିତ ଅଛନ୍ତି। ରବିବାର ସୁଦ୍ଧା ୧୨ଟି ଜିଲ୍ଲାର ୩.୩୭ ଲକ୍ଷରୁ ଅଧିକ ବାସିନ୍ଦା ପ୍ରବଳ ବନ୍ୟାରେ ପ୍ରଭାବିତ ହେଇଛନ୍ତି। ଶ୍ରୀଭୂମି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଜିଲ୍ଲା ଭାବରେ ଉଭା ହୋଇଛି। ଯେଉଁଠାରେ ୧.୯୩ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ହାଇଲାକାଣ୍ଡି ଏବଂ କଛାର ଜିଲ୍ଲା ମଧ୍ୟ ସ୍ଥିତି ସଂଗୀନ ରହିଛି। ରାଜ୍ୟରେ ମୃତ୍ୟୁ ସଂଖ୍ୟା ୨୩ରେ ପହଞ୍ଚିଛି। ମାଟି ଧସିବା ଯୋଗୁଁ ୬ ଜଣଙ୍କ ମୃତ୍ୟୁ ହୋଇଛି। ବ୍ରହ୍ମପୁତ୍ର ସମେତ ପ୍ରମୁଖ ନଦୀଗୁଡ଼ିକରେ ବନ୍ୟାଜଳ ହ୍ରାସ ପାଇବାରେ ଲାଗିଛି। ତେବେ ଧୁବ୍ରିରେ ବ୍ରହ୍ମପୁତ୍ର ଏବଂ ଶ୍ରୀଭୂମିରେ କୁଶିୟାରା ନଦୀଜଳ ବିପଦସ୍ତର ଉପରେ ପ୍ରବାହିତ ହେଉଛି। ରିଲିଫ୍ ପ୍ରୟାସ ଜାରି ରହିଛି। ୩୬,୦୦୦ ରୁ ଅଧିକ ବିସ୍ଥାପିତଙ୍କୁ ବର୍ତ୍ତମାନ ୧୩୩ ଟି ରିଲିଫ୍ ଶିବିରରେ ରଖାଯାଇଛି।

## ୭ ଜିଲ୍ଲାକୁ ବ୍ୟାପିଲାଣି କରୋନା

ଭୁବନେଶ୍ୱର, ୮।୬(ସମିସ): ରାଜ୍ୟରେ ଆଉ ୭ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଓଡ଼ିଶାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୨ଜଣ ସୁସ୍ଥ ହୋଇସାରିଥିବାବେଳେ ୩୩ ଜଣ ସକ୍ରିୟ ଆକ୍ରାନ୍ତ ଅଛନ୍ତି। ଇତିମଧ୍ୟରେ ଖୋର୍ଦ୍ଧା, କଟକ, ପୁରୀ, ବାଲେଶ୍ୱର, ଜଗତସିଂହପୁର, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାକୁ କରୋନା ସଂକ୍ରମଣ ବ୍ୟାପିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେଣୁ ଏଥିପାଇଁ ଭୟଭୀତ ହେବାର କୌଣସି କାରଣ ନାହିଁ। ତେବେ ଏଥିପ୍ରତି ସମସ୍ତେ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି।

**■ ରାଜ୍ୟରେ ଚିହ୍ନଟ ହେଲେ ଆଉ ୭ ଆକ୍ରାନ୍ତ**
**■ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ**



ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ଏବେ ସୁଦ୍ଧା କଟକ ଜିଲ୍ଲାରେ ୨୨ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଏମାନଙ୍କ ମଧ୍ୟରୁ ୫ ଜଣ ହସ୍ପିଟାଲରେ ଥିବାବେଳେ ୧୭ ଜଣ ଗୃହ ସଂଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ମାର୍ଗଦର୍ଶିକା ଆସିବା ପୂର୍ବରୁ କ୍ୟାପିଟାଲ୍ ହସ୍ପିଟାଲରେ ଜରୁରୀକାଳୀନ ମକଡ୍ରିଲ୍ କରାଯାଇଥିବା ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ଅକ୍ସିଜେନ ଯାଞ୍ଚ ସମେତ ଆଇସୋଲେସନ ୱାର୍ଡ ପ୍ରସ୍ତୁତ ରଖାଯାଇଛି। ଏହାସହ ଆବଶ୍ୟକସ୍ଥଳେ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି ହୋଇଥିବା ରୋଗୀଙ୍କ କୋଭିଡ ପରୀକ୍ଷା କରାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହି ପ୍ରଜାତି ୨୦୨୩ ଅଗଷ୍ଟରେ ଚିହ୍ନଟ ହୋଇଥିଲା। ଏହା ଓମିକ୍ରନ୍‌ର ଏକ ଉପପ୍ରଜାତି। ଏହି ପ୍ରଜାତି ବିଶେଷ ଘାତକ ନୁହେଁ। ଏଥିରେ ମଧ୍ୟମଧରଣର ଜ୍ୱର, କାଶ ଓ ଥଣ୍ଡା ହୋଇଥାଏ। ତେବେ ବୟସ୍କ ଓ ଏକାଧିକ ଜଟିଳ ରୋଗ ଥିବା ବ୍ୟକ୍ତିମାନଙ୍କ ପାଇଁ ଏହା ଘାତକ ହୋଇପାରେ। ତେଣୁ ଏହି ବର୍ଗର ଲୋକମାନେ କୋଭିଡ୍ ନିର୍ଦ୍ଦେଶାବଳୀକୁ ପାଳନ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଅନ୍ୟପଟରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ବର୍ତ୍ତମାନ ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬ ହଜାର ମୁହାଁ ହୋଇଛି। ସକ୍ରିୟ ସଂକ୍ରମଣ ମାମଲା ୫ ହଜାର ୭୫୫ରେ ପହଞ୍ଚିଛି। କେରଳରେ ସର୍ବାଧିକ ୧୮୦୬ଟି ମାମଲା ଚିହ୍ନଟ ହୋଇଥିବାବେଳେ ଗୁଜରାଟରେ ୭୧୭, ଦିଲ୍ଲୀରେ ୬୬୫ ଏବଂ ମହାରାଷ୍ଟ୍ରରେ ସକ୍ରିୟ ମାମଲା ୫୬୭ ରହିଛି। ସେହିପରି କର୍ଣ୍ଣାଟକ ଓ ଉତ୍ତରପ୍ରଦେଶରେ ଯଥାକ୍ରମେ ୪୪୪ ଏବଂ ୨୮୮ ମାମଲା ଚିହ୍ନଟ ହୋଇଥିବାବେଳେ ତାମିଲନାଡୁରେ ୨୦୮ଟି ମାମଲା ଚିହ୍ନଟ କରିଛି ସ୍ୱାସ୍ଥ୍ୟ ବିଭାଗ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହାର ମୁକାବିଲା ଲାଗି ରାଜ୍ୟମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଓ ଯଥେଷ୍ଟ ପରିମାଣର ଅକ୍ସିଜେନ୍ ସିଲିଣ୍ଡର ଗଚ୍ଛିତ ରଖିବାକୁ ମାର୍ଗଦର୍ଶିକା ଜାରି କରିଛନ୍ତି। ହାତ ସାନିଟାଇଜ କରିବା, କାଶ କିମ୍ବା ଛିଙ୍କ ହେଲେ ରୁମାଲ ବା ମାସ୍କ ବ୍ୟବହାର କରିବା, ଶରୀର ଅସୁସ୍ଥ ଥିଲେ ଭିଡ଼ରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି ମନ୍ତ୍ରାଳୟ। ସେହିପରି ଶ୍ୱାସଜନିତ ସମସ୍ୟା କିମ୍ବା ଅସୁସ୍ଥ ଅନୁଭବ କଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ପରାମର୍ଶ ଦିଆଯାଇଛି। ଅଯଥା ଗୁଜବକୁ ବିଶ୍ୱାସ ନକରିବାକୁ ମନ୍ତ୍ରଣାଳୟ କହିଛି। ସେପଟେ ସମସ୍ତ ରାଜ୍ୟକୁ ଆବଶ୍ୟକ ପରିମାଣର ଅକ୍ସିଜେନ ମହଜୁଦ ରଖିବା ସହ ମେଡିକାଲ ଶଯ୍ୟା, ଭେଣ୍ଟିଲେଟର୍, ଆବଶ୍ୟକ ପରିମାଣର ଔଷଧ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି।

## ବର୍ଷ ପୂର୍ତ୍ତି ପୂର୍ବରୁ ଶିଳ୍ପୋଦ୍ୟୋଗୀଙ୍କୁ ଭେଟିଲେ ମୋହନ

# ଶିଳ୍ପଅନୁକୂଳ ବାତାବରଣ ପାଇଁ ୪ ନୀତି



ଭୁବନେଶ୍ୱର,୮।୬(ସମିସ): ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ପୂର୍ବରୁ ଶିଳ୍ପପତି ଓ ଉଦ୍ୟୋଗୀମାନଙ୍କୁ ଭେଟି ପରବର୍ତ୍ତୀ ବର୍ଷ ପାଇଁ କାର୍ଯ୍ୟଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରବିବାର ଲୋକସେବା ଭବନର କନଭେନସନ ସେଣ୍ଟରଠାରେଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଶିଳ୍ପ ଅନୁକୂଳ ବାତାବରଣର ଉପଯୋଗରେ ବ୍ୟାପକ ନିବେଶ ଏବଂ ଶିଳ୍ପ ଭିତ୍ତିଭୂମିର ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ବର୍ଷେ ଭିତରେ ରାଜ୍ୟରେ ୨୦୬ ଶିଳ୍ପକୁ ଅନୁମୋଦନ ଦିଆଯାଇଛି। ଉତ୍କର୍ଷ ଓଡିଶାରେ ୧୩ ଲକ୍ଷ କୋଟି ଟଙ୍କାର ଏମଓୟୁ ହୋଇଛି। ଖୋର୍ଦ୍ଧାରେ ୬ ହଜାର କୋଟିର ପ୍ରକଳ୍ପ ଆରମ୍ଭ ହୋଇଛି। କଳିଙ୍ଗ ନଗରରେ ୧୪ଟି କମ୍ପାନୀ ପାଇଁ ଶିଳାନ୍ୟାସ ହୋଇଛି। ଗଞ୍ଜାମ ଛତ୍ରପୁରଠାରେ ୧୨ଟି କମ୍ପାନୀ ସହ ଏମଓୟୁ ହୋଇଛି। ଉତ୍କର୍ଷ ଓଡିଶାର ୪ ମାସରେ ୪ଟି ସ୍ଥାନରେ ୫୬ ଶିଳ୍ପ ପ୍ରକଳ୍ପ ଆରମ୍ଭ ହୋଇଛି। ୧.୭୮ ଲକ୍ଷ କୋଟିର ପୁଞ୍ଜିନିବେଶ ସହ ୧ ଲକ୍ଷ ୧୦ ହଜାର ନିଯୁକ୍ତି ସୃଷ୍ଟି ସୃଷ୍ଟି ହେବାର ଆଶା ରହିଛି। ୨୦୩୬ ସମୃଦ୍ଧ ଓଡିଶା ପାଇଁ ଭିତ୍ତି ସ୍ଥାପନ ହୋଇଛି। ଆଗକୁ ଓଡ଼ିଶା ୫୦୦ ବିଲିୟନ ଡଲାରର ଅର୍ଥନୀତି ହେବ ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଏହି ଅବସରରେ ଶିଳ୍ପ କର୍ତ୍ତୃପକ୍ଷ ଏବଂ ଉଦ୍ୟୋଗୀମାନଙ୍କୁ ଓଡ଼ିଶାକୁ ଏକ ଶିଳ୍ପ ଶକ୍ତି ହବ୍ ଭାବେ ଜାରି ରହିଥିବା ଯାତ୍ରାରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ଅନେକ ସଫଳତା ଦେଇଛି। ଫଳତଃ ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇପାରିଛି। ଏଥିପାଇଁ ୧୬.୭ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଏହାଦ୍ୱାରା ୧୨.୯ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଥିବା ବେଳେ କେବଳ ଗତ ବର୍ଷ ମଧ୍ୟରେ ୨୦୬ ଟି ବୃହତ ପ୍ରକଳ୍ପକୁ ମଞ୍ଜୁର ମିଳିଛି। ଏହି କାର୍ଯ୍ୟଦ୍ୱାରା ରାଜ୍ୟରେ ୪.୫ ଲକ୍ଷ କୋଟିରୁ ଅଧିକ ମୋଟ ନିବେଶ ମୂଲ୍ୟ ସହ ୨.୯ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି।

ଆଗାମୀ ବର୍ଷ ରାଜ୍ୟ ସରକାର ଚାରୋଟି ପ୍ରମୁଖ କ୍ଷେତ୍ର ଉପରେ ପ୍ରାଥମିକତା ଦେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ନୂତନ ନୀତି ଆଣି ନୂଆ ଓ ପ୍ରମୁଖ ଶିଳ୍ପ ପାଇଁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପ୍ରଦାନ କରାଯିବ। ଦ୍ୱିତୀୟତଃ ଭବିଷ୍ୟତର ଚାହିଦା ପୂରଣ କରିବା ପାଇଁ ଭୂମିବ୍ୟାଙ୍କ ଏବଂ ଶିଳ୍ପ ଭିତ୍ତିଭୂମିକୁ ବିସ୍ତାର କରାଯିବ। ତୃତୀୟତଃ ରାଜ୍ୟର ସିଙ୍ଗଲ୍‌ୱିଣ୍ଡୋ ବ୍ୟବସ୍ଥାକୁ ସଂଶୋଧିତ କରାଯାଇ ଏକ ଆଧୁନିକ, ସମନ୍ୱିତ ପ୍ରକଳ୍ପ ଟ୍ରାକିଂ ପ୍ଲାଟଫର୍ମ କରାଯିବ। ଚତୁର୍ଥରେ କଡ଼ାକଡ଼ି ନିୟମ ଓ ପ୍ରକ୍ରିୟାକୁ ସରଳ କରିବା ପାଇଁ କାର୍ଯ୍ୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଦ୍ରୁତ ଅନୁମୋଦନ, ସୁଗମ ସମନ୍ୱୟ ଏବଂ ନିର୍ଦ୍ଧାରିତ ସମୟକୁ ସୁନିଶ୍ଚିତ କରିବ। ଆଗାମୀ ଚାରି ବର୍ଷ ସମୃଦ୍ଧ ଓଡ଼ିଶା ୨୦୩୬ ପାଇଁ ମୂଳଦୁଆ ପକାଇବ। ଆଇଓସିଏଲ୍, ଜେଏସ୍‌ଡବ୍ଲ୍ୟୁ, ଜେଏସ୍‌ପିଏଲ୍, ଟାଟା ଷ୍ଟିଲ୍, ଏଏମ୍‌ଏନ୍‌ଏସ୍, ବେଦାନ୍ତ, ହିଣ୍ଡାଲ୍‌କୋ ଏବଂ ଆଦାନୀ ଭଳି ଅଂଶୀଦାରମାନଙ୍କ ଦୃଢ଼ ସହଯୋଗ ସହିତ ଖଣି, ଧାତୁ ଏବଂ ସବୁଜ ରାସାୟନିକ କ୍ଷେତ୍ରରେ ରାଜ୍ୟରେ ନେତୃତ୍ୱକୁ ବିକାଶ କରିବୁ। ପାରାଦୀପ-ଧାମରା-ଗୋପାଳପୁର ଷ୍ଟ୍ରେଚ୍‌ରେ ନୂତନ ଟର୍ମିନାଲ, ଜେଟି ଏବଂ କଣ୍ଟେନର ପରିଚାଳନା କ୍ଷମତା ମାଧ୍ୟମରେ ବନ୍ଦର-ଆଧାରିତ ଶିଳ୍ପାୟନକୁ ମଧ୍ୟ ସୁଦୃଢ଼ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଏମଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉନ୍ନୟନ କମିଶନର ଅନୁ ଗର୍ଗ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

**ନନ୍ଦନକାନନ ପାଇଁ ଖୁସି ଖବର**

## ପୁଣି ମା’ ହେଲା ମୌସୁମୀ

ବାରଙ୍ଗ, ୮।୬ (ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ଖୁସି ଖବର ଆଣି ଦେଇଛି ବାଘୁଣୀ ମୌସୁମୀ। ଏକାଥରକେ ଦୁଇଟି ଛୁଆ ଜନ୍ମ ଦେଇ ଦ୍ୱିତୀୟଥର ମା’ ହେବାର ସୌଭାଗ୍ୟ ଅର୍ଜନ କରିଛି। ଏହି ଖବର ପଦାକୁ ଆସିବା ପରେ ବନ୍ୟପ୍ରାଣୀପ୍ରେମୀ ଓ କର୍ମଚାରୀମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।

ସୂଚନା ଅନୁଯାୟୀ, ପ୍ରାଣୀଉଦ୍ୟାନରେ ଶନିବାର ରାତିରେ ଦୁଇଟି ପର୍ଯ୍ୟାୟରେ ୨ଟି ଶାବକକୁ ଜନ୍ମ ଦେଇଛି ଧଳା ବାଘୁଣୀ ମୌସୁମୀ। ପ୍ରଥମ ଶାବକଟି ରାତି ୯ଟା ୧୫ ଏବଂ ଦ୍ୱିତୀୟ ଶାବକଟି ରାତି ୧୧ଟା ୩ ସମୟରେ ଏନକ୍ଲୋଜର ୨୮-ବି’ ରେ ଜନ୍ମ ହୋଇଛି। ଜନ୍ମିତ ଛୁଆ ମଧ୍ୟରୁ ଗୋଟିଏ ଛୁଆ ସାଧାରଣ ରଙ୍ଗର ଏବଂ ଅନ୍ୟଟି ଧଳାରଙ୍ଗର। ମା’ ସହ ଥିବାରୁ ଜନ୍ମିତ ଛୁଆମାନଙ୍କ ଲିଙ୍ଗ ନିରୂପଣ ହୋଇପାରିନାହିଁ। ମା’ ଛୁଆମାନଙ୍କର ଯତ୍ନ ନେଉଥିବାରୁ ଶାବକଦ୍ୱୟ ସୁସ୍ଥ ଅଛନ୍ତି। ପ୍ରକାଶ ଥାଉକି, ୨୦୨୫ ଫେବୃଆରୀ ୨୭ ଏବଂ ୨୮ ତାରିଖରେ ମୌସୁମୀ ଏବଂ ସାଧାରଣ ରଙ୍ଗର ବାଘ



ରାଜେଶର ସଫଳ ମିଳନ ପରେ ମୌସୁମୀ ଦ୍ୱିତୀୟଥର ପାଇଁ ମା’ ହେବାର ସୌଭାଗ୍ୟ ଅର୍ଜନ କରିଥିଲା। ଉଭୟ ପିତାମାତା ନନ୍ଦନକାନନରେ ଜନ୍ମଗ୍ରହଣ କରିଥିଲେ। ୨୦୧୬ ଅଗଷ୍ଟ ୫ରେ ମନୀଷ ଏବଂ ସ୍ନେହାର ମିଳନରୁ ମୌସୁମୀ ଏବଂ ୨୦୧୮ ସେପ୍ଟେମ୍ବର ୨୨ରେ ରୋଶନ ଏବଂ ବିଜୟା ଔରସରୁ ରାଜେଶ ଜନ୍ମଗ୍ରହଣ କରିଥିଲା।

### ଦୁଇ ଶାବକ ଜନ୍ମ

ଏହି ଦୁଇ ଶାବକଙ୍କ ଜନ୍ମ ପରେ ନନ୍ଦନକାନନର ବାଘସଂଖ୍ୟା ବୃଦ୍ଧି ପାଇ ୨୯ରେ ପହଞ୍ଚିଛି। ସେଥିମଧ୍ୟରେ ୧୭ଟି ପୁରୁଷ, ୧୦ଟି ମାଈ ଏବଂ ୨ଟି ଲିଙ୍ଗଚିହ୍ନଟ ହୋଇନଥିବା ଶାବକ ଥିବା ଜଣାପଡ଼ିଛି। ପ୍ରଜାତି ଦୃଷ୍ଟିରୁ ୧୯ଟି ସାଧାରଣ ରଙ୍ଗର ବାଘ, ୬ଟି ଧଳା ବାଘ ଏବଂ ୪ଟି ମେଲାନିଷ୍ଟିକ୍ ବାଘ ଅଛନ୍ତି।

## ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ଦେବଗଡ଼/ରିଆମାଳ, ୮।୬ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ କୁଣ୍ଢେଇଗୋଲା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଆଉଁଳି ଗ୍ରାମର ଜଣେ ମହିଳା ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେ ହେଲେ, କଳାବତୀ ପ୍ରଧାନ (୫୫)। ରବିବାର ଅପରାହ୍ଣରେ ସେ କାଜୁ ତୋଳିବାକୁ ଯାଇଥିବା ବେଳେ ଗୋଟିଏ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ିଦେବା ସହ ପାଦରେ ଦଳି ଦେଇଥିଲା। ଖବର ପାଇ ସ୍ଥାନୀୟ ଲୋକଙ୍କ ସହ ଫରେଷ୍ଟର୍ ମନ୍ମଥ ବେହେରା ଓ ବନ କର୍ମଚାରୀ ଏବଂ କୁଣ୍ଢେଇଗୋଲା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲେ। ବନ ବିଭାଗ ମୃତ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ଚାହୁଁଥିବା ବେଳେ ଗ୍ରାମବାସୀ ଏଥିରେ ରାଜି ହୋଇନଥିଲେ। ପରିବାରକୁ କ୍ଷତିପୂରଣ ସହ ପୁଅକୁ ଚାକିରି ଦିଆଯିବା ନେଇ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ବ୍ୟବଚ୍ଛେଦ ପାଇଁ ଶବ ଛଡ଼ାଯିବ ନାହିଁ ବୋଲି କଳାବତୀଙ୍କ ସ୍ୱାମୀ କୈଳାସ ପ୍ରଧାନ ଓ ଗ୍ରାମବାସୀ ଅଡ଼ି ବସିଛନ୍ତି। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ହେଲା, ବାରମ୍ବାର ଉକ୍ତ ଅଞ୍ଚଳରେ ହାତୀ ଆକ୍ରମଣରେ ସ୍ଥାନୀୟ ଲୋକ ପ୍ରାଣ ହରାଉଥିବା ବେଳେ ବନବିଭାଗ କୌଣସି ଠୋସ୍ ପଦକ୍ଷେପ ନେଉନାହିଁ।

## ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ନିର୍ମାଣ ପାଇଁ ହେବ ସ୍ୱତନ୍ତ୍ର ନିୟମ

ପୁରୀ, ୮।୬ (ସମିସ): ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଅବସ୍ଥିତ ତଥା ଭବିଷ୍ୟତରେ ନିର୍ମିତ ହେବାକୁ ଥିବା କୋଠାବାଡ଼ି ପାଇଁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରାଯିବ। ଏଥିଲାଗି ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ରାଜ୍ୟ ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଲେଖିଥିବା ପତ୍ରରେ ମୁଖ୍ୟ ପ୍ରଶାସକ ଦର୍ଶାଇଛନ୍ତି ଯେ ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ସୁରକ୍ଷା ତଥା

**ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖିଲେ ମୁଖ୍ୟ ପ୍ରଶାସକ**

ଏହାର ସାଂସ୍କୃତିକ ଐତିହ୍ୟକୁ ଦୃଷ୍ଟିରେ ରଖି ଏହି କୋଠାବାଡ଼ିଗୁଡ଼ିକର ଉଚ୍ଚତା ଧାର୍ଯ୍ୟ ହେବା ସହ ସମ୍ମୁଖ ଭାଗ କଳିଙ୍ଗ ସ୍ଥାପତ୍ୟ ଢାଞ୍ଚାରେ କରାଯିବା ନେଇ ଏକ ନୀତି ପ୍ରସ୍ତୁତି ହେବା ଜରୁରୀ। ସେହିପରି କୋଠାବାଡ଼ିଗୁଡ଼ିକ ବ୍ୟବହାର କରୁଥିବା ନାମଫଳକ ଏବଂ ବିଜ୍ଞାପନ ଉପରେ ମଧ୍ୟ ଆବଶ୍ୟକ କଟକଣା ପାଇଁ ଏଥିରେ ବ୍ୟବସ୍ଥା କରାଯାଇପାରେ ବୋଲି ସେ ଜଣାଇଛନ୍ତି। ଏତଦ୍‌ବ୍ୟତୀତ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣକୁ ବଜାୟ ରଖିବା ପାଇଁ ସୌନ୍ଦର୍ଯ୍ୟକରଣ ତଥା ଖାଲି ସ୍ଥାନ ବ୍ୟବହାର ନେଇ ମଧ୍ୟ ସେହି ନୀତିରେ ବିଚାର କରିବାକୁ ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି। ପୂର୍ବରୁ ଗତ ମାସ ୨୬ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟିର ଉଚ୍ଚସ୍ତରୀୟ ପ୍ରଶାସନିକ କମିଟି ବୈଠକରେ ଏନେଇ ଆଲୋଚନା ହେବା ସହ ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ଆଜି ଦଇତା ପ୍ରବେଶ

ପୁରୀ, ୮।୬(ସମିସ): ଆସନ୍ତା ୧୧ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପରେ ୧୦୮ ଗରା ଜଳରେ ସ୍ନାନ କରିବା ପରେ ଆରମ୍ଭ ହେବ ମହାପ୍ରଭୁଙ୍କ ଅଣସର ନୀତି। ଏହି ଗୁପ୍ତନୀତିକୁ ସମ୍ପାଦନ କରିବେ ଶ୍ରୀଅଙ୍ଗ ଲାଗି ସେବକ ଦଇତାପତି। ସୋମବାର ଦଇତାପତିମାନେ ଶ୍ରୀମନ୍ଦିର ପ୍ରବେଶ କରିବେ। ରାତ୍ର ବଡ଼ସିଂହାର ସରି ଶ୍ରୀମୁଖ ଖଣ୍ଡୁଆ ପଡ଼ିବା ପରେ ଦଇତାପତିମାନେ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟ କଣ୍ଟ କରିବେ। ଶ୍ରୀସୁଦର୍ଶନଙ୍କୁ ବଡ଼ବାଡ଼ କୋଣ ଖଟୁଲି ଉପରେ ବିଜେ କରାଇବେ। ଏହାପରେ କୋଠ ସୁଆସିଆଁମାନେ ରତ୍ନସିଂହାସନ ନିକଟକୁ ଯାଇ ମହାପ୍ରଭୁଙ୍କ ପହଣ୍ଡି ପାଇଁ ଚାରବାଡ଼ ବାନ୍ଧିବେ। ୧୦ ତାରିଖରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ଦଇତାପତିମାନେ ସେନାପଟା ଲାଗି କରିବେ।

## ଟ୍ରକ୍ ଚକା ତଳେ ପଡ଼ି ଚାଳକଙ୍କ ମୃତ୍ୟୁ

କଳାବାଡ଼ିଆ, ୮।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ୧୮ ନମ୍ବର ଜାତୀୟ ରାଜପଥର ଜଗନ୍ନାଥଖୁଣ୍ଟା ନିକଟରେ ଆଜି ଭୋର୍‌ରେ ଏକ ଦୁର୍ଘଟଣା ଜଣେ ଟ୍ରକ୍ ଚାଳକଙ୍କ ଜୀବନ ନେଇଛି। ମୃତକ ହେଲେ, ପଶ୍ଚିମବଙ୍ଗ ରାଜ୍ୟର ଗଡ଼ବେତା ଅଞ୍ଚଳର ସମୀର ଦାସ। ନିଜ ଟ୍ରକ୍ ଚକା ତଳେ ପଡ଼ି ସେ ଜୀବନ ହରାଇଛନ୍ତି। ବାଙ୍ଗିରିପୋଷି ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଆଜି ଭୋର୍ ପ୍ରାୟ ୪ଟା ୪୫ରେ ଜଗନ୍ନାଥଖୁଣ୍ଟା ଓଭରବ୍ରିଜ୍ ଉପରେ ଏକ ଅଜଣା ଗାଡ଼ିକୁ ପଛପଟୁ ସମୀରଙ୍କ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ସମୀର ତଳକୁ ଛିଟିକି ପଡ଼ି ନିଜ ଟ୍ରକ୍ ଚକା ତଳେ ପଡ଼ି ଯାଇଥିଲେ ଏବଂ ଟ୍ରକ୍‌ଟି ତାଙ୍କ ଉପରେ ମାଡ଼ି ଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଟ୍ରକ୍‌ଟି ପାରାଦୀପରୁ କୋଇଲା ନେଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ତେବେ ଦୁର୍ଘଟଣା ପରେ ଅଜଣା ଗାଡ଼ିଟି ଘଟଣାସ୍ଥଳରୁ ଚମ୍ପଟ ହୋଇଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ବାଙ୍ଗିରିପୋଷି ପୁଲିସ, ଏନଏଚ୍ ଆମ୍ବୁଲାନ୍ସ ଓ ଦୁଇଟି କ୍ରେନ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କ୍ରେନ୍ ଦ୍ୱାରା ଟ୍ରକ୍‌କୁ ଟେକି ସମୀରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ବ୍ୟବଚ୍ଛେଦ ପରେ ପୁଲିସ୍ ତାଙ୍କ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

**ବର୍ଷିଲା କିଷାନ କଂଗ୍ରେସ**

## ଚାଷୀଙ୍କୁ ହତାଦର କରୁଛି ବିଜେପି ସରକାର




ଭୁବନେଶ୍ୱର,୮।୬(ସମିସ): ଚାଷୀଙ୍କଠାରୁ ବ୍ୟବସ୍ଥିତ ଢଙ୍ଗରେ ଧାନ କ୍ରୟ କରି ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ଉଚିତ୍ ମୂଲ୍ୟ ପ୍ରଦାନ କରିବେ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସରକାରଙ୍କ ଏହି ପ୍ରତିଶ୍ରୁତି ସଂପୂର୍ଣ୍ଣ ପ୍ରତାରଣାରେ ପରିଣତ ହୋଇଛି। ୧୫ହଜାର କ୍ୱିଣ୍ଟାଲ ଧାନ ବିକିଥିବା ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍‌ର ୩୪୪ ଚାଷୀ ପାଖାପାଖି ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନ ପାଇବା ଏହାର ନିଛକ ଉଦାହରଣ ବୋଲି କହିଛି କିଷାନ କଂଗ୍ରେସ।

ଏକ ପ୍ରେସ୍‌ବାର୍ତ୍ତାରେ କିଷାନ କଂଗ୍ରେସ କହିଛି ଯେ ଦୀର୍ଘ ୪ମାସ ଧରି ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ବକେୟା ଟଙ୍କା ଦାବି କରି ନିରାଶ ହେବା ପରେ ସମ୍ପୃକ୍ତ ଚାଷୀମାନେ ଏବେ ଭୁବନେଶ୍ୱରରେ ଅହୋରାତ୍ର ଧାରଣାରେ ବସିଛନ୍ତି। କିନ୍ତୁ ୩ ଦିନ ହେଲା ଚାଷୀମାନେ ଧାରଣାରେ ବସିଥିଲେ ମଧ୍ୟ ସରକାର ଏଥିପ୍ରତି କୌଣସି ଦୃଷ୍ଟି ଦେଉନାହାନ୍ତି। ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ କିଷାନ କଂଗ୍ରେସର ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ଧାରଣାରତ ଚାଷୀଙ୍କୁ ସାକ୍ଷାତ କରିବା ସହ କଂଗ୍ରେସ ଦଳର ସମର୍ଥନ ଜଣାଇଛନ୍ତି।

ଏହାସହ ସେ କହିଛନ୍ତି ଯେ ଚାଷୀମାନଙ୍କୁ ହତାଦର କରି ବିଜେପି ସରକାର ପ୍ରଥମ ବର୍ଷ ପୂର୍ତ୍ତି ପୂରଣ ଅବସରରେ ମିଛ ଛବିର ସଫଳତା ବଖାଣିବାରେ

**■ ଧାନ ବିକା ଟଙ୍କାକୁ ଚାହିଁ ବସିଛନ୍ତି ରାଇଘରର ୩୪୪ ଚାଷୀ**
**■ ଧାରଣାରତ ଚାଷୀଙ୍କୁ ସମର୍ଥନ ଜଣାଇଲା କିଷାନ କଂଗ୍ରେସ**

ବ୍ୟସ୍ତ ରହିଛି। ଏହା ଚାଷୀଙ୍କ ପ୍ରତି ଉପହାସ। ସରକାର ଓ ପ୍ରଶାସନ ଚାଷୀମାନଙ୍କ ପ୍ରତି ଯେପରି ଅବହେଳା କରିଛନ୍ତି, ଏହାକୁ କୌଣସି ପ୍ରକାରେ ବରଦାସ୍ତ କରାଯିବ ନାହିଁ। କାଳବିଳମ୍ବ ନକରି ସରକାର ଧାରଣରତ ଚାଷୀମାନଙ୍କ ନିକଟକୁ ଆସି ସେମାନଙ୍କର ସମସ୍ୟା ସମାଧାନ କରିବା ସହିତ ୪ କୋଟିରୁ ଊର୍ଦ୍ଧ୍ୱ ବକେୟା ଟଙ୍କା ତୁରନ୍ତ ପ୍ରଦାନ କରିବାକୁ କିଷାନ କଂଗ୍ରେସ ପକ୍ଷରୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

# ଘୋଷଣାରେ ଅଟକିଛି ଚଳଚ୍ଚିତ୍ର ଅଭିଲେଖାଗାର

## ଜିଲ୍ଲାସ୍ତରୀୟ ସଂରକ୍ଷଣାଗାର ଶାଖା ପ୍ରତିଷ୍ଠା କେବେ ?

ଭୁବନେଶ୍ୱର,୮।୬(ସମିସ): ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରତିଷ୍ଠା ହେବ ଅଭିଲେଖାଗାର (ଆର୍କାଇଭ୍)। ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ତହସିଲଦାର, ଜିଲ୍ଲାପାଳଙ୍କ ନିକଟରେ ମହଜୁଦ ରହିଥିବା ଉକ୍ତ ଜିଲ୍ଲାର ନଥିପତ୍ର, ଘଟଣାକ୍ରମର ନଥିପତ୍ର ଏବଂ ଇତିହାସର ନଥିପତ୍ରଗୁଡ଼ିକ ସଂଗ୍ରହ କରାଯିବ, ଯାହାକି ପ୍ରତ୍ୟେକ ଜିଲ୍ଲାର ଇତିହାସ ଜାଣିବା ସହ ଆଗାମୀ ପିଢି ପାଇଁ ଏହାକୁ ସଂରକ୍ଷଣ କରାଯାଇ ପାରିବ। ସମଗ୍ର ରାଜ୍ୟବାସୀ ଅଭିଲେଖାଗାରର ଆବଶ୍ୟକତା, ଏହାର ମହତ୍ତ୍ୱ ଓ କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହୋଇପାରିବେ। ଅଭିଲେଖାଗାର ମାଧ୍ୟମରେ ରାଜ୍ୟ ତଥା ଦେଶର ଇତିହାସ, ନଥିପତ୍ର ଓ ପୁରାତନ ଦସ୍ତାବିଜ୍ ଆଦି ସମ୍ପର୍କରେ ଜାଣିବାର ସୁଯୋଗ ପାଇବେ। ଭୁବନେଶ୍ୱରରେ ଥିବା ରାଜ୍ୟ ଅଭିଲେଖାଗାରର ଶାଖା ଅଭିଲେଖାଗାର ଭାବେ ଓଡ଼ିଶାର ବିଭିନ୍ନ ଜିଲାରେ ଏହା ପ୍ରତିଷ୍ଠା ହେବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କୁହାଯାଇଥିଲା। ଏହାସହ ଜିଲ୍ଲାସ୍ତରରୁ ନଥିପତ୍ର ସଂଗ୍ରହ ନିମନ୍ତେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା ବାସ୍ତବ ରୂପ ନେଇପାରି ନାହିଁ। ସେହିପରି ରାଜ୍ୟରେ ଏକ ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା କରାଯିବାକୁ ମଧ୍ୟ ଯୋଜନା ହୋଇଥିଲା। ଓଡ଼ିଆ ଚଳଚ୍ଚିତ୍ର ସହ ଜଡ଼ିତ ପୋଷ୍ଟର, ଗ୍ରାମୋଫୋନ୍ ରେକର୍ଡ, ସଂଗୀତର ରେକର୍ଡ ଭଳି ସମସ୍ତ

**ଆଜି ଆନ୍ତର୍ଜାତିକ ଅଭିଲେଖାଗାର ଦିବସ**

ପ୍ରକାରର ରେକର୍ଡକୁ ସାଇତାଯିବା ଭଳି ଅନେକ ଯୋଜନା କରିଥିଲା ସଂସ୍କୃତି ବିଭାଗ। ହେଲେ ଏବେବି ଏସବୁ ଘୋଷଣାରେ ଅଟକି ରହିଛି।

ଓଡ଼ିଶାରେ ଜାତୀୟ ଅଭିଲେଖାଗାର ଏବଂ ଏହାର ଏକ ଶାଖା ଅଭିଲେଖାଗାର ରହିଛି। ସେହିପରି ଭୁବନେଶ୍ୱରରେ ରାଜ୍ୟ ଅଭିଲେଖାଗାର ରହିଛି ଏବଂ ରାଜ୍ୟ ଅଭିଲେଖାଗାରର ଏକ ଶାଖା ଅଭିଲେଖାଗାର ସମ୍ବଲପୁରରେ ମଧ୍ୟ କିଛି ରେକର୍ଡ ରହିଛି। ଏହାବ୍ୟତୀତ ଓଡ଼ିଶା ହାଇକୋର୍ଟରେ ମଧ୍ୟ ଏକ ଅଭିଲେଖାଗାର ରହିଛି। ଯେଉଁଠାରେ ଅନେକ ଜଜ୍‌ମେଣ୍ଟ ଓ ପୁରୁଣା କେସ୍ ଗୁଡ଼ିକର ନଥିପତ୍ର ସମେତ ଅନ୍ୟାନ୍ୟ ନଥିପତ୍ରର ରେକର୍ଡ ରହିଛି। ତେବେ ସାରା ରାଜ୍ୟରେ ଅଭିଲେଖାଗାର ପ୍ରତିଷ୍ଠା ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ଏକ କାର୍ଯ୍ୟକ୍ରମରେ ଘୋଷଣା କରାଯାଇଥିଲା। ବ୍ଲକସ୍ତରରୁ ଆରମ୍ଭ କରି ଜିଲାସ୍ତର ପର୍ଯ୍ୟନ୍ତ ତ୍ୱରିତ ପ୍ରକ୍ରିୟା ମାଧ୍ୟମରେ ଦଲିଲ ଦସ୍ତାବିଜ୍ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯିବ। ଅଭିଲେଖାଗାରର ଉନ୍ନତ ରୂପରେଖ ନିମନ୍ତେ ବୈଷୟିକ ତଥା ପ୍ରଯୁକ୍ତିବିଦ୍ୟାର ଉପଯୋଗ ଉପରେ ପ୍ରାଥମିକତା ଦିଆଯିବ। ଏହାସହିତ ଅଭିଲେଖାଗାର କର୍ମଚାରୀମାନଙ୍କର ଦକ୍ଷତା ଏବଂ ପାରଦର୍ଶିତାର ଅଭିବୃଦ୍ଧି ନିମନ୍ତେ ଉଦ୍ୟମ ହେବ।

ସୂଚନା ଅନୁସାରେ, ସମସ୍ତ ଜିଲ୍ଲାରେ ଡିଆର୍‌ଆର୍ ବା ଡିଷ୍ଟ୍ରିକ୍ଟ ରେକର୍ଡ ରୁମ୍ ରହିଛି। ବର୍ତ୍ତମାନ ରାଜ୍ୟ ଅଭିଲେଖାଗାରରେ ୧୮୦୩ ମସିହା ଓ ଏହା ପରର ବହୁ ଉପାଦେୟ, ବିରଳ, ଗୁରୁତ୍ୱପୂର୍ଣ୍ଣ ରେକର୍ଡ ମହଜୁଦ ରହିବା ସହ ରେକର୍ଡ ସଂଗ୍ରହ ଅଭିଯାନ ଚାଲୁ ରହିଛି। ଏହାଦ୍ୱାରା ଅଭିଲେଖ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ସାଇତା ହୋଇ ରହିବ। ତେବେ ୧୯୭୦ ମସିହା ପର୍ଯ୍ୟନ୍ତ ବହୁ ଦପ୍ତରର ରେକର୍ଡ ଅଭିଲେଖାଗାରରେ ସାଇତା ଯାଇଛି। କୌଣସି ଦପ୍ତର ବା ସରକାରୀ କାର୍ଯ୍ୟାଳୟରେ ସରକାରୀ ନଥିପତ୍ର ୩୦ବର୍ଷ ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଏ। ୩୦ବର୍ଷ ପରେ ଏଗୁଡ଼ିକୁ ନଷ୍ଟ କରି ଦିଆଯାଏ, ନଚେତ୍ ଅଭିଲେଖାଗାରକୁ ପ୍ରଦାନ କରାଯାଇଥାଏ। ତେବେ ୧୯୭୦ ପରଠୁ ଏପର୍ଯ୍ୟନ୍ତ ୫୪ ବର୍ଷ ବିତି ଯାଇଥିବାରୁ ଦପ୍ତରମାନଙ୍କରେ ମହଜୁଦ ଥିବା ଗୁରୁତ୍ୱପୂର୍ଣ୍ଣ, ବିରଳ ଓ ଆବଶ୍ୟକ ନଥି ତଥା ରେକର୍ଡ ସଂଗ୍ରହ କରାଯିବାକୁ ବିଭାଗ ଏହି ଯୋଜନା କରିଥିଲା। ଜିଲ୍ଲାସ୍ତରୀୟ ଅଭିଲେଖାଗାର ଏବଂ ଫିଲ୍ମ ଅଭିଲେଖାଗାର ପ୍ରତିଷ୍ଠା କରାଯିବା ନେଇ ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଏ ବିଷୟରେ ସେ ଜାଣି ନ ଥିବା କହିଛନ୍ତି।

## ସିଣ୍ଡିକେଟ ବିନା କେମିତି ହେବ କୁଳପତି ନିଯୁକ୍ତି

### ଚୟନ କମିଟିରେ ରହିବେ ଜଣେ ସିଣ୍ଡିକେଟ ମନୋନୀତ ସଦସ୍ୟ

ଭୁବନେଶ୍ୱର,୮।୬(ସମିସ): ଏକାଥରକେ ଖାଲି ପଡ଼ିଥିବା ଏବଂ ଖାଲି ହେଉଥିବା ୧୩ ବିଶ୍ୱବିଦ୍ୟାଳୟ କୁଳପତି ପଦରେ ନିଯୁକ୍ତି ହେବ। ଏଥିପାଇଁ ଆଶାୟୀମାନେ ଆବେଦନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ହେଲେ ନିଯୁକ୍ତି ପ୍ରକ୍ରିୟାକୁ ନେଇ କେଁ ଦେଖାଦେଇଛି। କାରଣ ଏହି ନିଯୁକ୍ତି ପ୍ରକ୍ରିୟା ପାଇଁ ଗଠନ ହେବାକୁ ଥିବା ୩ଜଣିଆ କମିଟିରେ ସିଣ୍ଡିକେଟ୍ ମନୋନୀତ ଜଣେ ପ୍ରତିନିଧି ରହିବାର ପ୍ରାବଧାନ ରହିଛି। ହେଲେ ରାଜ୍ୟର କୌଣସି ବିଶ୍ୱବିଦ୍ୟାଳୟରେ ସିଣ୍ଡିକେଟ୍ ନଥିବାରୁ କେମିତି ତା’ର ପ୍ରତିନିଧି ଚୟନ ହେବେ ଏବଂ ଚୟନ କମିଟିରେ ରହିବେ, ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୪ ଅନୁଯାୟୀ କୁଳପତି ନିଯୁକ୍ତି ପାଇଁ ୩ ଜଣିଆ କମିଟି ଗଠନ କରାଯିବ। ଯେଉଁଥିରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି), ରାଜ୍ୟପାଳ ବା କୁଳାଧିପତିଙ୍କ ପ୍ରତିନିଧି ଏବଂ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ପକ୍ଷରୁ ଜଣେ ଲେଖାଏଁ ପ୍ରତିନିଧି ରହିବେ। ଆବେଦନ କରିଥିବା ଆଶାୟୀଙ୍କ ଆବେଦନପତ୍ରକୁ ଯାଞ୍ଚ କରିବା ପରେ ଏକ ତାଲିକା ପ୍ରସ୍ତୁତ କରି ରାଜ୍ୟପାଳଙ୍କୁ ପଠାଇବେ। ରାଜ୍ୟପାଳ ସେମାନଙ୍କ ସାକ୍ଷାତକାର ନେବା ପରେ ଯୋଗ୍ୟ ପ୍ରାର୍ଥୀଙ୍କୁ କୁଳପତି ଭାବେ ନିଯୁକ୍ତି କରିବେ। ଅପରପକ୍ଷରେ ଏହି ତାଲିକା ପ୍ରସ୍ତୁତି କରିବା ପାଇଁ କମିଟିରେ ଜଣେ ସିଣ୍ଡିକେଟ ମନୋନୀତ ସଦସ୍ୟ ରହିବା ଜରୁରୀ। କୌଣସି ବିଶ୍ୱବିଦ୍ୟାଳୟରେ ନୂତନ ନିୟମ ଅନୁଯାୟୀ ସିଣ୍ଡିକେଟ୍ ଗଠନ କରାଯାଇନାହିଁ। ଏପ୍ରିଲ ୨୮ରେ ଉଚ୍ଚଶିକ୍ଷା ପକ୍ଷରୁ ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖାଯାଇ ସିଣ୍ଡିକେଟ୍ ଗଠନ ପାଇଁ ପଦକ୍ଷେପ ନେବାକୁ କୁହଯାଉଥିଲା। ତେଣୁ ସିଣ୍ଡିକେଟ ଗଠନ ନ ହେଲା ପର୍ଯ୍ୟନ୍ତ ଏହାର ମନୋନୀତ ସଦସ୍ୟଙ୍କୁ ଚୟନ କରାଯାଇପାରିବ ନାହିଁ। ଫଳରେ କମିଟି ଗଠନ ଏବଂ କୁଳପତି ନିଯୁକ୍ତି କିପରି ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ନିଯୁକ୍ତି ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ଗତ ୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। କୁଳପତି ପଦ ପାଇଁ ଆଶାୟୀ ପ୍ରାର୍ଥୀଙ୍କୁ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ୧୦ ବର୍ଷ ଅଭିଜ୍ଞତା ଥିବା ଦରକାର। ଅଥବା ସମକକ୍ଷ ପଦ ରେ ୧୦ ବର୍ଷ କାର୍ଯ୍ୟ କରିବା ଅଭିଜ୍ଞତା ଥିବା ଜରୁରୀ। ଏଥିସହ ଆବେଦନକାରୀଙ୍କ ବୟସ ୨୦୨୫ ଡିସେମ୍ବର ୧ ସୁଦ୍ଧା ୬୬ ବର୍ଷରୁ କମ ହୋଇଥିବା ଆବଶ୍ୟକ। ସେହିପରି ଆବେଦନ ପାଇଁ ଶେଷ ତାରିଖ ଜୁଲାଇ ୫ ରଖାଯାଇଛି।

# ଗତିପଥ ବଦଳାଉଛି ସୁବର୍ଣ୍ଣରେଖା

ବାଲିଆପାଳ, ୮।୬(ସମିସ)



## କୁହ୍ଲାଚଡ଼-କୁହ୍ଲା ଗ୍ରାମପ୍ରତି ବିପଦ
## କାମ ପାଇଁ ଟେଣ୍ଡର ସରିଛି : ବିଭାଗୀୟ ଯନ୍ତ୍ରୀ

ବାଲିଆପାଳ ବାସୀଙ୍କ ଦୁଃଖ ସୁବର୍ଣ୍ଣରେଖା। ପ୍ରତିବର୍ଷ ଏହି ନଦୀ ଗତିପଥ ବଦଳାଇ କୂଳ ଖାଉଥିବାରୁ ବାଲିଆପାଳ ବ୍ଲକରେ ପ୍ରଭୂତ କ୍ଷତି ହୋଇଥାଏ। ବିଗତ କିଛିବର୍ଷ ଧରି ଏହି ନଦୀର ଅତଳ ଗର୍ଭରେ ଭୁକମାନଙ୍ଗିତ, ମନୋନଗର, ରସଲପୁର, ନୟାବାଲି, ଇକଡପାଳ ପ୍ରଭୃତି ଗ୍ରାମର ବହୁ ଅଞ୍ଚଳ ଲୀନ ହୋଇଯାଇଛି। ଏବେ ସେ ସବୁ ସ୍ଥାନରେ ପଥର ପ୍ୟାଚିଂ ହେବାପରେ ବର୍ତ୍ତମାନ କୁହ୍ଲାଚଡ଼ଗ୍ରାମ ନିକଟସ୍ଥ ପନ୍ତେଇଘାଟ ନିକଟରେ ନଦୀ କୂଳ ଖାଉଛି। ଫଳରେ ବାଲିଆପାଳ ବ୍ଲକ ଅନ୍ତର୍ଗତ କାମର୍ଦ୍ଦା ପଞ୍ଚାୟତ ର କୁହ୍ଲାଚଡ଼ ଏବଂ ଭୋଗରାଇ ବ୍ଲକ ଅନ୍ତର୍ଗତ ରସଲପୁର ପଞ୍ଚାୟତ କୁହ୍ଲାଗ୍ରାମପ୍ରତି ବିପଦ ସୃଷ୍ଟି ହୋଇଛି। ସୁବର୍ଣ୍ଣରେଖା ନଦୀ ପନ୍ତେଇଘାଟ ନିକଟରେ କୁହ୍ଲାଚଡ଼ ପଟରେ ପ୍ରାୟ ୨୦୦ ମିଟର ଲମ୍ବ ଅଞ୍ଚଳରେ ପ୍ରତିଦିନ ନଦୀରୁ ଅତଡା ଖସୁଛି। ବିଗତ ୬ମାସ ଭିତରେ କୁହ୍ଲାଚଡ଼ ଓ କୁହ୍ଲାଗ୍ରାମର ଚାଷୀଙ୍କ ଏକର ଏକର ଜମି ନଦୀଗର୍ଭକୁ ଚାଲିଗଲାଣି। ବର୍ତ୍ତମାନ ଯେଉଁବେଗରେ ନଦୀରୁ ଅତଡା ଖସୁଛି ଏହି ଧାରା ଜାରି ରହିଲେ ଦୁଇ ଗ୍ରାମ ନିକଟରେ ନଦୀ ପହଂଚିବାକୁ ବେଶି ବିଳମ୍ବ ହେବ ନାହିଁ। ବଙ୍ଗୋପସାଗର ଲୁଣି ଜୁଆର ନଦୀର ମୁହାଁଣରେ ପ୍ରବଳଗତିରେ ପ୍ରବେଶ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା କୁହାଯାଉଛି। ସାମୁଦ୍ରିକ ଜୁଆର ନଦୀର ପୂର୍ବପଟେ ମାଡ ଖାଇ ବାଲିଆପାଳ ପଟକୁ ଆସୁଥିବାରୁ ଅଧିକ ଅତଡା ଖସୁଛି। ପୂର୍ବପଟରେ ପନ୍ତେଇ ଗ୍ରାମ ନିକଟରେ ସ୍ୱର ଓପରେ ପ୍ୟାଚିଂ ହୋଇଥିବାରୁ ଜୁଆରମାଡ ହୋଇ ସେ ପାଖରେ କ୍ଷତି କରି ନ ପାରି କୁହ୍ଲା ଓ କୁହ୍ଲାଚଡ଼ ଗ୍ରାମ ନିକଟରେ ଅଧିକ କ୍ଷତି କରି ଚାଲିଛି। ଏହାଦ୍ୱାରା ବର୍ତ୍ତମାନ ଅଧିକ କ୍ଷତିଗ୍ରସ୍ତ ହୋଇପଡିଛି ବ୍ୟସ୍ତବହୁଳ ପନ୍ତେଇ ଫେରିଘାଟ। ପ୍ରତିଦିନ ଏହି ଘାଟ ପାର ହୋଇ ହଜାର ହଜାର ଲୋକ ବାଇକ ଓ ସାଇକେଲ ପ୍ରଭୃତିରେ ଭୋଗରାଇ ବ୍ଲକ ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳକୁ ଯାତାୟାତ କରିଥାନ୍ତି। ଏବେ ନାଉରିଆ ଘାଟଛାଡି ଦୂରରେ ଅନ୍ୟସ୍ଥାନରେ ଡଙ୍ଗା ଲଗାଇ ଯାତ୍ରୀମାନଙ୍କୁ ନେବା ଅଣିବା କରୁଛି। ଜୁଆର ଛାଡିଯିବା ବେଳେ ଲୋକମାନେ ପାଣି କାଦୁଅରେ ପଶି ଡଙ୍ଗା ଚଢୁଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ଜଳସେଚନ ବିଭାଗକୁ ବାରମ୍ବାର ସ୍ଥାନୀୟ ଅଂଚଳବାସୀ ପକ୍ଷରୁ ଦାବି କରାଯାଇଛି। ଗତ ବର୍ଷ ଜୁଲାଇ ମାସରେ ଜଳସେଚନ ବିଭାଗର ଇଞ୍ଜିନିୟିର ଇନ ଚିଫ କମ୍ ସ୍ପେଶାଲ ସେକ୍ରେଟେରୀ ମୁକୁଳ ବେରା ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ମାନେ ଉକ୍ତସ୍ଥାନ ପରିଦର୍ଶନ କରି ତୁରନ୍ତ ପଥର ପ୍ୟାଚିଂ ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହା ଭିତରେ ଏକ ବର୍ଷ ବିତିଯାଇଥିଲେ ମଧ୍ୟରେ ସେଠାରେ ଝୁଡିଏ ମାଟି ମଧ୍ୟ ପଡିପାରିନାହିଁ। ଏହାର ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ନ ନେଲେ ବନ୍ୟା ହେଲେ ପରିସ୍ଥିତି ଅଧିକ ଭୟଙ୍କର ହେବ ବୋଲି ଅଞ୍ଚଳବାସୀ କହିଛନ୍ତି। ସେହିପରି ଏଠାରେ କାମର୍ଦ୍ଦା ଲକ ଠାରୁ ପନ୍ତେଇ ଘାଟ ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀ ଉପରେ ୧୧୨ କୋଟି ଟଙ୍କାରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଏଲଏନଟି କରୁଛି। ତେବେ ଏହି କାର୍ଯ୍ୟ ମଧ୍ୟ କଚ୍ଛପ ଗତିରେ ଚାଲୁଥିବାରୁ ଏହା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସରିବା ଦେଖାଯାଉନି। ଏ ସମ୍ପର୍କରେ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ନନିଗୋପାଳ ସେନ କହିଛନ୍ତି ସେଠାରେ ପଥର ପ୍ୟାଚିଂ ପାଇଁ ୩ କୋଟି ୭୨ ଲକ୍ଷ ଟଙ୍କାର ଏକ ଅଟକଳ ପ୍ରସ୍ତୁତ କରାଯାଇ ଟେଣ୍ଡର ସରିଥିବା କହିଛନ୍ତି। ଖୁବ୍‌ଶୀଘ୍ର ସେହି କାର୍ଯ୍ୟ ଆରମ୍ଭ ହେବ। ଚଳିତ ବର୍ଷା ଦିନରେ ସେଠାକାର ପରିସ୍ଥିତି ଦେଖି ଜରୁରୀ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ସେନ କହିଛନ୍ତି।

## ଏସ୍‌ଏସ୍‌ପୁର ସେବା ସମବାୟ ସମିତି ସମ୍ମାନିତ



ନୀଳଗିରି, ୮।୬ (ସମିସ): ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ଭୁବନେଶ୍ୱରରେ ସ୍ୱତନ୍ତ୍ର ଭାବେ ଭୁବନେଶ୍ୱର ରାଜଭବନଠାରେ ପାଳିତ ହୋଇଯାଇଛି। ସମାରୋହରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡର ଶ୍ୟାମସୁନ୍ଦରପୁର ପ୍ରାଥମିକ କୃଷି ସମିତିକୁ ନିମନ୍ତ୍ରଣ କରାଯାଇଥିଲା। ଶ୍ୟାମସୁନ୍ଦରପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ମନୋରଞ୍ଜନ ଦାସଙ୍କୁ ରାଜ୍ୟପାଳ ମାନପତ୍ର ଓ ବ୍ୟାଚ ଦେଇ ସମ୍ମାନିତ କରାଯାଇଥିବା ଜଣାପଡିଛି। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଶ୍ରୀ ଦାସଙ୍କ ସହିତ ସମିତିର ସଭ୍ୟ ପୁରସ୍ତମ ସେଠୀ, ସମିତିର ସମ୍ପାଦକ ଗଦାଧର ପାତ୍ର, ନୀଳଗିରି ଏଆରସିଏସ କାର୍ଯ୍ୟାଳୟର କ୍ଷେତ୍ର କର୍ମଚାରୀ ବିଭୂତି ଭୂଷଣ ବାରିକ ପ୍ରମୁଖ ଯୋଗ ଦେଇ ଥିଲେ।

## ଖଇରାରେ ବିଜେପିର ତ୍ରିରଙ୍ଗା ଯାତ୍ରା

ଖଇରା,୮।୬ (ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକରେ ବିଜେପି ପକ୍ଷରୁ ରବିବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଏକ ବାଇକ ଶୋଭାଯାତ୍ରା ତୁଡିଗଡିଆ ସହୀଦ ସ୍ତମ୍ଭ ନିକଟରୁ ବାହାରି ଖଇରା ବ୍ଲକ ଛକରେ ପହଞ୍ଚିଥିଲା। ବ୍ଲକ ଛକରେ ଆୟୋଜିତ ସମାବେଶରେ ରାଜ୍ୟ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପାକିସ୍ତାନର ସନ୍ତ୍ରାସବାଦୀ ମାନେ ଯେଉଁ ବ୍ୟକ୍ତିମାନଙ୍କୁ ଗୁଳି କରି ୨୬ଜଣଙ୍କ ସିନ୍ଦୁର ପୋଛିଲେ ପ୍ରଧାନମନ୍ତ୍ରୀ ମୋଦୀ ଅପରେସନ ସିନ୍ଦୁର ମାଧ୍ୟମରେ ଜବାବୀ କାର୍ଯ୍ୟାନୁଷ୍ଠାନ ଦେଇ ୪ଦିନ ମଧ୍ୟରେ ପାକିସ୍ତାନକୁ ଧରାଶାୟୀ କରି ଜଣେ ଦୃଢ ନେତାର ପରିଚୟ ଦେଲେ ବୋଲି କହିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା ବକ୍ତବ୍ୟ ରଖିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସମ୍ପାଦକ ବିଜୟ ସାହୁ, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଚନ୍ଦ୍ର ଶେଖର ନନ୍ଦ, ଯୁବନେତା ନିଳମାଧବ ପଣ୍ଡା ଓ ଅଂଶୁମାଧବ ପଣ୍ଡା, ୪ଜୋନ ସଭାପତି ସୁମନ୍ତ କୁମାର ଜେନା, ଲକ୍ଷ୍ମୀଧର ନାୟକ, ମାନସ କୁମାର ମୁଦୁଲୀ ଓ ରମେଶ କୁମାର ଜେନା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରାଧାକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୈଳାସ ମାଝୀ ଓ ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପରେ ଉପରୋକ୍ତ ନେତୃବୃନ୍ଦ ଖଇରା ବ୍ଲକରେ ନିର୍ମିତ ହେବାକୁ ଥିବା ପଞ୍ଚାୟତ ସମିତି ନୁତନ ଗୃହର ଶିଳାନ୍ୟାସ କରିଥିଲେ।



## ମନ୍ଦାରସାହିରେ ଶୀତଳା ମାତାଙ୍କ ବାର୍ଷିକ ଉତ୍ସବ

ଭୋଗରାଇ, ୮।୬ (ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ସେହି ଗ୍ରାମରେ ଥିବା ଶୀତଳା ମାତାଙ୍କ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଗତ ମଙ୍ଗଳବାର ଘଟ ଉତ୍ତୋଳନ ହୋଇଥିଲା। ୫ ଦିନ ବ୍ୟାପି ଏହି ପୂଜାତ୍ସବ ଅନୁଷ୍ଠିତ ହୋଇଥିଲା। ଗତ ଶନିବାର ଅନ୍ତିମ ତଥା ବଡ଼ ପୂଜା ଅନୁଷ୍ଠିତ ହୋଇ ଉତ୍ସବ ଉଦଯାପିତ ହୋଇଥିଲା। ଏହି ପୂଜା ଉତ୍ସବରେ ସମଗ୍ର ମନ୍ଦାର ସାହି ପଞ୍ଚାୟତର ମହିଳା ଓ ପୁରୁଷମାନେ ଫୁଲ ନୈବେଦ୍ୟ ଶୀତଳା ମାତାଙ୍କୁ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ୫ ଦିନ ବ୍ୟାପି ଶୀତଳା ମାତାଙ୍କ ମଙ୍ଗଳ ଗୀତିନାଟ୍ୟ ଅନୁଷ୍ଠିତ ହୋଇଥିଲା। ଏହି ପୂଜାର୍ଚ୍ଚନାରେ ଗ୍ରାମର ମୁଖ୍ୟ କରୁଣାକର ମହାନ୍ତି, ଗଜେନ୍ଦ୍ର ଦାସ, ଶ୍ରୀନିବାସ ଗିରି, ହରିପଦ ଗିରି, ଶଶାଙ୍କ ଶେଖର ଗିରି, ହରିହର ଜେନା, ପୂର୍ଣ୍ଣଚନ୍ଦ୍ର ଗିରିଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।



## ଜଳେଶ୍ୱର ପ୍ରଖଣ୍ଡ ବଜରଙ୍ଗ ଦଳର ବୈଠକ



ଜଳେଶ୍ୱର ବ୍ଲକ, ୮।୬ (ସମିସ): ଜଳେଶ୍ୱର ପ୍ରଖଣ୍ଡ ବଜରଙ୍ଗ ଦଳର ନୂତନ ସଂଯୋଜକ ଭାବେ ମହମ୍ମଦ ନଗର ପାଟଣାର ଯୁବକ ସାଗର କୁମାର ଦାସ ଏବଂ ସହ-ସଂଯୋଜକ ଭାବେ ଗୋବରଘଟା ପଞ୍ଚାୟତର ଯୁବକ ସଂଗ୍ରାମ ଜେନା, ଜଳେଶ୍ୱର ଷ୍ଟେସନ ବଜାର ଅଞ୍ଚଳର ବିନାୟକ ଦାସ, ଅବିନାଶ ଦାସ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ମିଳନ କେନ୍ଦ୍ର ପ୍ରମୁଖ ଭାବେ ଗଜେନ୍ଦ୍ର ନାଥ ଖମାରୀ, ସହ ପ୍ରମୁଖ ଭାବେ ଚିନ୍ମୟ ବାରିକ, ମାକିଡ଼ିଆର ଶିବାଜୀଶଙ୍କର ଦାସ, ରାଇବଣିଆର ସାଗର କୁମାର ଦାନ ପ୍ରମୁଖ ବିଭିନ୍ନ ଦାଇତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜଳେଶ୍ୱର ପ୍ରାଙ୍ଗଣରେ ବିଶ୍ୱହିନ୍ଦୁ ପରିଷଦର ବାଲେଶ୍ୱର ଜିଲ୍ଲା ସମ୍ପାଦକ ରଶ୍ମିରଞ୍ଜନ ଦାସ ଏକ ବୈଠକ ଡକାଇ ବଜରଙ୍ଗ ଦଳର କାର୍ଯ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଯୁବକ ମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିପ୍ଳବ ପ୍ରଧାନ, ଓରିନ ମହାନ୍ତି, ସରୋଜ ବେହେରା, ଅଜିତ ଦାସ, ଦୀପକ ସିଂ, ରବିରଞ୍ଜନ ମାହାନ୍ତି, ଅଜୟ ଗିରି, ରାଜୀବ ଘୋଷ, ରିଙ୍କୁରାଜ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ।

## ଦୁଇ ଅନାଥ ନାବାଳକଙ୍କୁ ସହାୟତା



ଜଳେଶ୍ୱର ବ୍ଲକ, ୮।୬ (ସମିସ): ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଆରୁହା ପଞ୍ଚାୟତର ମଙ୍ଗା ପୋଖରୀ ସାହିର ଅନାଥ ଦୁଇ ଭାଇଙ୍କୁ ଓଡ଼ିଶା ରେଶନ କାଡ ପରିଚାଳନା କେନ୍ଦ୍ର ଓ ଜିଲ୍ଲା ଅଭିଯୋଗ ପ୍ରତିକାର ଅଧିକାରୀଙ୍କ ତଥ୍ୟ ପ୍ରବେଶ ଚାଳକ ସଂଘ ମିଳିତ ଭାବେ ପହଞ୍ଚି ରାଜ୍ୟ ସଭାପତି ଉମେଶ ବାଗ, ଉପସଭାପତି ଦେବେନ ଦେବଦାସ ନାୟକ, ସଂପାଦକ ଜୀତେନ୍ଦ୍ର ସାହୁ, ଯୁଗ୍ମ ସଂପାଦକ ଶୁଭେନ୍ଦୁ କୁମାର ହୋତା, ସଂଗଠକ ସଂପାଦକ ଗଣେଶ ବେହେର ଦଳେଇ, ବାଲେଶ୍ୱର ଜିଲ୍ଲା ସଭାପତି ଜାନକୀ ଜେନା, ସଂପାଦକ ଆଲୋକ କୁମାର ନାୟକ, ସନ୍ତୋଷ ପଣ୍ଡା, ବିରେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ କୁମାର ବେହେରା, ଗୌତମ ନାୟକ, ଜ୍ୟୋତି ମହାପାତ୍ର, ଭବ ଶଙ୍କର ଜେନା ପ୍ରମୁଖ ସଭ୍ୟ ମାନେ ପହଞ୍ଚି ଅନାଥ ଦୁଇ ଭାଇଙ୍କ ବ୍ୟାଙ୍କ ଖାତାକୁ ୩୫ ହଜାର ଟଙ୍କା ସହାୟତା କରିଥିଲେ। ସେହିପରି ଅନୁଗୋଳ ଜିଲ୍ଲାର ଜୟ ଜଗନ୍ନାଥ କ୍ଲବ ପକ୍ଷରୁ ମଧ୍ୟ ୨ ହଜାର ୫ ଶହ ଟଙ୍କା ସହାୟତା ପ୍ରଦାନ କରିଥିଲେ। ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ସହ ବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ଚାନ୍ଦ, ଯୁବନେତା ରାଜେଶ ଖଟୁଆ, କାଳି ଚରଣ ଦାସ, ସଞ୍ଜୀବ ପାତ୍ର, ସାମ୍ବାଦିକ ମନୋଜ ଭୂୟାଁ, ରଞ୍ଜନ କୁମାର ବେହେରା, ଅଶ୍ରୁମୋଚନ ଘୋଷ, ପ୍ରଶାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର, ୪୪ ୟୁନିଟ୍ ସଂଗୃହୀତ



ନୀଳଗିରି, ୮।୬(ସମିସ): ନୀଳଗିରିସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ ଶିକ୍ଷାନୁଷ୍ଠାନ ଏବଂ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଜି ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୀଳଗିରି ଉପଖଣ୍ଡ ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ ଶିବିରକୁ ଉଦଘାଟନ କରିଥିଲେ। ନୀଳଗିରି ଉପଖଣ୍ଡ ରକ୍ତ ଭଣ୍ଡାରର ଅଧିକାରୀ ଡାକ୍ତର ତ୍ରିନାଥ ପାଲ ଉପସ୍ଥିତିରେ ରକ୍ତ ସଂଗ୍ରହ କରାଯାଇଥିଲା । ଏଥିରେ ନୀଳଗିରି ଡାକ୍ତର ଖାନାର ନର୍ସ ମଞ୍ଜରୀ ବେହେରା, ଏଲଟି ରାଜେଶ କୁମାର ଦାସ, ସରୋଜ କୁମାର ପସା, ଡିଆଇଏମ ସଂଗ୍ରାମ ମହାପାତ୍ର ଓ ଡ୍ରାଇଭର ରାଜେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କ ପାଖରୁ ରକ୍ତ ସଂଗ୍ରହ କରିଥିଲେ। ଡିଭାଇନ ଟ୍ୟୁଟୋରିଆଲ୍‌ର ପରିଚାଳକ ତଥା ଡିଭାଇନ ଶିକ୍ଷାନୁଷ୍ଠାନ ଏବଂ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ଉପସ୍ଥିତିରେ ଏହି ରକ୍ତ ଦାନ ଶିବିରକୁ ପରିଚାଳନା କରିଥିଲେ। ଶିବିରରେ ମୋଟ ୪୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

## ଖଇରା କଲେଜ ୧୯୯୮ ବ୍ୟାଚ୍ ଗ୍ରାଜୁଏଟଙ୍କ ବନ୍ଧୁ ମିଳନ



ଖଇରା, ୮।୬ (ସମିସ): ବାଲେଶ୍ୱର ଜିଲାର ଅନ୍ୟତମ ଖ୍ୟାତି ସମ୍ପନ୍ନ ଖଇରା କଲେଜ ୧୯୯୮ ବ୍ୟାଚ ଗ୍ରାଜୁଏଟଙ୍କର ଏକ ବନ୍ଧୁମିଳନ ଉତ୍ସବ ରବିବାର ଦିନ ଖଇରା ଇଣ୍ଡେନ ଗ୍ୟାସ କାର୍ଯ୍ୟାଳୟ ପରିସରରେ ଅବିନାଶ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି। ପବିତ୍ର ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଇରା କଲେଜର ପ୍ରାକ୍ତନ ଓଡିଆ ପ୍ରଧ୍ୟାପକ ଲକ୍ଷ୍ମଣ ଶତପଥୀ, ଇଂରାଜୀ ଅଧ୍ୟାପକ ବନମାଳୀ ବାରିକ, ରାଜନୀତି ବିଜ୍ଞାନ ଅଧ୍ୟାପକ ଆର୍ତ୍ତବନ୍ଧୁ ନାୟକ, ପ୍ରାଧ୍ୟାପକ ଡ ଗୋପବନ୍ଧୁ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ରଞ୍ଜନ କୁମାର ମହଲା ମଞ୍ଚ ପରିଚାଳନା କରିଥିଲେ।

## ଶ୍ରମିକ ବଦଳରେ ଜେସିବି କରୁଛି ମନରେଗା କାମ

ଔପଦା, ୮।୬(ସମିସ) : ଔପଦା ବ୍ଲକରେ ମନରେଗା ପୋଖରୀ ଖୋଳା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଅଭିଯୋଗ। ଜେସିବି ମେସିନ ପାଲଟିଛି ଶ୍ରମିକ। ଫଳକ ନ ଲଗାଇ ବେଧଡକ ଭାବେ ଜେସିବି ମେସିନିରେ ଚାଲିଛି ପୋଖରୀ ଖୋଳା। ଏଭଳି ସ୍ଥିତି ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ତଳକିଆ ପଞ୍ଚାୟତ ଦରଖୋଳି ଗ୍ରାମରେ। ଦରଖୋଳି ନୋଡାଲ ହାଇସ୍କୁଲ ସମ୍ମୁଖ ପୋଖରୀରେ ଦୁଇ ଦିନ ଧରି ଜେସିବି ମେସିନରେ ଖୋଳା ଚାଲିଛି। ଏହି ପୋଖରୀ ନାଁ ରେ ମନରେଗା ରେ ୫ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ହୁଏତ ଫଳକ ଲଗାଇଲେ ଲୋକ ଲୋଚନକୁ ଆସିବ ସେଥିପାଇଁ ଆଗୁଆ ଖୋଳା ଚାଲିଛି। କାହା ଇଙ୍ଗିତରେ ବେଧଡ଼ ଭାବେ କିଏ ଏ ପ୍ରକାର ପୋଖରୀ ଖୋଳା ଚଳାଇଛି ତାହା ସାଧାରଣ ରେ ପ୍ରଶ୍ନ ସୃଷ୍ଟି ହୋଇଛି।



ଏ ସମ୍ପର୍କରେ ବ୍ଲକ ପ୍ରଶାସନ ପାଖରେ କୌଣସି ସୂଚନା ନାହିଁ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

## ମନ୍ଦିରରୁ ଚୋରି ଅଭିଯୋଗ

ସୋର, ୮।୬ (ସମିସ): ସୋର ବ୍ଲକ ବାଳଙ୍ଗ ପଞ୍ଚାୟତ ଜହ୍ନିଆ ଗ୍ରାମର ଶିବ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ଆଜି ସକାଳେ ମନ୍ଦିର ପୂଜକ ପୂଜା କରିବାକୁ ଆସିଥିବା ବେଳେ ମନ୍ଦିରର ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଭିତରେ ଶିବ ଲିଙ୍ଗ ନିକଟରେ ଥିବା ୧୪ କିଲୋ ଓଜନର ଦୁଇଟି ତମ୍ବା ନାଗ ସହ ୬ ଶହ ଗ୍ରାମର ରୁପା ଅଳଙ୍କାର ଓ ଦାନ ବାକ୍ସ ଭଙ୍ଗାଯାଇ ୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ବାବଦରେ ପୂଜକ ଗ୍ରାମବାସୀଙ୍କୁ ଅବଗତ କରିବା ପରେ ଗ୍ରାମବାସୀ ଅନନ୍ତପୁର ଫାଣ୍ଡି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଅନନ୍ତପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଫେରି ଯାଇଥିଲେ। ପରେ ଏ ବାବଦରେ ଗ୍ରାମବାସୀ ଏବଂ ପୂଜକ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି

## ଆଖଡ଼ା ଶୋଭାଯାତ୍ରାବେଳେ ଆକ୍ରମଣ, ୩ ଗୁରୁତର



ସୋର, ୮।୬ (ସମିସ): ଗତକାଲି ଇଦ ଉଲ ଜୁହା ପାଳନ ଅବସରରେ ସୋର ପୌର ପାଳିକାରେ ଆଖଡ଼ା ଶୋଭାଯାତ୍ରା ଚାଲିଥିବା ବେଳେ ଗଣ୍ଡଗୋଳ ହେବା ଫଳରେ ୩ ଜଣ ଗୁରୁତର ଆହତ ହୋଇଥିଲେ। ଅଭିଯୋଗ ଅନୁସାରେ ଇଟୁଆ ଗ୍ରାମର ସେକ ରହେମାନ, ଦିଦାର ଖାନ ଏବଂ ପଠାଣ ମହଲ୍ଲା ଗ୍ରାମର ରିୟାଜ ଖାନ ଛତ୍ରପୁର ଛକ ନିକଟରେ ଆଖଡ଼ା ଶୋଭାଯାତ୍ରା ଦେଖୁଥିବା ବେଳେ କାଶୀପୁର ଗ୍ରାମର ୩ ଜଣ ଯୁବକ ଖଣ୍ଡା, ହକି ଷ୍ଟିକରେ ହଠାତ ଆକ୍ରମଣ କରିଥିଲେ। ଫଳରେ ସମସ୍ତଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଦିଦାରର ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଆଜି ଅପରାହ୍ନରେ ସମସ୍ତେ ମେଡିକାଲରୁ ଚିକିତ୍ସିତ ହୋଇ ଫେରିବା ପରେ ସେକ ରହେମାନ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ସୋର, ୮।୬ (ସମିସ)



କୃଷି ବିଭାଗ ତରଫରୁ ସୋର ବ୍ଲକ ଅନନ୍ତପୁର ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇସିଏଆର ର ଡ଼. ଏସ. ପ୍ରଧାନ, କେଭିକେ ଡ. କମଳାକାନ୍ତ ବେହେରା, ଡ. ନିରୋଜ କୁମାର ଜେନା, ଏଫଏଆଇସି ଚେୟାରମ୍ୟାନ ଗିରିଧାରୀ ବେହେରା, ଏଏଫଓ ସନ୍ଧ୍ୟାରାଣୀ ମୁର୍ମୁ, ଏଏଓ ସୁବାସିନୀ କର, ଏଓଓ ଚିତ୍ତରଞ୍ଜନ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ଏଟିଏମ ସୁବାସ ଚନ୍ଦ୍ର ଦୀକ୍ଷିତ, ଭିଏଡବ୍ଲୁ ହରେକୃଷ୍ଣ ରଣା ପ୍ରମୁଖ ଯୋଗଦେଇ ଚାଷୀ ମାନଙ୍କୁ ଚାଷର ବିଭିନ୍ନ ଦିଗରେ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଅପରାହ୍ନରେ ମଧୁସୂଦନପୁର ପଞ୍ଚାୟତରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପରୋକ୍ତ ସମସ୍ତ କୃଷି ଅଧିକାରୀଙ୍କ ସମେତ ପଞ୍ଚାୟତ ସରପଞ୍ଚ ମାଳତୀଲତା ଜେନା, ସମିତି ସଭ୍ୟା ସରୋଜିନୀ ଦାସ, ଭିଏଡବ୍ଲୁ ଝରଣା ବେହେରା, ଏଚଇଡବ୍ଲୁ ଗିରିଜା ଶଙ୍କର ପଣ୍ଡା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସୋର ଜିଲ୍ଲା କୃଷି ବିଭାଗର ସମସ୍ତ କର୍ମଚାରୀ ମାନେ ପରିଚାଳନା କରିଥିବା ବେଳେ ଉଭୟ କାର୍ଯ୍ୟକ୍ରମରେ ବ୍ଲକର ଦୁଇ ଶହ ପଚାଶରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ।

## ବାଇକ୍‌ରୁ ପଡ଼ି ଯୁବକ ମୃତ

ସିମୁଳିଆ, ୮।୬ (ସମିସ): ଭଦ୍ରକ ଜିଲ୍ଲା ବିଦେଇପୁର ପଞ୍ଚାୟତ ବିରସ ଗ୍ରାମର ବଂଶୀଧର ଜେନାଙ୍କ ପୁତ୍ର ସର୍ବେଶ୍ୱର ଜେନା ବାଇକ ଯୋଗେ ସିମୁଳିଆ ବ୍ଲକ ଅଧିନସ୍ଥ କନେଇଁ ବିନ୍ଧା ପଞ୍ଚାୟତର ତାଙ୍କ ମାମୁ ଘରକୁ ଆସୁଥିଲା ବେଳେ ଦଧିବାମନପୁର ଛକ ନିକଟସ୍ଥ ରାଧା କୃଷ୍ଣ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ହୁଣ୍ଡି ବାକ୍ସକୁ ଧକ୍କା ଦେଇ ନିକଟ ଏକ ଗଡିଆ ରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଅଟୋ ଯୋଗେ ସିମୁଳିଆ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସର୍ବେଶ୍ୱରକୁ ମୃତ ଘୋଷଣା କରିଥିଲେ।

## ପଟିଦିଅଁ ଅଙ୍କନ ଉତ୍ସବ; ପଟିରେ ଲାଗିଲା ରଙ୍ଗ

● ଆକର୍ଷିତ କଲା ଦାସକାଠିଆ ଓ ଓଡ଼ିଶୀ ନୃତ୍ୟ



ବାଲେଶ୍ବର, ୮।୬(ସମିସ): ୧୧ତମ ପଟିଦିଅଁ ଅଙ୍କନ ଉତ୍ସବର ଦ୍ବିତୀୟ ଦିବସରେ ଚିତ୍ରକର ମାନେ ପଟିରେ ଅନନ୍ତ ବାସୁଦେବ, ଅନନ୍ତ ନାରାୟଣ ଓ ଭୁବନେଶ୍ବରୀଙ୍କ ରେଖାଚିତ୍ର ଆଙ୍କିବା ପରେ ରଙ୍ଗ ଲଗାଯାଇଛି। ସନ୍ଧ୍ୟାରେ ସଭା କାର୍ଯ୍ୟକୁ ଶିଳ୍ପୀ କେଶୁଦାସ ପରିଚାଳନା କରିଥିବାବେଳେ ଅରୁଣ ବାରିକ ମଞ୍ଚ ଆହ୍ବାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ନୋସିର ଉପସଭାପତି ସୁବ୍ରତ ନାୟକ, ଓଡିଶୀ ନୃତ୍ୟଗୁରୁ ଭାଗବତ ପାଣି, ସମାଜସେବୀ ବିଜୟ କୁମାର୍ ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ଅଙ୍କିତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବସ୍ତା ପଣ୍ଡରୁଙ୍ଗୀର ଦାସକାଠିଆ ଗାୟକ ଦମ୍ପତି ପୂର୍ଣ୍ଣଚନ୍ଦ୍ର ବେହେରା ଓ ଭବାନୀ ରାଣୀ ବେହେରା ଜଗନ୍ନାଥଙ୍କ ମାହାତ୍ମ୍ୟ ଦାସକାଠିଆ ମାଧ୍ୟମରେ ପରିବେଷଣ କରି ସମସ୍ତଙ୍କୁ ଆକର୍ଷିତ କରିଥିବା ବେଳେ ଦେବସ୍ମିତା ସେନ, ସାଇ ନିର୍ଝର ପାଣି, ରାଶିତା ରାୟ ଦଳାଇ, ବୀଦିଶା ପଣ୍ଡା, ଲୋପାମୁଦ୍ରା ପାତ୍ର ପ୍ରମୁଖ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ନନ୍ଦିନୀ ବିଶ୍ବାଳ, ଅଂଶିକା ମହାପାତ୍ର, ଅମ୍ରିତା ବେହେରା ପ୍ରମୁଖ ଲଘୁ ନୃତ୍ୟ ପରିବେଷଣ କରିଥିବା ବେଳେ ନନ୍ଦିନୀ ନାୟକ ଓ ନବୀନ ମଣ୍ଡଳ ଓ ପପୁନ ପ୍ରଧାନ ଜଗନ୍ନାଥ ଜଣାଣ ପରିବେଷଣ କରି ଦର୍ଶନଙ୍କୁ ମନ ମୋହିଥିଲେ।

## ବୀମା କର୍ମଚାରୀ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲେଶ୍ବର,୮।୬(ସମିସ): ଭାରତୀୟ ଜୀବନ ବୀମା ନିଗମ ବାଲେଶ୍ବର ଶାଖାର କର୍ମଚାରୀ ତଥା କଟକ ଡ଼ିଭିଜନ ବୀମା କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକ ବସନ୍ତ କୁମାର ମହାନ୍ତିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଲଆଇସି ବାଲେଶ୍ବର ଶାଖା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶାଖାର ମୁଖ୍ୟ ପ୍ରବନ୍ଧକ ସୁନମୟ ଚକ୍ରବର୍ତ୍ତୀ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଓ ସୁଦର୍ଶନ ନୋ, କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି,ରେମୁଣା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ଅଲ ଓଡ଼ିଶା ଏଲଆଇସି ପେନସନର୍ସ ଆସୋସିଏସନର ସଧାରଣ ସମ୍ପାଦକ ମାନଗୋବିନ୍ଦ ବାରିକ, ପ୍ରଥମ ଶ୍ରେଣୀ କର୍ମଚାରୀ ସଂଘର ସମ୍ପାଦକ ଗିରିଜା ଶଙ୍କର ବେହେରା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଅବସର ନେଉଥିବା ଶ୍ରୀ ମହାନ୍ତିଙ୍କ ସଫଳ ତଥା ଦୀର୍ଘ କାର୍ଯ୍ୟକାଳ ସମୟର ନିଃସ୍ବାର୍ଥପର ବ୍ୟକ୍ତିତ୍ବ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏଲଆଇସି କର୍ମଚାରୀ ସଂଘ ସମେତ ସଂଗଠନ ପକ୍ଷରୁ ଶ୍ୟାମସୁନ୍ଦର ଜେନା, ରସାନନ୍ଦ ଦାସ, ଭାବଗ୍ରାହୀ ପ୍ରତିହାରୀ, ଦାମୋଦର ନାୟକ ତଥା ବିଭିନ୍ନ ଜିଲ୍ଲା ଶାଖା କାର୍ଯ୍ୟାଳୟ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଟକ ଡ଼ିଭିଜନ ବୀମା କର୍ମଚାରୀ ସଂଘର ସଭାପତି ଡ. ସନ୍ତୋଷ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଅଭୟ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସଂଘର ବାଲେଶ୍ବର ଶାଖା ସଭାପତି ବସନ୍ତ କୁମାର ପୁହାଣ ଧନ୍ୟବାଦ ଦେଇଥିଲେ।

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ବିପର୍ଯ୍ୟସ୍ତ ପ୍ରସଙ୍ଗ

# ଡିଏଚ୍‌ଏଚ୍ ମାନ୍ୟତା ପୂର୍ବପରି ବଜାୟ ରହୁ

ବାଲେଶ୍ବର, ୮।୬ (ସମିସ)



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ଥିତି ହଜିବାକୁ ବସିଲାଣି। ମେଡିକାଲ କଲେଜ ଓ ମୁଖ୍ୟ ଚିକିତ୍ସାଳୟର ବ୍ୟବସ୍ଥା ନେଇ ହନ୍ତସନ୍ତ ହେଲେଣି ରୋଗୀ। ଡିଏଚଏଚରୁ ମେଡିକାଲ କଲେଜ ଓ ହସପିଟାଲ ସମ୍ପୂର୍ଣ୍ଣ ଅଲଗା ହେବା ଫଳରେ ରୋଗୀ ଶୋଷଣ ହୋଇ ଘରୋଇ ନର୍ସିଂ ହୋମ୍‌କୁ ଚିକିତ୍ସା ପାଇଁ ଯାଉଛନ୍ତି। ବର୍ତ୍ତମାନ ଓଟି ବ୍ୟବସ୍ଥା ସେଟ୍ ଅପ୍ ହୋଇନଥିବାରୁ ସାଧାରଣ ରୋଗୀ ବାଧହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏପରି ସ୍ଥିତିରେ ନର୍ସିଂ ହୋମ୍‌କୁ ମାଲେମାଲ କରିବାକୁ ସୁଯୋଗ ମିଳିଗଲା। କାରଣ ଡାକ୍ତରମାନେ ରୋଗୀଙ୍କୁ ନର୍ସିଂ ହୋମ୍ ଏବଂ ରାଜଧାନୀ ରେଫର୍ କରୁଥିବା ନେଇ ଅଭିଯୋଗ ହେଉଛି। ଠପ୍ ହେଲାଣି ରୋଗୀ ସେବା। ରାଜ୍ୟ ସରକାରଙ୍କ ସ୍ଥାଣୁତା ନେଇ ବଢ଼ୁଛି ଅସନ୍ତୋଷ। ୮ ବର୍ଷ ଧରି ଏକାଠି ଚାଲୁଥିଲା ମେଡିକାଲ କଲେଜ୍ ଓ ମୁଖ୍ୟ ଚିକିତ୍ସାଳୟ। ଏବେ ମେଡିକାଲ କଲେଜ୍ ନିଜ କ୍ୟାମ୍ପସ ରେମୁଣାକୁ ସମସ୍ତ ବିଭାଗ ସ୍ଥାନାନ୍ତର ହେବା ସହ ମୁଖ୍ୟ ଚିକିତ୍ସାଳୟରୁ ଯନ୍ତ୍ରପାତି ଓ ବୈଷୟିକ କର୍ମଚାରୀଙ୍କୁ କାଢ଼ି ନିଆଯାଉଛି। ମୁଖ୍ୟ ଚିକିତ୍ସାଳୟକୁ ବାଲେଶ୍ବର ମେଡିକାଲ କଲେଜକୁ ସ୍ଥାନାନ୍ତର ହେଉଥିବାରୁ ମିଳୁନି ରୋଗୀଙ୍କୁ ସ୍ବାସ୍ଥ୍ୟସେବା। ଏଥିପାଇଁ ବିଶେଷକରି ବାଲେଶ୍ବର ସହରରେ ରହୁଥିବା ଲକ୍ଷାଧିକ ଲୋକ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏତେ ତରବରିଆ ଭାବେ ବିକଳ୍ପ ପରିଚାଳନା ବ୍ୟବସ୍ଥା ନ କରି ଅଧିକାଂଶ ବିଭାଗକୁ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିବା ପଛରେ କେଉଁ ଅଦୃଶ୍ୟ ଶକ୍ତିର ହାତ ରହିଛି ଜନସାଧାରଣ ଜାଣିବା ଉଚିତ। ଅନ୍ୟପଟେ ମେଡିକାଲ କଲେଜରେ ଆଇସିୟୁ ନାହିଁ, ଅର୍ଥୋପେଡିକ ୱାର୍ଡ ଚତୁର୍ଥ ମହଲାରେ ଅଛି ଓ ସେଠି ଲିଫ୍ଟ ନାହିଁ, ଏକ୍ସରେ ନାହିଁ।

## କ'ଣ କହୁଛନ୍ତି ଏମାନେ...



▶ ବର୍ତ୍ତମାନ ପ୍ରାୟ ସବୁ ବିଭାଗ ଡିଏଚଏଚରୁ ଉଠିଗଲାଣି। ବାଲେଶ୍ବର ସହରରେ ପାଖାପାଖି ଦେଢ ଲକ୍ଷ ଲୋକ ରହୁଛନ୍ତି। ଯଦି ତାର ଆଖପାଖ ଅଞ୍ଚଳକୁ ମିଶାଇବା ତାହେଲେ ପାଖାପାଖି ତିନି ଲକ୍ଷ ଲୋକ ବାଲେଶ୍ବର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି। ଯେହେତୁ ଏବେ ଚିକିତ୍ସା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି ତେଣୁ ରୋଗୀମାନଙ୍କୁ ପ୍ରାଇଭେଟ୍ କ୍ଲିନିକ ଯିବାକୁ ବାଧ କରାଯାଉଛି। ଏଥିପାଇଁ ଜିଲ୍ଲାପାଳ, ସିଡିଏମଓ ଏବଂ ବର୍ତ୍ତମାନର ସରକାରୀ ଏବଂ ବିରୋଧୀ ଦଳ ସମସ୍ତେ ଯଦି ପ୍ରଚେଷ୍ଟା କରିବେ ତେବେ ଚିକିତ୍ସା କ୍ଷେତ୍ରର ଭୟାବହ ପରିସ୍ଥିତିର ସମାଧାନ ହୋଇପାରିବ। କିନ୍ତୁ କିଛି ବିକଳ୍ପ ବ୍ୟବସ୍ଥା ନକରି ଏପରି ସବୁ ଜିନିଷପତ୍ର ନେଇଯିବା ଅତ୍ୟନ୍ତ ଦୁଃଖଦାୟକ ଘଟଣା।

**ସାହିରୁଲ ହକ୍, ଆଇନଜୀବୀ**



▶ ଆମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନ୍ୟତା ପୂର୍ବ ପରି ରହିବ। ବର୍ତ୍ତମାନ ପାଇଁ ଟିକେ ଅସୁବିଧା ଉପୁଜିବ। କାରଣ ଡାକ୍ତର, କର୍ମଚାରୀ, ନର୍ସ ପ୍ରମୁଖ ଅଭାବ ଅଛନ୍ତି। କିନ୍ତୁ ଯେତେବେଳେ ମେଡିକାଲ କଲେଜ ସମ୍ପୂର୍ଣ୍ଣ ଭାବେ ଆରମ୍ଭ ହୋଇଯିବ ସେତେବେଳେ ଲୋକ ବି ସେବା ଠିକ୍ ଭାବେ ନିଶ୍ଚୟ ପାଇବେ। ଯେମିତି କଟକରେ ଏସବିବି ଓ ହସ୍ପିଟାଲର ଚାଲିଛି ସେମିତି ବାଲେଶ୍ବରରେ ମଧ୍ୟ ମେଡିକାଲ କଲେଜ ଓ ମୁଖ୍ୟ ଚିକିତ୍ସାଳୟ ଚାଲିବ। ହଠାତ୍ ସବୁ ସ୍ଥାନାନ୍ତର ପାଇଁ ରୋଗୀସେବା ବାଧାପ୍ରାପ୍ତ ହୋଇଛି। କିନ୍ତୁ ସମୟକ୍ରମେ ଏହା ଦୂର ହୋଇଯିବ।

**ଡା. ମୃତ୍ୟୁଞ୍ଜୟ ମିଶ୍ର, ଅବସରପ୍ରାପ୍ତ ଏଡିଏମଓ**



▶ ବିଗତ ଦିନରେ ଯେଉଁଠି ମେଡିକାଲ କଲେଜ ସବୁ ହୋଇଛି ସେଠାରେ ବିଭିନ୍ନ ପ୍ରକାର ଅସୁବିଧା ଦେଖାଦେଇଛି। କିନ୍ତୁ ବାଲେଶ୍ବରରେ ଯେହେତୁ ଆମେ ମେଡିକାଲ କଲେଜ ସହ ଏତେ ଜଡିତ ନାହୁଁ, ସେଥିପାଇଁ ସରକାର ଟିକେ ଯତ୍ନଶୀଳ ହେବାର ଆବଶ୍ୟକତା ଅଛି। ମେଡିକାଲ କଲେଜ ଓ ହସପିଟାଲର ସମସ୍ତ ବିଭାଗ ସ୍ଥାନାନ୍ତର ପରେ ଡିଏଚ୍‌ଏଚ୍ ଭିତରେ ଯେଉଁ ଦୂରତା ରହୁଛି, ଏହାକୁ ପୂରଣ ପାଇଁ ଜିଲ୍ଲା ପ୍ରଶାସନ ତଥା ସରକାର ଆନ୍ତରିକ ଉଦ୍ୟମ କରନ୍ତୁ। ଲୋକଙ୍କୁ ଏନେଇ ସଚେତନ କରାଯାଉ ଏବଂ ଡିଏଚ୍‌ଏଚ୍‌ର ମାନ୍ୟତା ବଜାୟ ରହୁ। ମେଡିକାଲ କଲେଜ ହେବା ପୂର୍ବରୁ ଯେମିତି ଚିକିତ୍ସା ଚାଲିଥିଲା ସେମିତି ରହୁ ଏବଂ ତାହାର ମାନ୍ୟତା ରଖିବାର ଆବଶ୍ୟକତା ରହିଛି। ଭୌଗୋଳିକ ଦୃଷ୍ଟିକୋଣରୁ ସମସ୍ତଙ୍କୁ ଚିକିତ୍ସା ପାଇବାରେ ଏଠାରେ ସୁବିଧା ହେଉଥିଲା।

**ବିକ୍ରମ ପଣ୍ଡା, ସମାଜସେବୀ**



▶ ବର୍ତ୍ତମାନ ସହରବାସୀ ତଥା ସହରକୁ ଲାଗି ପାଖାପାଖି ପଞ୍ଚାୟତ ଗୁଡିକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାରଣ ମେଡିକାଲ କଲେଜ ସହରଠୁ ବହୁତ ଦୂର। ହଠାତ କୌଣସି ରୋଗରେ ଆକ୍ରାନ୍ତ ହେଲେ ସଙ୍ଗେ ସଙ୍ଗେ ଚିକିତ୍ସିତ ହେବା କଷ୍ଟସାଧ ହେଉଛି। ସେମାନେ ବାଧହୋଇ ସହରରେ ଥିବା ବିଭିନ୍ନ ପ୍ରାଇଭେଟ ନର୍ସିଂ ହୋମ୍‌କୁ ଯାଉଛନ୍ତି। ଏହା ଦ୍ବାରା ଗରିବ ଶ୍ରେଣୀ ଓ ମଧ୍ୟବିତ୍ତ ପରିବାରର ଲୋକ ମାନେ ବହୁତ ହଇରାଣର ସମ୍ମୁଖୀନ ହେଉଛନ୍ତି। ତେଣୁ ଆମେ ସରକାରଙ୍କୁ ନିବେଦନ କରୁଛୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ପ୍ରକାରର ସୁବିଧା ଯୋଗେଇ ଦିଆଯାଉ।

**ଭାରତ ଭୂଷଣ ଦାସ, ସମ୍ପାଦକ, ପ୍ରଗତି ମଞ୍ଚ**



▶ ମିଳିତ ସହଯୋଗରେ ଏ ଦିଗରେ ସମାଧାନର ବାଟ ବାହାର କରିବା ଦରକାର। ରାଜନୈତିକ ଲୋକ, ସାମାଜିକ କର୍ମୀ, ସଚେତନ ନାଗରିକ ଏବଂ ଜିଲ୍ଲା ପ୍ରଶାସନ ସ୍ବାସ୍ଥ୍ୟସେବା ଦିଗରେ ଚିନ୍ତା କରିବା ଆବଶ୍ୟକ। ବର୍ତ୍ତମାନ ଜିଲ୍ଲାରେ ସ୍ବାସ୍ଥ୍ୟବସ୍ଥା ଠପ୍ ହୋଇଯାଇଛି। ସ୍ବାସ୍ଥ୍ୟ ବିଭାଗ ସୁପରିଚାଳନା ପାଇଁ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ ହେବା ଦରକାର। ଏଥିରେ ସବୁ ବର୍ଗର ଲୋକଙ୍କୁ ସାମିଲ କରିବା ଆବଶ୍ୟକ। ଆମ ଜିଲ୍ଲାର ଚିକିତ୍ସା ସେବା କେତେ ସୁନ୍ଦର ହୋଇପାରିବ ସେଥିପାଇଁ ସମସ୍ତଙ୍କ ଅଧିକାର ଅଛି ମତ ରଖିବାର। ସମସ୍ତଙ୍କ ମତ ନିଆଯାଇ ଜିଲ୍ଲାର ସ୍ବାସ୍ଥ୍ୟ ସେବା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁପରିଚାଳନା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ।

**ରାଜେନ୍ଦ୍ର ରାଉତ, ବ୍ୟବସାୟୀ**



▶ ଆମର ଯେଉଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଥିଲା ତାହା ଚାଲୁ ରହୁ। ସରକାରଙ୍କ ଗାଇଡ ଲାଇନ୍ ଅନୁସାରେ ଡିଏଚଏଚ ମାନ୍ୟତା ଦରକାର। ସେହି ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ଭିତ୍ତିଭୂମି ତ ଅଛି। କେବଳ ଡାକ୍ତର, ନର୍ସ, କର୍ମଚାରୀ ଏବଂ ସରଞ୍ଜାମ ଦରକାର। ସେସବୁ ବ୍ୟବସ୍ଥା କରାଯାଉ। ନହେଲେ କେବଳ ଆଉଟଡୋର୍ ରଖିଲେ ଲୋକ ସ୍ବାସ୍ଥ୍ୟସେବା କେମିତି ପାଇବେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଉ। ଫଳରେ ମେଡିକାଲ କଲେଜ ଉପରେ ବି ଅଧିକ ଲୋଡ୍ ପଡିବନି। ବାଲେଶ୍ବର ପାଇଁ ମେଡିକାଲ କଲେଜ ହେବାର ଆବଶ୍ୟକତା ଥିଲା। ତା' ଅର୍ଥ ନୁହେଁ ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅବସ୍ଥା ଖରାପ ନ ହେଉ।

**ଗିରିଜା ଶଙ୍କର ଦାସ, ସଚେତନ ନାଗରିକ**

# ଇନୋଭେଟିଭ୍ କ୍ଲାସେସ୍‌ର ମହାମିଳନ ପର୍ବ






ବାଲେଶ୍ବର, ୮।୬(ସମିସ): ନୂତନ ସମାଜ ଗଠନରେ ପରିମାର୍ଜିତ ଶିକ୍ଷକ ହିଁ ମୁଖ୍ୟ ବିନ୍ଧାଣୀ ବୋଲି ସଦର ବ୍ଲକ ଅନ୍ତର୍ଗତ ଇନୋଭେଟିଭ୍ କ୍ଲାସେସ୍ ଦ୍ବାରା ଆୟୋଜିତ ମହାମିଳନ ପର୍ବ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍ତର ଓଡ଼ିଶାରେ ବିଗତ ଷୋହଳ ବର୍ଷ ଧରି ବି. ଏଡ଼. ଶିକ୍ଷା ପ୍ରଦାନ କରୁଥିବା ଇନୋଭେଟିଭ୍ କ୍ଲାସେସ୍‌ର ଚେୟାରମ୍ୟାନ ତରୁଣ କୁମାର ପଣ୍ଡା ଓଡ଼ିଶାରେ ଭିନ୍ନ ଭିନ୍ନ ଜିଲ୍ଲାରେ ସରକାରୀ ବିଦ୍ୟାଳୟ ମାନଙ୍କରେ ସେବାରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏକତ୍ରିତ କରି ମହା ମିଳନର ପର୍ବ ଆୟୋଜିତ କରିଥିଲେ। ଆଜକୁ ପ୍ରାୟତଃ ଦଶ ହଜାରରୁ ଉର୍ଦ୍ଧ୍ବ ପିଲାଙ୍କ ମଧ୍ୟରୁ ଛଅ ହଜାରରୁ ଅଧିକ ଛାତ୍ର ରେଗୁଲାର ଶିକ୍ଷକ ଭାବେ ସେବାରତ ଥିବା ବେଳେ ଅନେକ ଏବେବି ଚାକିରୀ ସମ୍ଭାବ୍ୟରେ ଅଛନ୍ତି। ତେଣୁ ନିଜ କ୍ୟାରିୟର ତଥା ଶିକ୍ଷା ଗ୍ରହଣ କରିବା ପୂର୍ବରୁ ଉଚିତ ପରାମର୍ଶ ଏବଂ ଅନୁସନ୍ଧାନ କରିବା ଜରୁରୀ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଦଲ ଚନ୍ଦ୍ର ପାତ୍ର ମୁଖ୍ୟଅତିଥି, ଶିକ୍ଷକ ବସନ୍ତ ମଣ୍ଡଳ, ଶିକ୍ଷାବିତ୍ ଆଦିତ୍ୟ ନାରାୟଣ ଦାସ, ଶିକ୍ଷକ ଶ୍ରୀତମ ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର ଚେୟାରମ୍ୟାନ ତରୁଣ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ମହାପାତ୍ର ମଞ୍ଚ ଆହ୍ବାନ କରିଥିବା ବେଳେ ଶିକ୍ଷାବିତ ଅମୟ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ସ୍ବତନ୍ତ୍ର ଅତିଥି ଭାବେ ଇନୋଭେଟିଭ୍ ଆବାସିକ ବିଦ୍ୟାଳୟର ନିର୍ଦ୍ଦେଶିକା ସଚଳା ମଣି ପଣ୍ଡା ଆମନ୍ତ୍ରିତ କୃତି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉତ୍ତରୀୟ, ଫଳକ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଦସ୍ୟ ରାଜୀବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ହେମନ୍ତ ମଣ୍ଡଳ, ଭୁବନ ବେହେରା, ଗଣେଶ ପଣ୍ଡା ଏବଂ ମାନସୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ଏଫ୍‌ଏମ୍‌ୟୁ ପରିଦର୍ଶନ

ବାଲେଶ୍ବର, ୮।୬ (ସମିସ): ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା ଫକୀରମୋହନ ବିଶ୍ବବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀଙ୍କ ନିମନ୍ତ୍ରଣ କ୍ରମେ ବିଶ୍ବବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ପ୍ରତିନିଧି ଦଳରେ ଅଧ୍ୟକ୍ଷ ଇଂ. ବନମାଳୀ ନାୟକ, ଉପାଧ୍ୟକ୍ଷ ସୁଦର୍ଶନ ଦାସ, ଦେବେନ୍ଦ୍ର ଚୌଧୁରୀ, ବାସନ୍ତୀ ପାଣି, ସାଧାରଣ ସମ୍ପାଦକ ଦାମୋଦର ନାୟକ, ସଂଗଠନ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ସାଂସ୍କୃତିକ ସଂପାଦକ ଭାଗବତ ଦଳାଇ, ଯୁଗ୍ମ ସମ୍ପାଦିକା ସୁଶ୍ରୀ ସାବିତ୍ରୀ ଦାସ, ଉପଦେଷ୍ଟା ବସନ୍ତ ନାୟକ, ଜ୍ଞାନେନ୍ଦ୍ର ସାହୁ, ପୁଷ୍ପଲତା ମହାନ୍ତିଙ୍କ ସହିତ ଜ୍ୟୋତ୍ସ୍ନା ରାୟ ଉପସ୍ଥିତ ଥିଲେ।




# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମେଗା ରକ୍ତଦାନ ଶିବିର



**ସଂଗୃହୀତ ହେଲା ୩୫୧ ୟୁନିଟ୍**

ବାଲେଶ୍ବର,୮।୬(ସମିସ)

ବାଲେଶ୍ବର ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ସ୍ବେଚ୍ଛାକୃତ ମେଗା ରକ୍ତଦାନ ଶିବିର ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହି ଶିବିରକୁ ଉଦଘାଟନ ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ପ୍ରତି ବାଲେଶ୍ବର ଜିଲ୍ଲାରେ ଦେଖାଦେଉଥିବା ରକ୍ତର ଅଭାବ ପୂରଣରେ ବିଜୁ ଛାତ୍ର ଜନତା ଦଳର ନିରନ୍ତର ପ୍ରୟାସ ବେଶ୍ ପ୍ରଶଂସନୀୟ ତଥା ପ୍ରେରଣାଦାୟୀ ବୋଲି ସେ କହିଥିଲେ। ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବସ୍ତା ବିଧାୟିକା ସୁବାସିନୀ ଜେନା, ଯୁବନେତା ମାନସ ଦାସ ପଟ୍ଟନାୟକ, ଶ୍ରମିକ ନେତା ଶାନ୍ତନୁ ଦାସ, ବିଟିସିସି ସଭାପତି ବାଦଲ ଦାସ ଓ ସମ୍ପାଦକ ପ୍ରଶାନ୍ତ ପଣ୍ଡା, କୃଷକ ନେତା ଅଜୟ ସାମଲ, ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ ଓ ସମ୍ପାଦକ ହୃଷିକେଶ ସାହୁ, ଯୁବ ସଙ୍ଗଠକ ସାହିରୁଲ ହକ, ଭାଗବତ ସାହୁ, ଅସିତ ଦାସ, ଶ୍ରୀମନ୍ତ ମାଝୀ, ହେମନ୍ତ ମହାନ୍ତି, ଚନ୍ଦନେଶ୍ବର ବେହେରା, ଶ୍ରୀମାନ ଶ୍ରୀଚନ୍ଦନ, ସାମାଜିକ କର୍ମୀ ହ୍ରିତିକ ନାୟକ, ଲକ୍ଷ୍ମୀଧର ବାରିକ, ପ୍ରାଣକୃଷ୍ଣ ମହାପାତ୍ର, କାଉନସିଲର ରଂଜିତା ମହାପାତ୍ର, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଆଶ୍ରିତା ତରେଇ, ସୋନାଲି ସାହା, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଓମପ୍ରକାଶ ମହାପାତ୍ର, ସୀମନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ସୀମନ ଦାସମହାପାତ୍ର ଏହି ଶିବିରରେ ଉପସ୍ଥିତ ରହି ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ବାବଧାନରେ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ବିଜୁ ଛାତ୍ର ଜନତା ଦଳର ଟାଉନ ସଭାପତି ଭବାନୀ ମହାନ୍ତି, ଟାଉନ କାର୍ଯ୍ୟକାରୀ ସଭାପତି ଚିନ୍ମୟ ମହାନ୍ତି, ରାହୁଲ ନାୟକ, ଜିଲ୍ଲା ଛାତ୍ର ନେତା ସୁଶୀଲ ପଣ୍ଡା, ନରୋତ୍ତମ ଦାସ, ଅମିତ ନାୟକ, ଅରୁଣ ଦାସ, ବିଜୟ ଜେନା, କିରଣ ନାଥ, ସ୍ବୟମ ଆଚାର୍ଯ୍ୟ, ଶିବ ଶଙ୍କର ଦାସ, ପ୍ଲାବନ ଦାସ, ତାପସ ନାୟକ, ବିଶ୍ବଜିତ ମହାନ୍ତି, ଶକ୍ତି ପଣ୍ଡା, ବିଶାଳ ପାତ୍ର ପ୍ରମୁଖ ଛାତ୍ର ନେତା ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଶିବିରରୁ ମୋଟ ୩୫୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ସମ୍ପାଦକୀୟ



ଜ୍ଞାନ-ବିଜ୍ଞାନ ରାଷ୍ଟ୍ରଶକ୍ତିର ସର୍ବୋତ୍ତମ ଗଣତାନ୍ତ୍ରିକ ଉତ୍ସ।
ଆଲ୍ଭିନ୍ ଟଫ୍ଲର

ସକାଳ
THE SAKALA

## ନଗଦ ବନ୍ୟା

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ସଦ୍ୟତମ ମୁଦ୍ରାନୀତି ସମୀକ୍ଷା କମିଟି ବୈଠକରେ ରିପୋ ରେଟ୍(ଯେଉଁ ସୁଧ ହାରରେ ଆରବିଆଇଠାରୁ ବାଣିଜ୍ୟିକ ବ୍ୟାଙ୍କମାନେ ଋଣ ନିଅନ୍ତି) ୦.୫୦% ହ୍ରାସ କରିଛି। ଏହାକୁ ମିଶାଇ ଗତ ଫେବୃଆରୀ ମାସରୁ ଏ ପର୍ଯ୍ୟନ୍ତ କ୍ରମାଗତ ତିନିଥରରେ ରିପୋ ରେଟ୍ ୧ ପ୍ରତିଶତ ହ୍ରାସ ଘଟି ୫.୫% ହୋଇଛି। ଏଥିସହିତ ଆରବିଆଇରେ ବାଣିଜ୍ୟିକ ବ୍ୟାଙ୍କମାନଙ୍କର ସୁଧ ରହିତ ଜମା ବା ନଗଦ ଜମା ଅନୁପାତ(ସିଆରଆର)ରେ ୧% ହ୍ରାସ ପାଇଛି, ଯାହା ଚଳିତ ଆର୍ଥିକ ବର୍ଷରେ ଚାରିଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ। ରିପୋ ହାର ଓ ସିଆରଆର ହ୍ରାସ ପରେ ବ୍ୟାଙ୍କମାନଙ୍କ ହାତକୁ ଅଧିକ ନଗଦ ଆସିବ ଏବଂ ସେମାନେ ହାତ ଖୋଲା ଋଣ କାରବାର କରିପାରିବେ। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ କହିବା ଅନୁଯାୟୀ, ମୁଦ୍ରାସ୍ଫୀତିରେ ଉଲ୍ଲେଖନୀୟ ହ୍ରାସ ଘଟିଥିବାରୁ ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ପାଇଁ ଆରବିଆଇର ଏହି ପଦକ୍ଷେପ ଅପରିହାର୍ଯ୍ୟ ଥିଲା। ଯଦି ମୁଦ୍ରାସ୍ଫୀତି ପୋଷଣୀୟ ସୀମା ମଧ୍ୟରେ ରହେ ତେବେ ଆସନ୍ତା ମୁଦ୍ରାନୀତି ସମୀକ୍ଷା ବେଳେ ରିପୋ ରେଟ୍ ଆହୁରି ହ୍ରାସ ପାଇବାର ସମ୍ଭାବନା ରହିଛି ବୋଲି ସେ ସୂଚନା ଦେଇଛନ୍ତି।

ସାଧାରଣତଃ ମୁଦ୍ରାନୀତି ସମୀକ୍ଷାରେ ସୁଧ ହାର ହ୍ରାସ/ବୃଦ୍ଧି ନିଷ୍ପତ୍ତି ମୁଖ୍ୟତଃ ଦୁଇଟି ପ୍ରସଙ୍ଗ ଆଧାରିତ - ମୁଦ୍ରାସ୍ଫୀତି ଓ ଅଭିବୃଦ୍ଧି। ଯଦି ମୁଦ୍ରାସ୍ଫୀତି ଆରବିଆଇ ଦ୍ୱାରା ଧାର୍ଯ୍ୟ ବା ସହନଶୀଳ ସୀମାଠାରୁ ଊର୍ଦ୍ଧ୍ୱମୁଖୀ ହୁଏ ତେବେ ସୁଧ ହାରରେ ବୃଦ୍ଧି କରାଯାଏ। ଫଳରେ ବ୍ୟାଙ୍କ ଋଣ ମହଙ୍ଗା ହୁଏ ଏବଂ ଲୋକମାନଙ୍କ ହାତକୁ ଟଙ୍କା ପ୍ରବାହ ଧୀମା ହୋଇ କ୍ରୟଶକ୍ତି ହ୍ରାସ ପାଏ। ବଜାରରେ ଯୋଗାଣ ସ୍ଥିର ରହି ଚାହିଦା ହ୍ରାସ ପାଇଲେ ଦରଦାମ ଆପେ ଆପେ ହ୍ରାସ ପାଇ ମୁଦ୍ରାସ୍ଫୀତି ନିମ୍ନମୁଖୀ ହୁଏ। ସେହିପରି ଯେତେବେଳେ ଅଭିବୃଦ୍ଧି ହାର ନୈରାଶ୍ୟଜନକ ହୁଏ ପୁଞ୍ଜି ନିବେଶକୁ ଅଧିକ ପ୍ରୋତ୍ସାହିତ କରି ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ସୁଧ ହାରରେ ହ୍ରାସ କରାଯାଏ। ଲୋକମାନଙ୍କ ହାତକୁ ବ୍ୟାଙ୍କର କୋହଳ ଋଣ ଜରିଆରେ ଅଧିକ ଅର୍ଥ ଆସିଲେ ସେମାନଙ୍କ କ୍ରୟଶକ୍ତି ବଢ଼ିବା ଦ୍ୱାରା ବଜାର ଚାହିଦା ତ୍ୱରାନ୍ୱିତ ହୁଏ। ଚାହିଦା ଅନୁଯାୟୀ ଉତ୍ପାଦନ ବୃଦ୍ଧି ପାଏ ଏବଂ ଅର୍ଥନୀତି ଚଳଚଞ୍ଚଳ ହୁଏ। ବର୍ତ୍ତମାନ ଆମ ଦେଶର ଅର୍ଥନୈତିକ ସ୍ଥିତି ଦ୍ୱିତୀୟ ପ୍ରକାରର। ପାଇକାରୀ ମୁଦ୍ରାସ୍ଫୀତି ଗତ ଏପ୍ରିଲ୍ ମାସରେ ଗତ ବର୍ଷ ତୁଳନାରେ ୩.୨%କୁ ହ୍ରାସ ପାଇଥିବା ବେଳେ ଅର୍ଥନୈତିକ ଅଭିବୃଦ୍ଧି ବା ଜିଡିପି ଅଭିବୃଦ୍ଧି ହାର ୬.୫%(୨୦୨୪-୨୫ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ)କୁ ହ୍ରାସ ପାଇଛି, ଯାହା କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରେ ସବୁଠାରୁ କମ୍। ତେଣୁ ସ୍ୱାଭାବିକ ଭାବେ ସାମ୍ପ୍ରତିକ ଅର୍ଥନୀତି ଶିଳ୍ପ ବା ଉତ୍ପାଦନ କ୍ଷେତ୍ରରେ ଅଧିକ ନିବେଶ ଆଶା କରୁଛି। ମୁଦ୍ରାସ୍ଫୀତି ସହନଶୀଳ ଥିବାରୁ ଅଭିବୃଦ୍ଧିର ଇଞ୍ଜିନ୍‌କୁ ଗତିଶୀଳ କରିବା ପାଇଁ ସୁଧ ହାର ଓ ନଗଦ ଜମା ଅନୁପାତ ହ୍ରାସ କରିବାଠାରୁ ବଳି ଆରବିଆଇ ପାଖରେ ଅଧିକ ଭଲ ସୁଯୋଗ ଆଉ ଆସି ନପାରେ। ତେଣୁ ଅର୍ଥନୀତିର ଏହି ମୌଳିକ ତତ୍ତ୍ୱ ଆରବିଆଇ ମୁଦ୍ରାନୀତି କମିଟିର ସଦସ୍ୟଙ୍କ ନିଷ୍ପତ୍ତିରେ ଯଥାର୍ଥରେ ପ୍ରତିଫଳିତ ହୋଇଛି।

ଅର୍ଥନୀତି କିନ୍ତୁ ସବୁବେଳେ ଉପରୋକ୍ତ ଧରାବନ୍ଧା ପ୍ରକ୍ରିୟା ବା ଦେଶର ନୀତି ନିର୍ଦ୍ଧାରକଙ୍କୁ ସୁହାଇବା ଭଳି ଚାଲେ ନାହିଁ। ବେଳେ ବେଳେ ମୁଦ୍ରାସ୍ଫୀତି ବଢ଼ି ଚାଲିଥିବା ବେଳେ ଅଭିବୃଦ୍ଧି ହାର ନିମ୍ନମୁଖୀ ହୁଏ। ଏଭଳି ପରିସ୍ଥିତିରେ ମୁଦ୍ରାନୀତି ନିର୍ଦ୍ଧାରକମାନେ ଦୋଛକିରେ ପଡ଼ିଯାଆନ୍ତି। କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଯଦି ସୁଧ ହାର ବୃଦ୍ଧି କରାଯାଏ ତେବେ ଜିଡିପି ଅଭିବୃଦ୍ଧି ହାର ଆହୁରି ହ୍ରାସ ପାଏ। ଅପରପକ୍ଷରେ ଜିଡିପି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସୁଧ ହାର କୋହଳ କଲେ ମୁଦ୍ରାସ୍ଫୀତି ଆହୁରି ଊର୍ଦ୍ଧ୍ୱଗାମୀ ହୁଏ। ଏଭଳି ପରିସ୍ଥିତିରେ ମୁଦ୍ରାନୀତି ନିର୍ଦ୍ଧାରକମାନେ ସବୁବେଳେ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ପ୍ରାଥମିକତା ଦେଇ ସୁଧ ହାରକୁ ଉଚ୍ଚା କିମ୍ବା ଅପରିବର୍ତ୍ତିତ ରଖନ୍ତି। ଏହାଦ୍ୱାରା କିନ୍ତୁ ଜିଡିପି ସ୍ୱଳ୍ପମିଆଦୀ କ୍ଷତି ସହିବାକୁ ବାଧ୍ୟ। ଆରବିଆଇର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅମଳରେ ଏଭଳି ପରିସ୍ଥିତି ରହିଥିବାରୁ ରିପୋ ହାର ଅପରିବର୍ତ୍ତିତ ରହିଥିଲା। ସୌଭାଗ୍ୟବଶତଃ ସଞ୍ଜୟ ମାଲହୋତ୍ରାଙ୍କ ଅମଳରେ ମୁଦ୍ରାସ୍ଫୀତି ହାର ହ୍ରାସ ପାଇ ସୁଧ ହାର ହ୍ରାସ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି।

ଏ ତ ଗଲା ଅର୍ଥନୀତିର ତତ୍ତ୍ୱ ଓ ମୌଳିକ ନୀତି ଆଧାରିତ ନିଷ୍କର୍ଷ। ଏବେ ବାସ୍ତବତାକୁ ଆସିବା। ମୁଦ୍ରାନୀତି ଏବେ ଆରବିଆଇର ସହନଶୀଳ ସ୍ଥିତି(୪%ରୁ କମ୍)ରେ ରହିଛି ଏବଂ ଆଗକୁ ମଧ୍ୟ ଏହା ସେତେ ବଢ଼ିବାର ଆଶଙ୍କା ଖୁବ୍ କମ୍ ବୋଲି ଆରବିଆଇ ମୁଦ୍ରାନୀତି ସମୀକ୍ଷା ବୈଠକରେ ଆକଳନ କରାଯାଇଛି। କିନ୍ତୁ ବଜାରର ବାସ୍ତବ ସ୍ଥିତି କ'ଣ ତାହା ଆମେ ସମସ୍ତେ ଊଣାଅଧିକେ ଅଙ୍ଗେ ନିଭାଉଛେ। ଡାଲି, ଚାଉଳ, ତେଲ, ମସଲା ସମେତ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ଗତକାଲି ଯାହା ଥିଲା ଆଜି ତାହା ରହୁନାହିଁ। ପ୍ରତିଦିନ ବା ପ୍ରତି ସପ୍ତାହରେ ଦରଦାମ କିଛି ନା କିଛି ବଢ଼ି ଚାଲିଛି। କେବଳ ପଚନଶୀଳ ସାମଗ୍ରୀ ଓ ପନିପରିବାରେ ଚାହିଦା-ଯୋଗାଣ ଭିତ୍ତିରେ ଦରଦାମ କମ୍-ବେଶୀ ହେଉଛି। ବଜାର ସହିତ ପ୍ରତ୍ୟକ୍ଷ ବା ଦୈନନ୍ଦିତ ସମ୍ପର୍କ ଥିବା ସମାଜର ସବୁବର୍ଗର ଲୋକେ ଏପ୍ରକାର ବଜାର ସ୍ଥିତି ବିଷୟରେ ଅବଗତ ଅଛନ୍ତି। ତେଣୁ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ମୁଦ୍ରାସ୍ଫୀତି ହ୍ରାସ ପାଇଲା କେଉଁଠି ଏବଂ କମିବାର ସମ୍ଭାବନା କେତେ ଭରସାଯୋଗ୍ୟ?

ବାସ୍ତବରେ ଜନସାଧାରଣଙ୍କ ଆଗରେ ଯେଉଁ ମୁଦ୍ରାସ୍ଫୀତି ବା ମୂଲ୍ୟସୂଚୀ ପରିସଂଖ୍ୟାନ ପ୍ରକାଶିତ ହେଉଛି ତାହା ପୂର୍ବ ମାସ ବା ପୂର୍ବ ତ୍ରୈମାସିକ ବା ପୂର୍ବ ବର୍ଷ ତୁଳନାରେ ଦରଦାମ କେତେ ବଢ଼ିଛି ବା କମିଛି ତାହାର ହିସାବ। ପୂର୍ବ ଦଶନ୍ଧି ଶେଷ ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ନିର୍ଦ୍ଧାରଣ ପାଇଁ ଏକ ବେସ୍ ଇୟର ବା ଆଧାର ବର୍ଷ ନିର୍ଦ୍ଧାରଣ କରାଯାଉଥିଲା, ଯାହାଫଳରେ ଦରଦାମର ବାସ୍ତବ ତାରତମ୍ୟ ମୁଦ୍ରାସ୍ଫୀତିରେ ପ୍ରତିଫଳିତ ହେଉଥିଲା। ଏବେ କିନ୍ତୁ ଏହି ସୂତ୍ର ସଂଶୋଧିତ ହୋଇସାରିଥିବାରୁ ବିଚରା ଖାଉଟି ବର୍ତ୍ତମାନର କୁହୁଡ଼ି ଭିତରେ ହଜିଯାଇ ଅତୀତକୁ ପରଖିବାର ବାଟ ପାଉନାହିଁ।

ଅର୍ଥନୀତିରେ ଆମ ସୀମିତ ଜ୍ଞାନର ପରିଧି ମଧ୍ୟରେ ଆରବିଆଇର ବିଜ୍ଞ ଗଭର୍ଣ୍ଣର ଓ ଅର୍ଥନୀତିଜ୍ଞଙ୍କ ବିଚାରବନ୍ତ ଦୂରଦର୍ଶୀ ନୀତି ଓ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇବାର ଧୃଷ୍ଟତା ଆମେ କରୁନାହୁଁ। କିନ୍ତୁ ସଦ୍ୟତମ ମୁଦ୍ରାନୀତି ସହିତ ଜଡ଼ିତ ସଂଶୟ ଯୋଗୁଁ ଏ କଥା କହିବାକୁ ବିବଶ ହେଉଛୁ ଯେ ଯଦି ସରକାରୀ ପରିସଂଖ୍ୟାନ ଆଧାରିତ ମୁଦ୍ରାସ୍ଫୀତି ଅଙ୍କରେ ପ୍ରଭାବିତ ହୋଇ ଆରବିଆଇ ଗଭର୍ଣ୍ଣର ଦେଶରେ ନଗଦ ବନ୍ୟାର ସୁଯୋଗ ସୃଷ୍ଟି କରିଥା'ନ୍ତି ତେବେ ତାହା 'ଜଳବହୁଳେ ସୃଷ୍ଟି ନାଶ' ପରି ବଜାରରେ ଆଶା ଓ ଲକ୍ଷ୍ୟ ବିପରୀତ ସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ଆମେ ପୁଣି ଆଶା କରୁ ଯେ ଆରବିଆଇର ବିଜ୍ଞ ବିଶାରଦମାନଙ୍କ ନଗଦ ବନ୍ୟା ସର୍ଜନା ନିଷ୍ପତ୍ତି ବଜାର-ଅର୍ଥନୀତି ଅନୁକୂଳ ହେଉ, ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇ ନିଯୁକ୍ତି ବଜାରର ମାନ୍ଦାବସ୍ଥା ଦୂର ହେଉ।

## ରକ୍ଷଣଶୀଳତାର ଏରୁଣ୍ଡିବନ୍ଧ

ଡକ୍ଟର ଅବଶ ପରିଡ଼ା

ପରକୀୟା ପ୍ରୀତି(ଏକ୍ସଟ୍ରା ମାରିଟାଲ୍ ଆଫେୟାର) ହେଉଛି ରକ୍ଷଣଶୀଳ ଭାରତୀୟଙ୍କ ପାଇଁ ଏକ ସାର୍ବଜନୀନ ନିଷିଦ୍ଧ ପ୍ରସଙ୍ଗ। ସଙ୍କୋଚ ଓ ସଂରକ୍ଷଣର ଚାରିକାନ୍ଥ ଭିତରେ ସନ୍ତୁଳି ହେଉଥିବା ଏହି ପ୍ରସଙ୍ଗକୁ ଆମେ ଅନେକ ସମୟରେ ବ୍ୟକ୍ତିଗତ ମାମଲା କିମ୍ବା ଚରିତ୍ରଗତ ସମସ୍ୟା କହି ହାଲକାରେ ଏଡ଼ାଇ ଦେଉ। କିନ୍ତୁ ସତ କଥା ହେଉଛି, ସାମାଜିକ ପରିହାର ସତ୍ତ୍ୱେ ବ୍ୟଭିଚାର ସହିତ ଜଡ଼ିତ ଅପରାଧ ଓ ହତ୍ୟା ଏବେ ଏକ ନିୟମିତ ଘଟଣା ହୋଇଗଲାଣି। ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ଭାରତରେ ଘଟୁଥିବା ସମୁଦାୟ ହତ୍ୟାକାଣ୍ଡର ୧୦ ପ୍ରତିଶତ ଏବଂ ଜାତୀୟ ସ୍ତରରେ ପ୍ରତିବର୍ଷ ରେକର୍ଡ ହେଉଥିବା ୧୧୦୦ ରୁ ଅଧିକ ଆତ୍ମହତ୍ୟାର ପ୍ରମୁଖ କାରଣ ହେଉଛି ପରକୀୟା ପ୍ରୀତି। ସେହିପରି ଅନ୍ୟ ଏକ ସରକାରୀ ରିପୋର୍ଟ ଅନୁଯାୟୀ ଭାରତର ବଡ଼ ସହର ଓ ମେଟ୍ରୋମାନଙ୍କରେ ଘଟୁଥିବା ହତ୍ୟାକାଣ୍ଡର ଏହା ହେଉଛି ତୃତୀୟ ବୃହତ୍ତମ ଉଦ୍ଦେଶ୍ୟ। ଏସବୁବ୍ୟତୀତ ଘରୋଇ ହିଂସା ଓ ନିର୍ଯାତନା, ବିବାହ ବିଚ୍ଛେଦ, ଅପହରଣ ଓ ଅର୍ଥ ଆତ୍ମସାତ ଭଳି ସମସ୍ୟା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ଥିବାରୁ ମାଡ୍ରାସ ହାଇକୋର୍ଟ ପରକୀୟା ପ୍ରୀତିକୁ ଏକ 'ଭୟଙ୍କର ସାମାଜିକ ରାକ୍ଷସ' ଭାବେ ଆଖ୍ୟା ଦେଇଥିଲେ।

ଭାରତୀୟ ସମାଜ ବ୍ୟବସ୍ଥାରେ କୌଣସି ସମ୍ପର୍କର ପ୍ରଭାବ କେବଳ ଦମ୍ପତିଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ପରିବାର, ଏପରିକି ସାମାଜିକ ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ। 'ଇନଷ୍ଟିଚ୍ୟୁଟ୍ ଫର୍ ଫ୍ୟାମିଲି ଷ୍ଟଡିଜ୍' ଦ୍ୱାରା ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ କୌଣସି ବ୍ୟକ୍ତିଙ୍କ ବ୍ୟଭିଚାର କାର୍ଯ୍ୟକଳାପ ଯେତେବେଳେ ପ୍ରଘଟ ହୁଏ, ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ପରିବାର ପାଇଁ ଲଜ୍ଜା, ଅସ୍ୱସ୍ତିକର, ଅପମାନ ଓ ସାମାଜିକ ତିରସ୍କାର ପରି ପରିସ୍ଥିତି ସୃଷ୍ଟି କରେ। ଏମିତି ଅନେକ ଉଦାହରଣ ରହିଛି ଯେଉଁଠି ଅଭିନେତା, ଖେଳାଳି ଓ ବ୍ୟବସାୟୀମାନଙ୍କ ପରକୀୟା ପ୍ରୀତି ପ୍ରଘଟ ହେବା କାରଣରୁ ଉପହସିତ ଓ ଅପମାନିତ ହୋଇଛନ୍ତି। କିନ୍ତୁ ବିଡ଼ମ୍ବନା ଯେ ପୁରୁଷକୈନ୍ଦ୍ରିକ ଭାରତୀୟ ସମାଜରେ ବ୍ୟଭିଚାରକୁ ଏକ ଲିଙ୍ଗଭିତ୍ତିକ ଦୃଷ୍ଟିକୋଣରେ ମୂଲ୍ୟାଙ୍କନ କରାଯାଏ। ପୁରୁଷମାନଙ୍କ ତୁଳନାରେ ଏହି ସବୁ ମାମଲାରେ ସମ୍ପୃକ୍ତ ମହିଳାମାନେ କଠୋର ସାମାଜିକ ପ୍ରତିକ୍ରିୟା ଓ ପ୍ରତିବାଦର ସମ୍ମୁଖୀନ ହୋଇଥା'ନ୍ତି।

ଭାରତୀୟ ନ୍ୟାୟ ସଂହିତାରେ ବ୍ୟଭିଚାରକୁ ଆଇନଗତ ଅପରାଧ ଭାବେ ସ୍ୱୀକାର କରାଯାଏ ନାହିଁ। ୨୦୧୮ ମସିହାରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଜୋସେଫ୍ ଶାଇନ୍ ବନାମ କେନ୍ଦ୍ର ସରକାର ମାମଲାରେ ପରକୀୟା ପ୍ରୀତିକୁ ଅପରାଧମୁକ୍ତ କରିଥିଲେ। ଯଦିଓ ନ୍ୟାୟାଳୟ ଅନୁଯାୟୀ ବ୍ୟଭିଚାର ଆଉ ଅପରାଧ ନୁହେଁ ଏବଂ ଏଥିରେ ସମ୍ପୃକ୍ତ ପକ୍ଷଙ୍କୁ ଦୋଷୀ ସାବ୍ୟସ୍ତ କରିବା ଅସାମ୍ବିଧାନିକ, ତଥାପି ନାଗରିକ ଆଇନ ଅନୁଯାୟୀ ଏହା ଛାଡ଼ପତ୍ର ପାଇଁ ଏକ ବୈଧ ଆଧାର। ଭାରତରେ ବ୍ୟଭିଚାର ଓ ବିବାହ ବହିର୍ଭୂତ ସମ୍ପର୍କ ଏବେ ଛାଡ଼ପତ୍ର ପାଇଁ ଏକ ଉତ୍ସ ପାଲଟିଯାଇଛି ବୋଲି ବୈବାହିକ ୱେବସାଇଟ୍ 'ଶାଦି ଡଟ୍ କମ୍'ର ସର୍ବେକ୍ଷଣରୁ ଜଣାପଡ଼ିଛି। ଏହି ସର୍ବେକ୍ଷଣ ତଥ୍ୟାନୁଯାୟୀ ଭାରତରେ ୨୦%ରୁ ୪୦% ଆଇନଗତ ବିବାହ ବିଚ୍ଛେଦ କେବଳ ପରକୀୟା ପ୍ରୀତି ବା ବ୍ୟଭିଚାର ଯୋଗୁଁ ହେଉଛି।

ଭାରତୀୟ ସଂସ୍କୃତି ବ୍ୟଭିଚାରକୁ ଏକ ନିଷିଦ୍ଧ ଅଭ୍ୟାସ ବୋଲି ବିବେଚନା କରୁଥିବା ବେଳେ ଆଧୁନିକ ଗଣମାଧ୍ୟମ, ବିଶେଷକରି ସିନେମା, ଓଟିଟି ଓ ଟିଭି ଧାରାବାହିକ ଏହି ମାନବ ସମ୍ପର୍କର ଜଟିଳତାକୁ ଅଧିକ ସୂକ୍ଷ୍ମ ଭାବରେ ଚିତ୍ରଣ କରୁଛି। ମୁଖ୍ୟ କଥା ହେଉଛି, ଏହାକୁ ନୈତିକ ବିଫଳତା ଭାବରେ ନୁହେଁ, ବରଂ ବିବାହରେ ବିଚ୍ଛିନ୍ନତା, ଏକାକୀତ୍ୱ ଓ ଅସନ୍ତୋଷ ଭଳି ଆଧୁନିକ ଆହ୍ୱାନର ଏକ ସମାଧାନ ସୂତ୍ର ଭାବରେ ଚିତ୍ରଣ କରାଯାଉଛି। ଏହାବ୍ୟତୀତ ସାମ୍ପ୍ରତିକ ଡିଜିଟାଲ ଯୁଗରେ ପରକୀୟା ପ୍ରୀତିକୁ ଟିଣ୍ଡର, ସୁଗାରବୁକ୍, ୱିଚାଟ୍ ଓ ଟେଲିଗ୍ରାମ ଭଳି ଅନେକ ଅନଲାଇନ୍ ଡେଟିଂ ଆପ୍ ସହ ସାମାଜିକ ଗଣମାଧ୍ୟମ ପ୍ରୋତ୍ସାହିତ କରୁଛି ବୋଲି ଅଭିଯୋଗ ମଧ୍ୟ ହୁଏ। କୋଭିଡ ମହାମାରୀ ପରଠାରୁ ଭାରତରେ 'ଡେଟିଂ ଆପ୍' ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ଶହେଗୁଣରୁ ଅଧିକ ବୃଦ୍ଧି ପାଇଛି। ଡିଜିଟାଲ ପଣ୍ଡିତଙ୍କ ମତରେ 'ଡେଟିଂ ଆପ୍' ମୁଖ୍ୟତଃ ସେହି ଲୋକମାନେ ବ୍ୟବହାର କରନ୍ତି, ଯେଉଁମାନେ ନିଜର ବୈବାହିକ ସମ୍ପର୍କରେ ଅସନ୍ତୁଷ୍ଟ ଅଛନ୍ତି କିମ୍ବା ଯେଉଁମାନେ ଦାମ୍ପତ୍ୟ ଜୀବନ ବାହାରେ କୌଣସି ପ୍ରକାରର ଉତ୍ସାହ ଖୋଜୁଛନ୍ତି। ଗତବର୍ଷ ଲୋକପ୍ରିୟ ଫରାସୀ ଆପ୍ 'ଗ୍ଲିଡେନ୍ ପୋର୍ଟାଲ' ଦ୍ୱାରା ପରକୀୟା ପ୍ରୀତି ଆଧାରିତ ଏକ ଗବେଷଣାରେ ଭାଗ ନେଇଥିବା ୪୬ ପ୍ରତିଶତଙ୍କ ମତରେ ବିବାହ ବହିର୍ଭୂତ ଆକର୍ଷଣ ହେଉଛି ଏକପ୍ରକାରର ଶାଶ୍ୱତ ପ୍ରେମ(ପ୍ଲାଟୋନିକ ଇଣ୍ଟରଆକ୍ସନ୍)। ୩୬ ପ୍ରତିଶତଙ୍କ ମତରେ ସାମାଜିକ ଗଣମାଧ୍ୟମରେ ବଢୁଥିବା ଭର୍ଚୁଆଲ୍ ଆକର୍ଷଣ ହିଁ ପରକୀୟା ପ୍ରୀତି ପାଇଁ ଦାୟୀ। ସର୍ବେକ୍ଷଣରେ ବିସ୍ତୃତ ଭାବରେ କୁହାଯାଇଛି ଯେ ଡେଟିଙ୍ଗ ଆପ୍‌ର ଉପଭୋକ୍ତାମାନେ ଦିନକୁ ହାରାହାରି ୯୦ ମିନିଟ ଚାଟ୍ କରନ୍ତି ଏବଂ ଅପରାହ୍ନ ୧୨ଟାରୁ ଅପରାହ୍ନ ୩ଟା ଏବଂ ରାତି ୧୦ଟାରୁ ମଧ୍ୟରାତ୍ରି ଅଧିକ ସକ୍ରିୟ ରୁହନ୍ତି। ଅନ୍ୟ ଏକ ମହଲର ଦାବି ଅନୁଯାୟୀ ଆଧୁନିକ ଯୁଗରେ ବ୍ୟଭିଚାର ପାଇଁ 'ଡେଟିଂ ଆପ୍' କିମ୍ବା ସାମାଜିକ ଗଣମାଧ୍ୟମ ଦାୟୀ ନୁହେଁ। ସାମାଜିକ ଗଣମାଧ୍ୟମ କେବଳ ବ୍ୟକ୍ତିଗତ ସ୍ୱାଧୀନତାକୁ ସ୍ୱୀକାର କରିବାର ଏକ ଉପକରଣ। ଏହାକୁ ବ୍ୟକ୍ତିଗତ ପସନ୍ଦ ବା ଅଭ୍ୟାସରେ ବ୍ୟବହାର କରିବା ଆମ ଉପରେ ନିର୍ଭର କରେ।

କ୍ରମବର୍ଦ୍ଧିଷ୍ଣୁ ଜଗତୀକରଣ, ସହରୀକରଣ ଏବଂ ପାଶ୍ଚାତ୍ୟ ମୂଲ୍ୟବୋଧ ଯୋଗୁଁ କିଛି ନିର୍ଦ୍ଦିଷ୍ଟ ବର୍ଗରେ ବିବାହ ଓ ବିଶ୍ୱସ୍ତତା ପ୍ରତି ଥିବା ଆଭିମୁଖ୍ୟ ଧୀରେ ଧୀରେ ବଦଳିବାରେ ଲାଗିଛି। ବ୍ୟକ୍ତିବାଦ ଓ ବ୍ୟକ୍ତିଗତ-ପରିପୂର୍ଣ୍ଣତାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ସହରାଞ୍ଚଳରେ ବ୍ୟଭିଚାରର ମାତ୍ରା ଗ୍ରାମାଞ୍ଚଳଠାରୁ ଅଧିକ। ବେଙ୍ଗାଲୁରୁ, ମୁମ୍ବାଇ ଓ କୋଲକାତା ଭଳି ମହାନଗରୀର ଅତ୍ୟାଧୁନିକ ଜୀବନଶୈଳୀ ଦ୍ୱାରା ପରକୀୟା ପ୍ରୀତି ଜନିତ ମାମଲା ଅଧିକ ଦେଖିବାକୁ ମିଳୁଛି। ମନୋବିଜ୍ଞାନୀଙ୍କ ମତରେ ପରକୀୟା ପ୍ରୀତି ପାଇଁ ଜୀବନସାଥୀ ସହିତ ଥିବା ସମ୍ପର୍କ ବିଶେଷ ଭାବରେ ଦାୟୀ ନୁହେଁ, ବରଂ ଏହାକୁ ବୈଧତା ଦେବା ପାଇଁ ସେମାନଙ୍କର ନିଜସ୍ୱ ଆବଶ୍ୟକତା ସହିତ ଏହା ସମ୍ବନ୍ଧିତ। ଏହା ସାଧାରଣତଃ ସମାଧାନ ହୋଇପାରୁନଥିବା ବ୍ୟକ୍ତିବିଶେଷର ବୃହତ ମାନସିକ କିମ୍ବା ଭାବନାତ୍ମକ ସମସ୍ୟାର ପ୍ରତ୍ୟକ୍ଷ ପରିପ୍ରକାଶ ବୋଲି ଅନେକ ପରିବାର ପରାମର୍ଶଦାତା ମତପୋଷଣ କରନ୍ତି। ଭାରତର ବଡ଼ ସହରମାନଙ୍କରେ ୨୦ ଲକ୍ଷରୁ ଅଧିକ ଉପଭୋକ୍ତା ଥିବା ଏକ ପରକୀୟା ପ୍ରୀତି ଡେଟିଙ୍ଗ ପୋର୍ଟାଲ ଦାବି କରିଛି ଯେ ଏହାର ସଦସ୍ୟଙ୍କ ପାଇଁ ଶାରୀରିକ ସମ୍ପର୍କ ପ୍ରାଥମିକତା ନୁହେଁ। ଏହାର ୯୦% ସଦସ୍ୟ ବୈବାହିକ ଜୀବନରେ ବିରକ୍ତିବୋଧ, ନିଃସଙ୍ଗତା ନିବାରଣ ଓ ଭାବନାତ୍ମକ ସୁଖ ପାଇବା ପାଇଁ ଏଥିରେ ଯୋଗ ଦେଇଛନ୍ତି।

ବ୍ୟଭିଚାରର ବ୍ୟାପକତାର ସାମାଜିକ ଦୃଷ୍ଟିକୋଣକୁ ଆମେରିକୀୟ ସମାଜବିଜ୍ଞାନୀ ସି ରାଇଟ୍ ମିଲ୍ସଙ୍କ ତତ୍ତ୍ୱ 'ଦି ସୋସିଓଲୋଜିକାଲ ଇମାଜିନେସନ୍' ଦ୍ୱାରା ବିଶ୍ଳେଷଣ କରାଯାଇପାରେ। ଏହି ତତ୍ତ୍ୱର ମୂଳପିଣ୍ଡ ଉଲ୍ଲେଖ କରେ ଯେ ସାମାଜିକ ବାସ୍ତବତା ହେଉଛି ଉଭୟ ବ୍ୟକ୍ତିଗତ ଅନୁଭୂତି ଏବଂ ବୃହତ ସାମାଜିକ ପ୍ରସଙ୍ଗର ଏକ ସମ୍ମିଶ୍ରଣ। ଉଦାହରଣ ସ୍ୱରୂପ, ସାମାଜିକ ପ୍ରସଙ୍ଗ, ଯଥା ହ୍ରାସ ପାଉଥିବା ପରିବାରର ଭୂମିକା, ଆଧୁନିକ କର୍ମ ସଂସ୍କୃତି, ଆଧୁନିକ ଜୀବନଶୈଳୀର ପ୍ରଭାବ ଓ ବ୍ୟକ୍ତିଗତ ସନ୍ତୋଷକୁ ପ୍ରାଥମିକତା ସହିତ ଯେତେବେଳେ ଅବିଶ୍ୱାସ, ବିକୃତ ମାନସିକତା, ଯୌନ ଅସନ୍ତୁଷ୍ଟି ଭଳି ବ୍ୟକ୍ତିଗତ କାରଣ ଯୋଡ଼ି ହୋଇଯାଏ ସେତେବେଳେ ପରକୀୟା ପ୍ରୀତି ଭଳି ଆଚରଣର ସମ୍ଭାବନା ଅଧିକ ହୋଇଯାଏ।

ପରକୀୟା ପ୍ରୀତି ଏକ ବ୍ୟକ୍ତିଗତ ମାନସିକ ସମସ୍ୟା ହୋଇଥିବାରୁ ଅନେକ ସମୟରେ ଦାମ୍ପତ୍ୟ ଜୀବନରେ ସନ୍ତୁଳନ ପାଇଁ ମନସ୍ତାତ୍ତ୍ୱିକ ପରାମର୍ଶର ଆବଶ୍ୟକତା ପଡ଼େ। 'କ୍ଷମା କରିବା' ହେଉଛି ଏହି ଚିକିତ୍ସାର ମୂଳଦୁଆ। ଜୀବନରେ ବିଶ୍ୱାସର ଅର୍ଥ ଓ ଅବିଶ୍ୱାସର ପ୍ରଭାବ ଏବଂ ସବୁ ଭୁଲି ଆଗକୁ ବଢ଼ିବା ଭଳି ପରାମର୍ଶ ଏହି ଚିକିତ୍ସାଗତ ହସ୍ତକ୍ଷେପ ପର୍ଯ୍ୟାୟରେ ଜଡ଼ିତ।

ଭାରତର ସମସ୍ତ ପ୍ରମୁଖ ଧର୍ମରେ ବ୍ୟଭିଚାରକୁ ଉଭୟ ନୈତିକ ଏବଂ ଧାର୍ମିକ ସଂହିତାର ଉଲ୍ଲଂଘନ ଭାବେ ବିବେଚନା କରାଯାଏ। କାରଣ ଏପର୍ଯ୍ୟନ୍ତ ଭାରତୀୟ ସଂସ୍କୃତି ରକ୍ଷଣଶୀଳତାର ସେହି ନିଷିଦ୍ଧ ଏରୁଣ୍ଡିବନ୍ଧ ଡେଇଁବାକୁ ଉଦାର ଅନୁମତି ଦେଇନାହିଁ। ସେଥିପାଇଁ ଅଧିକାଂଶ ଭାରତୀୟ ଏହି ଆଚରଣକୁ ଏକ ନକାରାତ୍ମକ କାର୍ଯ୍ୟ ଏବଂ ଅନୈତିକ ବୋଲି ମତ ପୋଷଣ ମଧ୍ୟ କରନ୍ତି। ସବୁଠାରୁ ଚିନ୍ତାର କାରଣ ହେଉଛି କ୍ରମବର୍ଦ୍ଧିଷ୍ଣୁ ବ୍ୟଭିଚାର ଯୋଗୁଁ ଭାରତରେ ଏକକ-ବିବାହର ବିଚାରଧାରା ଏବେ ବିପଦରେ। ବିଡ଼ମ୍ବନା ଯେ ଏହାର ନିରାକରଣ ପାଇଁ କୌଣସି ଆନୁଷ୍ଠାନିକ ଢାଞ୍ଚା ନାହିଁ। ତେଣୁ କେବଳ ବ୍ୟକ୍ତିଗତ ଜୀବନରେ ବିଶ୍ୱାସ, ସଦାଚାର ଓ ନୈତିକତା ହିଁ ପରକୀୟା ପ୍ରୀତି ଭଳି ସାମାଜିକ ବିଚ୍ୟୁତିର ସମାଧାନ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ସୁଦର୍ଶନ ଚକ୍ର, ଆଇରନ ଡୋମ ଓ ଗୋଲ୍‌ଡେନ୍ ଡୋମ

ଇଂ ମାୟାଧର ସ୍ୱାଇଁ

ସୁଦର୍ଶନ ଚକ୍ର ବା ଏସ୍ -୪୦୦, ଆଇରନ ଡୋମ ଓ ଗୋଲଡେନ ଡୋମ ହେଉଛି ଆଧୁନିକ ଯୁଦ୍ଧ ପ୍ରଣାଳୀର ଏକ ଏକ ପ୍ରମୁଖ ଅଂଶ। ଆଧୁନିକ ଯୁଦ୍ଧରେ ପଦାତିକ ବାହିନୀର ଭୂମିକା ଗୌଣ ହେଇଛି ଏବଂ ନିର୍ଣ୍ଣାୟକ ଭୂମିକା ନେଉଛି ବିମାନ ବାହିନୀ। କିଛିବର୍ଷ ପୂର୍ବରୁ ଯୁଦ୍ଧବିମାନରେ ପାଇଲଟ ଯାଇ ଶତ୍ରୁ ଦେଶ ଉପରେ ବୋମା ନିକ୍ଷେପ କରୁଥିଲା। ଏଥିରେ ପାଇଲଟର ଜୀବନ ସଙ୍କଟାପନ୍ନ ହେଉଥିଲା। କିନ୍ତୁ ଆଜିକାଲିର ଯୁଦ୍ଧରେ ପାଇଲଟବିହୀନ ଯାନ ଏହିସବୁ କାର୍ଯ୍ୟ କରୁଛି। ଏହାକୁ 'ଡ୍ରୋନ' କୁହାଯାଏ। ପୁନଶ୍ଚ ଆଜିକାଲି ବିକଶିତ ହୋଇଥିବା ଦୂରଗାମୀ କ୍ଷେପଣାସ୍ତ୍ରଗୁଡ଼ିକୁ ନିଜ ଦେଶ ଭିତରେ ରହି କିମ୍ବା ସ୍ଥଳଭାଗରୁ, ବିମାନରୁ ଓ ଜଳଭାଗରୁ ଶତ୍ରୁ ଦେଶର ଲକ୍ଷ୍ୟ ସ୍ଥଳରେ ନିକ୍ଷେପ କରାଯାଇ ପାରୁଛି। ଯୁଦ୍ଧ ସମୟରେ ମୁଖ୍ୟତଃ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣରୁ ରକ୍ଷା କରିବା ହେଉଛି ପ୍ରତ୍ୟେକ ଦେଶର ପ୍ରାଥମିକତା। ଏଥିପାଇଁ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀର ବିକାଶ କରାଯାଇଛି। ଉପରେ ବର୍ଣ୍ଣିତ ତିନି ଯୁଦ୍ଧାସ୍ତ୍ର ହେଉଛି ଏହି ଶ୍ରେଣୀର।

ଭାରତର ମୁଖ୍ୟ କ୍ଷେପଣାସ୍ତ୍ର ବିରୋଧୀ ଯନ୍ତ୍ର ହେଉଛି ଏସ୍ ୪୦୦। ଏହା ରୁଷିଆରୁ ଭାରତ ଆଣିଛି ଏବଂ ଏହାର ନାମ ରଖିଛି 'ସୁଦର୍ଶନ ଚକ୍ର'। ମହାଭାରତରେ ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ର ଯେପରି ଅତି ଶକ୍ତିଶାଳୀ ଥିଲା, ଏସ୍ ୪୦୦ ମଧ୍ୟ ସେହିଭଳି 'ଅପରେସନ୍ ସିନ୍ଦୂର'ରେ ନିଜର ପରାକ୍ରମ ଦେଖାଇଛି। ଏସ୍ ୪୦୦ରେ ଶକ୍ତିଶାଳୀ ରେଡାର ଖଞ୍ଜା ଯାଇଛି, ଯାହା ପ୍ରାୟ ୬୦୦ କି.ମି. ଦୂରରେ ଉଡୁଥିବା ଯେ କୌଣସି ଜିନିଷକୁ ଦେଖିପାରେ। ଠାବ କରିବା ପରେ ଏଥିରେ ଥିବା କମ୍ପ୍ୟୁଟର ଏହାକୁ ଯାଞ୍ଚ କରି ଏହା ବିମାନ ନା କ୍ଷେପଣାସ୍ତ୍ର ନା ପକ୍ଷୀ, ତାହା ସ୍ଥିର କରେ। ପୁନଶ୍ଚ ସେହି ବିମାନ କିମ୍ବା କ୍ଷେପଣାସ୍ତ୍ର ନିଜ ଦେଶର ନା ଶତ୍ରୁ ଦେଶର, ତାହା ମଧ୍ୟ ଜାଣିପାରେ। ଶତ୍ରୁପକ୍ଷର ବିମାନ ବୋଲି ଜଣାପଡ଼ିଲେ, ଏହା କାଳବିଳମ୍ବ ନ କରି ଧ୍ୱଂସ କରିବା ପାଇଁ କ୍ଷେପଣାସ୍ତ୍ର ନିକ୍ଷେପ କରେ। ଏହିସବୁ କାର୍ଯ୍ୟ ସ୍ୱୟଂଚାଳିତ ଭାବେ ହୋଇଥାଏ। ଏହି ପ୍ରତିରକ୍ଷା ପ୍ରଣାଳୀକୁ ସୀମାରେ ସ୍ଥାପନ କରାଯାଇଥାଏ। ଅବଶ୍ୟ ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା (ଡିଆରଡିଓ) ନିର୍ମିତ କ୍ଷେପଣାସ୍ତ୍ର ବିରୋଧୀ ପ୍ରଣାଳୀ ମଧ୍ୟ ଏଥିରେ ସାମିଲ ହୋଇ ଭଲ କାର୍ଯ୍ୟ କରିଥିଲା। ଏସ୍ ୪୦୦ ନାମ କରଣରୁ ଜଣାପଡ଼େ ଯେ ଏହା ୪୦୦ କି.ମି ଦୂରତା ପର୍ଯ୍ୟନ୍ତ କ୍ଷେପଣାସ୍ତ୍ର ନିକ୍ଷେପ କରିପାରେ।

ଆଇରନ ଡୋମ ବା ଲୌହ ଗମ୍ବୁଜ ହେଉଛି ଇସ୍ରାଏଲର କ୍ଷେପଣାସ୍ତ୍ର ବିରୋଧୀ ପ୍ରତିରକ୍ଷା ପ୍ରଣାଳୀ। ପଡ଼ୋଶୀ ଦେଶର ବିମାନ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଇସ୍ରାଏଲ୍ ଏକ ତ୍ରିସ୍ତରୀୟ ପ୍ରତିରକ୍ଷା ପ୍ରଣାଳୀ କାର୍ଯ୍ୟକାରୀ କରୁଛି। ଏହାର ପ୍ରଥମ ବା ବାହ୍ୟ ସ୍ତର ହେଉଛି କ୍ଷେପଣାସ୍ତ୍ର ପ୍ରଣାଳୀ, ଯାହା ବାୟୁମଣ୍ଡଳ ବାହାରେ ଶତ୍ରୁ ଦେଶର କ୍ଷେପଣାସ୍ତ୍ରକୁ ଧ୍ୱଂସ କରେ। ଦ୍ୱିତୀୟସ୍ତର ବାୟୁମଣ୍ଡଳ ଭିତରେ ୩୦୦ କି.ମି. ପରିସୀମା ମଧ୍ୟରେ କାର୍ଯ୍ୟ କରେ। ଏହାର ଆଭ୍ୟନ୍ତର ପ୍ରତିରକ୍ଷା ସ୍ତରରେ ଆଇରନ ଡୋମ ଅଛି ଏବଂ ଏଥିରେ ଶକ୍ତିଶାଳୀ ତାମିର କ୍ଷେପଣାସ୍ତ୍ର ଅଛି। ୨୦୨୩ ମସିହା ଅକ୍ଟୋବର ୭ ତାରିଖରେ ଇସ୍ରାଏଲକୁ ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରଗୁଡ଼ିକୁ ଏହା ନଷ୍ଟ କରିଦେଇଥିଲା। ପୁନଶ୍ଚ ୨୦୨୪ ମସିହା ଅପ୍ରେଲ ୧ ତାରିଖ ଓ ଅକ୍ଟୋବର ୧ ତାରଖରେ ଇରାନ ଏକକାଳୀନ ଏକଶହରୁ ଅଧିକ କ୍ଷେପଣାସ୍ତ୍ର ଇସ୍ରାଏଲ୍‌କୁ ପଠାଇଥିବା ବେଳେ ଆଇରନ ଡୋମ୍ ୮୦ ପ୍ରତିଶତରୁ ଅଧିକ କ୍ଷେପଣାସ୍ତ୍ରକୁ ନଷ୍ଟ କରି ଦେଇଥିଲା।

'ଗୋଲ୍‌ଡେନ୍ ଡୋମ୍' ବା 'ସୁନେଲୀ ଗମ୍ବୁଜ' ହେଉଛି ଯୁକ୍ତରାଷ୍ଟ୍ର ଆମେରିକାର କଳ୍ପିତ ପ୍ରତିରକ୍ଷା ପ୍ରଣାଳୀ। ବର୍ତ୍ତମାନ ଆମେରିକାରେ କ୍ଷୁଦ୍ର ଓ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ରର ପ୍ରତିରୋଧ ପାଇଁ 'ଟର୍ମିନାଲ ହାଏ ଆଲ୍ଟିଚ୍ୟୁଡ ଏରିଆ ଡିଫେନ୍ସ ସିଷ୍ଟମ' ବା 'ଥାଡ' ପ୍ରତିରକ୍ଷା ପ୍ରଣାଳୀ କାର୍ଯ୍ୟ କରୁଛି। 'ଗୋଲ୍‌ଡେନ୍ ଡୋମ୍' ଆମେରିକାକୁ ବାଲିଷ୍ଟିକ, କ୍ରୁସ ଓ ହାଇପର କ୍ଷେପଣାସ୍ତ୍ରରୁ ରକ୍ଷା କରିବ ଏବଂ ମହାକାଶରୁ ଶତ୍ରୁ ନିକ୍ଷେପ କରିବାକୁ ଥିବା କ୍ଷେପଣାସ୍ତ୍ରକୁ ମଧ୍ୟ ଚିହ୍ନଟ କରି ଧ୍ୱଂସ କରିପାରିବ।

ଚାଇନା, ଉତ୍ତର କୋରିଆ, ରୁଷିଆ ଓ ଇରାନ ଗତ କେତେ ବର୍ଷ ଧରି ଦୂରଗାମୀ କ୍ଷେପଣାସ୍ତ୍ର ବିକାଶ କରୁଛନ୍ତି। ଏପରିକି ଉତ୍ତର କୋରିଆ ରାଷ୍ଟ୍ରପତି ଖୋଲାଖୋଲି କହିଥିଲେ ଯେ ତାଙ୍କ ଦେଶରୁ ନିକ୍ଷେପିତ କ୍ଷେପଣାସ୍ତ୍ର ଯୁକ୍ତରାଷ୍ଟ୍ର ଆମେରିକା ପହଞ୍ଚିବାରେ କୌଣସି ଅସୁବିଧା ନାହିଁ। ଏଣୁ ଆମେରିକା ୧୭୫ ବିଲିୟନ ଡଲାର ଦେଇ 'ଗୋଲ୍‌ଡେନ୍ ଡୋମ୍' ବିକାଶ କରୁଛି। କୌଣସି ଦେଶରୁ କ୍ଷେପଣାସ୍ତ୍ର ଆମେରିକା ସୀମାରେ ପ୍ରବେଶ ପୂର୍ବରୁ ତା'କୁ ନଷ୍ଟ କରିଦେବ। ପୁନଶ୍ଚ ସୁଦୂର ଉତ୍ତର କୋରିଆ, ଚାଇନା କିମ୍ବା ରୁଷିଆରୁ ନିକ୍ଷେପିତ କ୍ଷେପଣାସ୍ତ୍ରର ଗତିବିଧିକୁ ବାୟୁମଣ୍ଡଳରେ ଏହା ଜାଣିବାର ବ୍ୟବସ୍ଥା ରହିବ। ଏଥିପାଇଁ ସମୁଦ୍ର, ବାୟୁ ଓ ମହାକାଶରେ ସଂବେଦୀ ସ୍ଥାପନ କରାଯିବ।

ଇସ୍ରାଏଲ୍‌ର ଆଇରନ ଡୋମକୁ ସବୁଠାରୁ ପ୍ରଭାବଶାଳୀ ପ୍ରତିରକ୍ଷା ପ୍ରଣାଳୀ ମନେ କରାଯାଉଛି। ମାତ୍ର ଏହା ମଧ୍ୟ ଶତପ୍ରତିଶତ ପ୍ରଭାବୀ ନୁହେଁ। 'ଗୋଲ୍‌ଡେନ୍ ଡୋମ୍'କୁ ଶତପ୍ରତିଶତ ପ୍ରଭାବୀ କରିବାକୁ ଚେଷ୍ଟା କରାଯାଉଛି। ରୁଷିଆ ନିର୍ମିତ ଏସ୍-୪୦୦ର ପରାକ୍ରମ ଆମେ ନିକଟରେ ଦେଖିଲେ। ଭାରତ ପାଖରେ ଏଥିରୁ ତିନୋଟି ଅଛି ଏବଂ ଆସନ୍ତା ବର୍ଷ ସୁଦ୍ଧା ଆଉ ଦୁଇଟି ଭାରତ ପାଇବ ବୋଲି ଚୁକ୍ତି ହୋଇଛି।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ଆମ ବୃକ୍ଷଲତା ଆମ ଜୀବନ

### କୁଙ୍କୁମ

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

କୁଙ୍କୁମ ଗଛକୁ ଗୁଲବାସା, ଲଟକନ୍, ସନ୍ଧ୍ୟା, ସିନ୍ଦୂର ମଧ୍ୟ କୁହାଯାଏ। ଆମେରିକୀୟ ମୂଳ ଜାତ ଏହି ଆକ୍ରମଣାତ୍ମକ ବୃକ୍ଷ ବର୍ତ୍ତମାନ ଭାରତ ସମେତ ଅନେକ ଦେଶରେ ପ୍ରାକୃତିକୀକରଣ ହୋଇସାରିଛି। ଏହି ଉଦ୍ଭିଦ ବିଭିନ୍ନ ଖାଦ୍ୟ ଉତ୍ପାଦକୁ ରଙ୍ଗ କରିବା ପାଇଁ ପ୍ରାକୃତିକ ରଙ୍ଗର ଉତ୍ସ ଭାବରେ ଜଣାଶୁଣା। ଏହାକୁ ଆମେରିକାରେ ଲିପଷ୍ଟିକ୍ ଗଛ ବୋଲି ମଧ୍ୟ କୁହାଯାଏ।

କୁଙ୍କୁମ ଏକ ଚିରହରିତ ବୃକ୍ଷ, ଯାହା ୬ ରୁ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ। ପତ୍ରଗୁଡ଼ିକ ପ୍ରାୟ ୬ ରୁ ୮ ସେମି ଲମ୍ବା ଏବଂ ୪ ରୁ ୫ ସେମି ଚଉଡ଼ା। ଏହାର ଛାଲି କଠିନ, ମସୃଣ ଓ ହାଲୁକା କିମ୍ବା ଗାଢ଼ ମାଟିଆ ରଙ୍ଗର। ଶାଖାଗୁଡ଼ିକର ଅଗ୍ରଭାଗରେ ପୁଷ୍ପଦଗମ ଗୁଚ୍ଛରେ ପ୍ରାୟ ୮ ରୁ ୫୦ ପର୍ଯ୍ୟନ୍ତ ଫୁଲ ଧାରଣ କରିଥାଏ। ଫୁଲଗୁଡ଼ିକ ପ୍ରାୟ ୫ ସେମି ଲମ୍ବା, ସୁଗନ୍ଧିତ, ଉଜ୍ଜ୍ୱଳ ଧଳା କିମ୍ବା ଗୋଲାପୀ। ଫଳଗୁଡ଼ିକ ଗୋଲାକାର, ଅଣ୍ଡାକୃତି କ୍ୟାପସୁଲ, ଦ୍ୱି-ପାକ୍ଷି, ନରମ କଣ୍ଟା ଦ୍ୱାରା ଆଚ୍ଛାଦିତ, ଲାଲ-ବାଦାମୀ ରଙ୍ଗର, ପେଣ୍ଠା ହୋଇ ସଜାଯାଇଥାଏ। ପ୍ରତ୍ୟେକ ଫଳ ବା କ୍ୟାପସୁଲରେ ୩୦ ରୁ ୪୫ କୋଣ ଆକୃତିର ବିହନ ଥାଏ, ଯାହା ଏକ ପତଳା ମହମ ଭଳି ରକ୍ତ-ଲାଲ ପରଦା ବା ଆରିଲରେ ଆଚ୍ଛାଦିତ ହୋଇଥାଏ।

କୃତ୍ରିମ ରଙ୍ଗ ଶିଳ୍ପରେ ବିପ୍ଳବ ଆସିବା ପୂର୍ବରୁ କୁଙ୍କୁମ୍ ବାଣିଜ୍ୟିକ ଭାବରେ ଚାଷ ଯାଉଥିଲା। କ୍ଷାରୀୟ ପାଣି, ବନସ୍ପତି ତେଲ କିମ୍ବା ଜୈବିକ ଦ୍ରାବକ ବ୍ୟବହାର କରି ବିହନର ବାହ୍ୟ ଆବରଣରୁ ରଙ୍ଗ ବାହାର କରାଯାଏ। ରଙ୍ଗୀନ ଲାଲ-କମଳା ବର୍ଣ୍ଣର ରଙ୍ଗ କିମ୍ବା ରଙ୍ଗ କ୍ୟାରୋଟିନଏଡ୍ ବର୍ଣ୍ଣକ ଉପାଦାନରେ ଭରପୂର ଥାଏ। କୁଙ୍କୁମର ରଙ୍ଗ ଔଷଧ ଉତ୍ପାଦକୁ ରଙ୍ଗ କରିବା ପାଇଁ ସର୍ବାଧିକ ବ୍ୟବହୃତ ପ୍ରାକୃତିକ ରଙ୍ଗ ମଧ୍ୟରୁ ଗୋଟିଏ ହୋଇଥିବାରୁ ଆନ୍ତର୍ଜାତିକ ସ୍ତରରେ ଏହାର ଚାହିଦା ଅଧିକ ରହିଛି। ଏହା ବ୍ୟତୀତ ଲିପଷ୍ଟିକ୍, କେଶ ରଙ୍ଗ ଉତ୍ପାଦ, ନଖ ପଲିସ୍, ସାବୁନ୍, ବାର୍ଣ୍ଣିସ ଓ ଅନ୍ୟାନ୍ୟ ରଙ୍ଗ ଆଦିରେ ଏହାର ବ୍ୟବହାର ହୁଏ।

ଭାରତରେ ଆୟୁର୍ବେଦ ଏବଂ ଲୋକ ଚିକିତ୍ସା ପଦ୍ଧତିରେ କୁଙ୍କୁମର ବ୍ୟବହାର ବହୁ ପୁରୁଣା। ଏହାର ବିହନରେ ବିକ୍ସିନ୍, ନରବିକ୍ସିନ୍, ଟୋକୋଟ୍ରିଏନଲ୍ସ, ବିଟା-କାରୋଟିନ୍, ସଂତୃପ୍ତ, ଅସମ୍ପୂର୍ଣ୍ଣ ଫ୍ୟାଟି ଏସିଡ୍, ଫ୍ଲାଭୋନଏଡ୍ସ, ଟାନିନ୍, ଭିଟାମିନ୍ ସି, ଏସେନସିଆଲ ବା ଅତ୍ୟାବଶ୍ୟକ ତେଲ ଗଚ୍ଛିତ ଥାଏ। ଏହାର ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି-ଇନଫ୍ଲାମେଟାରୀ, ଏବଂ ଆଷ୍ଟ୍ରିଞ୍ଜେଣ୍ଟ୍ ଗୁଣ ପାଇଁ ଦୀର୍ଘକାଳୀନ ରୋଗଗୁଡ଼ିକୁ ରୋକିବା ପାଇଁ ମଧ୍ୟ ଉପକାରୀ ଅଟେ। ଏହା ଟୋକୋଟ୍ରିଏନଲ୍ସର ଏକ ଭଲ ଉତ୍ସ। ଟୋକୋଟ୍ରିଏନଲ୍ସ ହେଉଛି ଏକ ପ୍ରକାର ଭିଟାମିନ୍ ଇ ଯାହା କର୍କଟ ଓ ହୃଦ୍‌ରୋଗ ଚିକିତ୍ସାରେ ସୁରକ୍ଷା ମୂଳକ ପ୍ରଭାବ ପକାଇପାରେ। ଏହାର ପତ୍ର ଏବଂ ମୂଳରୁ ଏକ ପ୍ରକାରର ପାନୀୟ ତିଆରି କରାଯାଏ ଯାହା ଛାତି ଜଳିବା ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ଦୂର କରିବା ପାଇଁ ଚାହା ଭଳି ପାଇଁ ସେବନ କରାଯାଏ। ଏହାର ଆଣ୍ଟିମାଇକ୍ରୋବିଏଲ୍ ଗୁଣ ଯୋଗୁଁ ଏହାକୁ ଚର୍ମ ସଂକ୍ରମଣ ଏବଂ କ୍ଷତ ଚିକିତ୍ସାରେ ମଧ୍ୟ ପ୍ରଭାବଶାଳୀ ଔଷଧ ଭାବରେ ବ୍ୟବହାର କରାଯାଇଥାଏ। ଗଣ୍ଠି ବାତ ରୋଗ ଉପଶମରେ ମଧ୍ୟ ଏହା ବ୍ୟବହୃତ ହୁଏ। ଏହା ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ଜୀବନ ଶକ୍ତିକୁ ପ୍ରୋତ୍ସାହିତ କରେ କାରଣ ଏହାର କ୍ୟାଲୋରିଫିକ୍ ମୂଲ୍ୟ ଭଲ ଥାଏ। କୁଙ୍କୁମ ଗଛର କାଣ୍ଡରୁ ତନ୍ତୁ ଜାତୀୟ ଉପାଦାନ ମୂଲ୍ୟବାନ ଦଉଡ଼ି ମ୍ୟାଟ୍ ତିଆରି କରିବା ପାଇଁ ବ୍ୟବହୃତ ହୋଇଥାଏ ଏବଂ ଏହାର ରସରୁ ଆଧେସିଭ୍ ଗମ୍ ବା ଅଠା ତିଆରି ହୁଏ।

କୁଙ୍କୁମର ମୁଖ୍ୟ ବାଣିଜ୍ୟିକ ଉତ୍ପାଦକ ହେଉଛି ଲାଟିନ୍ ଆମେରିକାର ଦେଶ (ପେରୁ, ବ୍ରାଜିଲ୍ ଓ ମେକ୍ସିକୋ)। ଏକବିଂଶ ଶତାବ୍ଦୀର ଆରମ୍ଭରେ ଶୁଖିଲା କୁଙ୍କୁମ ବିହନର ବାର୍ଷିକ ବିଶ୍ୱ ଉତ୍ପାଦନ ୧୦, ୦୦୦ ଟନ୍ ବୋଲି ଆକଳନ କରାଯାଇଥିଲା, ଯାହା ମଧ୍ୟରୁ ୭, ୦୦୦ ଟନ୍ ଅନ୍ତର୍ଜାତୀୟ ବାଣିଜ୍ୟରେ ପ୍ରବେଶ କରିଥିଲା। ୧୬ ଶହ ଏବଂ ୧୭ ଶହ ଶତାବ୍ଦୀ ମଧ୍ୟରେ କୁଙ୍କୁମ ରଙ୍ଗ ଦକ୍ଷିଣ-ପୂର୍ବ ଏସିଆ, ଆଫ୍ରିକା, କାରିବିଆନ୍, ହାୱାଇ ଏବଂ ଦକ୍ଷିଣ-ପୂର୍ବ ଉତ୍ତର ଆମେରିକାରେ ବାଣିଜ୍ୟ ବିନିମୟ ମାଧ୍ୟମରେ ଉଷ୍ଣମଣ୍ଡଳୀୟ ଏବଂ ଉପ-ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବଣ୍ଟନ କରାଯାଇଥିଲା। ପ୍ରାକୃତିକ ଭାବରେ କୁଙ୍କୁମ ଉଦ୍ଭିଦର ସ୍ଥାୟୀତ୍ୱ ପ୍ରତି ଧ୍ୟାନ ଦେବା ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଜାମଶୋଳା-ତୁରୁମୁଙ୍ଗା ଅସଂପୂର୍ଣ୍ଣ ରାଜପଥ

# ରାସ୍ତା କାମ ସରିନି; ଦୁଇ ବର୍ଷ ହେଲା ଚାଲିଛି ଟୋଲ୍ ଆଦାୟ



- ମାସକୁ ଦେଢ଼କୋଟି ଲାଭ
- ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ବାରିପଦା, ୮।୬ (ସମିସ): ୪୯ ନମ୍ବର ଜାତୀୟ ରାଜପଥର ମୟୂରଭଞ୍ଜ ଜିଲ୍ଲା ଜାମଶୋଳାରୁ କେନ୍ଦୁଝର ଜିଲ୍ଲାର ତୁରୁମୁଙ୍ଗା ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ବେଳେ ୨ ବର୍ଷ ୪ ମାସ ହେଲା ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ନିଯୁକ୍ତ ସଂସ୍ଥା ଲୋକଙ୍କଠାରୁ ଟୋଲ୍ ଆଦାୟ କରି ଚାଲିଛି। ଏହାକୁ ବିରୋଧ କରି ରାଇରଙ୍ଗପୁରର ଯୁବ ଆଇନଜୀବୀ ତଥା ସୁପ୍ରିମକୋର୍ଟର ଆଇନଜୀବୀ ଆକାଶ ଶର୍ମା ହାଇକୋର୍ଟରେଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଉପରୋକ୍ତ ରାସ୍ତାର ବାଙ୍ଗରିପୋଷିରୁ ବିଶୋଇ ମଧ୍ୟରେ ଘାଟି ରାସ୍ତା ସହ ୧୭ କିଲୋମିଟର ରାସ୍ତା ଏବଂ ଝାରପୋଖରିଆ ନିକଟସ୍ଥ ଅସମ୍ପୂର୍ଣ୍ଣ ଓଭରବ୍ରିଜ୍ ଅଂଶ ଓ ଯଶିପୁର ବଜାରର ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଏପରିସ୍ଥଳେ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ୨୦୨୩ ଏପ୍ରିଲରୁ ଝାରପୋଖରିଆରେ ଟୋଲ୍‌ଗେଟ୍ ସ୍ଥାପନ କରିବା ସହ ଠିକାସଂସ୍ଥା ଦ୍ୱାରା ଟୋଲ୍ ଆଦାୟ କରି ଚାଲିଛନ୍ତି। ଏହି ଟୋଲ୍‌ଗେଟ୍ ଦେଇ ବର୍ତ୍ତମାନ ଦୈନିକ ୫ ହଜାରରୁ ଉର୍ଦ୍ଧ୍ୱ ଯାନବାହନ ଯାତାୟାତ କରୁଥିବା ବେଳେ ଦୈନିକ ୧୬ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେଉଛି। ଅର୍ଥାତ୍ ମାସକୁ ଲାଭ ଆକାରରେ ଦେଢ଼କୋଟି ଟଙ୍କା ସଂସ୍ଥା ରୋଜଗାର କରୁଛି।

ଅପରପକ୍ଷେ, ଅସମ୍ପୂର୍ଣ୍ଣ ରାସ୍ତା ପାଇଁ ଘନଘନ ଦୁର୍ଘଟଣା ଏବଂ ଯାତ୍ରୀମାନଙ୍କ ନିରନ୍ତର ଜୀବନ ଯାଉଛି। ଏନେଇ ସ୍ଥାନୀୟ ଲୋକେ ଏବଂ ଯାତ୍ରୀମାନେ ଏହାକୁ ଅନ୍ୟାୟ ଓ ଠିକାସଂସ୍ଥାକୁ ପୋଷିବା ବୋଲି ଅଭିଯୋଗ କରିଛନ୍ତି। ଟୋଲ୍ ଆଦାୟର ଲାଭାଂଶ ଅର୍ଥ ରାସ୍ତାର ଉନ୍ନତି ଓ ଯାତ୍ରୀଙ୍କ ସୁରକ୍ଷା ପାଇଁ ବ୍ୟବହାର ହେବା କଥା। ମାତ୍ର ଏପର୍ଯ୍ୟନ୍ତ କୌଣସି ଦୃଶ୍ୟମାନ କାର୍ଯ୍ୟ ହୋଇନାହିଁ। ଏହି ଅବ୍ୟବସ୍ଥା ଓ ଠିକାସଂସ୍ଥାର ଜୁଲମ୍ ବିରୋଧରେ ଓଡ଼ିଶା ହାଇକୋର୍ଟରେ ଶ୍ରୀ ଶର୍ମା ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାୟର କରିଛନ୍ତି। ଏଥିରେ ଏହି ରାସ୍ତାର ମରାମତି ଓ ପୁନଃ ନିର୍ମାଣ ପାଇଁ ଦାବି କରାଯାଇଛି।

ଏବେ ସ୍ଥାନୀୟ ଲୋକେ ଏବଂ ଯାତ୍ରୀମାନେ ରାସ୍ତା ସମ୍ପୂର୍ଣ୍ଣ ମରାମତି ଏବଂ ସୁରକ୍ଷିତ ଓ ଯାତାୟାତ ଯୋଗ୍ୟ ନହେବା ପର୍ଯ୍ୟନ୍ତ ଟୋଲ୍ ଆଦାୟ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଠିକାସଂସ୍ଥାର ଏହି ବେଆଇନ ଟୋଲ୍ ଆଦାୟ ଉପରେ ରୋକ୍ ଲଗାଇବା ସହ ରାସ୍ତାର ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ସ୍ଥାନୀୟ ଲୋକେ ଏବଂ ଯାତ୍ରୀମାନେ ଏକଜୁଟ୍ ହୋଇ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ଏବଂ ସରକାରଙ୍କୁ ଦାୟିତ୍ୱ ନେବାକୁ ଆହ୍ୱାନ ଦେଇଛନ୍ତି।

# ଡବଲ ଇଞ୍ଜିନ ସରକାରରେ ରାଜ୍ୟର ଶିଳ୍ପାୟନ ସ୍ଥିତି ନୈରାଶ୍ୟଜନକ: ବିଜେଡି

## ମୁଖ୍ୟମନ୍ତ୍ରୀଙ୍କ ପରିସଂଖ୍ୟାନ ବାସ୍ତବତାଠାରୁ ବହୁ ଦୂରରେ

ଭୁବନେଶ୍ୱର,୮।୬(ସମିସ): ମାତ୍ର ୧ ବର୍ଷର ଶାସନରେ ଓଡ଼ିଶାର ଶିଳ୍ପାୟନ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପରିସଂଖ୍ୟାନ ବାସ୍ତବତାଠାରୁ ବହୁ ଦୂରରେ ବୋଲି ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି। ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡଃ ଲେନିନ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରରେ ରାଜ୍ୟର ଶିଳ୍ପାୟନ ସ୍ଥିତି ନୈରାଶ୍ୟଜନକ। ଓଡ଼ିଶା ୨୦୨୩-୨୪ ବର୍ଷରେ ଶ୍ରେଷ୍ଠ ନିବେଶଯୋଗ୍ୟ ରାଜ୍ୟ ଭାବେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରାଳୟ ଦ୍ୱାରା ଏବଂ ୨୦୨୨-୨୩ ବର୍ଷରେ ଦ୍ୱିତୀୟ ସର୍ବାଧିକ ନିବେଶ ଆକୃଷ୍ଟକାରୀ ରାଜ୍ୟ ଭାବେ ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ଏମ୍ଏସ୍ଏମ୍ଇ କ୍ଷେତ୍ରରେ ୨୦୨୩-୨୪ ବର୍ଷରେ ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶା ପୁରସ୍କୃତ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ସ୍ୱଚ୍ଛ ନୀତି ଫଳରେ ଓଡ଼ିଶା ଇସ୍ପାତ

- ଜେଏସ୍‌ଡବ୍ଲୁ, ଆର୍ସେଲେର୍ ମିତ୍ତଲ, ଭାରତ ବାୟୋଟେକ୍ ପ୍ରକଳ୍ପ ସ୍ଥିତି କ'ଣ?
- ନିବେଶକଙ୍କ ଭରସା ଜିଣିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି

ଉତ୍ପାଦନରେ ୧୫ ଗୁଣା, ସିମେଣ୍ଟରେ ୨୨ ଗୁଣା, ଆଲୁମିନିୟମରେ ୭.୫ ଗୁଣା ଓ ଶକ୍ତି ଉତ୍ପାଦନରେ ୩.୫ ଗୁଣା ଅଭିବୃଦ୍ଧି ହାସଲ କରିପାରିଥିଲା। ଅପରପକ୍ଷରେ ଡବଲ ଇଂଜିନ ସରକାର ଆସିବା ପରଠାରୁ ଗତ ୧ ବର୍ଷ ମଧ୍ୟରେ ଓଡ଼ିଶା ପ୍ରତି ନିବେଶକଙ୍କ ଆସ୍ଥା ଓ ଭରସା କମିଯାଉଥିବା ପରିଲକ୍ଷିତ ହେଉଛି।

ଡଃ ମହାନ୍ତି କହିଛନ୍ତି, କଟକର ନରାଜଠାରେ ୪୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରତିଷ୍ଠା ହେବାକୁ ଥିବା ଜେଏସ୍‌ଡବ୍ଲୁର ବୈଦ୍ୟୁତିକ ଯାନ ଓ ବ୍ୟାଟେରୀ ଉତ୍ପାଦନ ପ୍ରକଳ୍ପ ଆଜି ମହାରାଷ୍ଟ୍ର ମୁହାଁ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ହେବାକୁ ଥିବା ଆର୍ସେଲେର ମିତ୍ତଲ-ନିପ୍ପନ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପ ଆନ୍ଧ୍ରକୁ ଚାଲିଯିବା ଏକପ୍ରକାର ନିଶ୍ଚିତ ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଉଛି। ଭୁବନେଶ୍ୱରର ଅନ୍ଧାରୁଆଠାରେ ଭାରତ ବାୟୋଟେକ୍‌ର ଟୀକା ଉତ୍ପାଦନ କେନ୍ଦ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ ଅବସ୍ଥାକୁ ଆସିଥିଲେ ମଧ୍ୟ, ରାଜ୍ୟ ନେତୃତ୍ୱ ଉପରେ ଭରସା କରିନପାରି ଅନ୍ୟ ରାଜ୍ୟକୁ ଚାଲିଯିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଉଛି। ବିଜେଡି ସରକାର ସମୟରେ ନବୀନ ବାବୁଙ୍କ ନେତୃତ୍ୱ ଉପରେ ଭରସା କରି ଅନେକ ନିବେଶକ ଓଡ଼ିଶାରେ ନିବେଶ କରିବା ସକାଶେ ଆକୃଷ୍ଟ ହେଉଥିଲେ। କିନ୍ତୁ ଆଜି ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଓ ଦିଗହରା ଶାସନ ବ୍ୟବସ୍ଥା ଲାଗି ନିବେଶକମାନେ ଓଡ଼ିଶାରୁ ମୁହଁ ଫେରାଇ ନେଉଛନ୍ତି ବୋଲି ଡଃ ମହାନ୍ତି କହିଛନ୍ତି। ଏଭଳି ସ୍ଥିତିରେ ଶିଳ୍ପାୟନ କ୍ଷେତ୍ରରେ ରାଜ୍ୟ ସରକାର ନିଜ ପିଠି ନିଜେ ଥାପୁଡ଼େଇବା ପରିବର୍ତ୍ତେ ନବୀନ ସରକାର ଅମଳରେ ହୋଇଥିବା ଓଡ଼ିଶା ବିକାଶର ଧାରାକୁ ପ୍ରତିବଦ୍ଧତାର ସହ ଆଗକୁ ବଢ଼ାନ୍ତୁ ବୋଲି ଡଃ ମହାନ୍ତି କହିଛନ୍ତି।


AFFIDAVIT

I, Sujata Malik, W/o: Shyam Sundar Malik, residing of House No.: 1, Riviera Green, P.O.: Naharakanta, P.S.: Pahala, Bhubaneswar-752101, Dist.: Khordha, Odisha declare by this affidavit No.: 18454, dtd. 06.06.2025 that now onwards I shall be known as **Sujata Mallik** for all future purposes.


# ଯୁବ କଂଗ୍ରେସ କର୍ମୀ-ପୁଲିସ ଧସ୍ତାଧସ୍ତି

- ସମ୍ବିତ ପାତ୍ରଙ୍କୁ ପାଗଳ ହସ୍ପିଟାଲ ନେବାକୁ ଆମ୍ବୁଲାନ୍ସ ଧରି ପହଞ୍ଚିଲେ କର୍ମୀ
- ବିକ୍ଷୋଭସ୍ଥଳରୁ ଭ୍ୟାନ୍‌ରେ ଯୁବ କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୁଲିସ

ଭୁବନେଶ୍ୱର,୮।୬(ସମିସ): ପୁରୀ ସାଂସଦ ସମ୍ବିତ ପାତ୍ରଙ୍କୁ ବିରୋଧ କରିବା ଅଭିଯାନକୁ ତୀବ୍ର କରିଛି ରାଜ୍ୟ ଯୁବ କଂଗ୍ରେସ। କଳିଙ୍ଗନଗରସ୍ଥିତ ତାଙ୍କ ବାସଭବନ ଆଗରେ ରବିବାର ଅଭିନବ ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ଯୁବ କଂଗ୍ରେସ କର୍ମୀ। ସାଂସଦ ଶ୍ରୀ ପାତ୍ରଙ୍କୁ ପାଗଳ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ଓ ଷ୍ଟ୍ରେଚର ନେଇ ପହଞ୍ଚିଥିଲେ ଯୁବ କଂଗ୍ରେସ କର୍ମୀ। ନିକଟରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଡଃ ପାତ୍ର ଦେଇଥିବା ଟିପ୍ପଣୀକୁ ବିରୋଧ କରି ଯୁବ କଂଗ୍ରେସ ତାଙ୍କୁ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି କହିବା ସହ ତାଙ୍କୁ ପାଗଳଙ୍କ ଚିକିତ୍ସା ପାଇଁ ଥିବା ଡାକ୍ତରଖାନାରେ ଭର୍ତ୍ତି କରାଯିବା ଉଚିତ ବୋଲି କହିଛି। ଏଥିପାଇଁ ବିକ୍ଷୋଭସ୍ଥଳକୁ ଏକ ଆମ୍ବୁଲାନ୍ସ ଅଣାଯାଇଥିଲା। ସମ୍ବିତ ପାତ୍ରଙ୍କ ଫଟୋ ଥାଇ ଫ୍ଲେକ୍ସ ପରିଧାନ କରିଥିବା ଜଣେ ବ୍ୟକ୍ତିଙ୍କୁ ଷ୍ଟ୍ରେଚର୍ ଯୋଗେ ଆମ୍ବୁଲାନ୍ସ ଯାଏଁ ଅଣାଯାଇଥିଲା। ସେଠାରେ ପୁଲିସ ସହ ଯୁବ କଂଗ୍ରେସ କର୍ମୀଙ୍କର ଧସ୍ତାଧସ୍ତି ହୋଇଥିଲା ଏବଂ ପରିଶେଷରେ ପୁଲିସ ଯୁବ କଂଗ୍ରେସ କର୍ମୀମାନଙ୍କୁ ଘଟଣାସ୍ଥଳରୁ ଭ୍ୟାନ୍ ଯୋଗେ ଉଠାଇ ନେଇଥିଲା।

ସୂଚନା ଥାଉ କି, ରବିବାର ସକାଳେ ଯୁବ କଂଗ୍ରେସ କର୍ମୀମାନେ ଏକ ବିଶାଳ ର୍ୟାଲିରେ ସମ୍ବିତ ପାତ୍ରଙ୍କ ଘର ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରାୟ ଦୁଇଘଣ୍ଟା କାଳ ତାଙ୍କ ବାସଭବନକୁ ଘେରଉ କରି ରଖିଥିଲେ। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ ସାଂସଦ ସମ୍ବିତ ପାତ୍ର ନିଜର ପଦମର୍ଯ୍ୟାଦା ରଖୁନାହାନ୍ତି। ତାଙ୍କ ନିୟନ୍ତ୍ରଣରେ ତାଙ୍କ ଜିଭ ନାହିଁ। ସେ ଚର୍ଚ୍ଚାରେ ରହିବାପାଇଁ ଯାହାପରେ ତାହା କହିଚାଲିଛନ୍ତି। ରାହୁଲ ଗାନ୍ଧୀଙ୍କ ଦେଶଭକ୍ତି, ସାଧୁତା ଏବଂ ରାଷ୍ଟ୍ରପ୍ରତି ତାଙ୍କର ସମର୍ପଣଭାବକୁ ଭାରତବାସୀ ଜାଣନ୍ତି। ଚୀନ୍ ଓ ପାକିସ୍ତାନରୁ ଅର୍ଥ ଆଣି ରାହୁଲ ଗାନ୍ଧୀ ଭାରତରେ ଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲି ସମ୍ବିତ ପାତ୍ର ଯେଉଁ ଆକ୍ଷେପ କରିଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେ ପୂର୍ବରୁ ତାଙ୍କ ବକ୍ତବ୍ୟରେ ଜଗତର ନାଥ ଜଗନ୍ନାଥ ମୋଦୀଙ୍କ ଭକ୍ତ ବୋଲି କହି ବିଶ୍ୱବାସୀଙ୍କ ନିକଟରେ ନିନ୍ଦିତ ହୋଇଛନ୍ତି। ତେଣୁ ମିଥ୍ୟା କଥା କହି ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଥିବା ସମ୍ବିତ ପାତ୍ରଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ କଂଗ୍ରେସ ଦାବି କରୁଥିବା ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା କଂଗ୍ରେସ ପ୍ରାର୍ଥୀ ସୟଦ ୟାସିର୍ ନୱାଜ କହିଥିଲେ ଯେ ସମ୍ବିତ ପାତ୍ରଙ୍କ ବକ୍ତବ୍ୟ ପାଗଳର ପ୍ରଳାପ। ସମାଜ ଭିତରେ ଏଭଳି ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ ଖୋଲା ଛଡ଼ାଯିବା ଉଚିତ ନୁହେଁ। ତେଣୁ ତାଙ୍କର ମାନସିକ ଚିକିତ୍ସା ଆବଶ୍ୟକ। ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ଲୋକସଭାର ବିରୋଧୀ ଦଳନେତାଙ୍କ ପ୍ରତି ତାଙ୍କର ସମ୍ମାନ ନାହିଁ। ସଂସଦ ଭିତରେ ଏଭଳି ଜଣେ ପାଗଳ ବ୍ୟକ୍ତିଙ୍କୁ ପ୍ରବେଶ କରାଇବା ମଧ୍ୟ ଉଚିତ ନୁହେଁ ବୋଲି ସେ କହିଛନ୍ତି। ସମ୍ବିତ ପାତ୍ର କ୍ଷମା ନ ମାଗିଲେ ସାରା ଓଡ଼ିଶାରେ ସେ ଯେଉଁଠାକୁ ଗସ୍ତ କରିବେ ତାଙ୍କୁ ସେଠାରେ ଜବାବ ଦିଆଯିବ ବୋଲି ସେ କହିଛନ୍ତି।


SALE

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଋଣ ଯନ୍ତାରେ...

ରାଜନୈତିକ ଦଳଗୁଡ଼ିକର ମାଗଣା ବଣ୍ଟନ ପ୍ରତିଶ୍ରୁତି ସାରା ଦେଶର ଅର୍ଥନୀତି ଉପରେ ଚାପ ସୃଷ୍ଟି କରିଛି। ବିଭିନ୍ନ ରାଜନୈତିକ ଦଳଗୁଡ଼ିକର 'ମାଗଣା' ପ୍ରତିଯୋଗିତା ସମ୍ପୃକ୍ତ ରାଜ୍ୟଗୁଡ଼ିକ ସହ ଦେଶର ଆର୍ଥିକ ସ୍ଥିତି ପାଇଁ କ୍ଷତିକାରକ ସାବ୍ୟସ୍ତ ହେବାକୁ ଯାଉଛି। ୨୦୨୪ ଡିସେମ୍ବର ରିପୋର୍ଟ ଅନୁସାରେ, ଜାମ୍ମୁ-କାଶ୍ମୀରର ଋଣ ଓ ଜିଡିପି ଅନୁପାତ ୫୧%ରେ ପହଞ୍ଚିଛି। ସେହିପରି ବିଜେପି ଓ ଏହାର ସହଯୋଗୀଙ୍କ ଦ୍ୱାରା ଶାସିତ ରାଜ୍ୟ ବିହାର, ରାଜସ୍ଥାନ, ତ୍ରିପୁରା, ଆନ୍ଧ୍ରପ୍ରଦେଶର ଋଣ-ଜିଡିପି ଅନୁପାତ ୩୫% ଅତିକ୍ରମ କରିଛି। ମଧ୍ୟପ୍ରଦେଶରେ ଏହା ୩୧.୩%, ଉତ୍ତରପ୍ରଦେଶରେ ୨୯.୪%, ଛତିଶଗଡ଼ରେ ୨୯.୬%, ହରିଆଣାରେ ୨୬.୨%, ଆସାମରେ ୨୫.୭%, ମହାରାଷ୍ଟ୍ରରେ ୧୮.୪% ଥିବା ସୂଚନା ମିଳିଛି। ସେହିପରି ପଶ୍ଚିମବଙ୍ଗରେ ମାଗଣା ବଣ୍ଟନ ବ୍ୟବସ୍ଥା ସମ୍ପୃକ୍ତ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ଗୁରୁତର ପ୍ରଭାବ ପକାଇଛି। ଏଠାରେ ଋଣ ଓ ଜିଡିପି ଅନୁପାତ ୩୮%ରେ ପହଞ୍ଚିଛି। ଅଣବିଜେପିଶାସିତ ରାଜ୍ୟ ପଞ୍ଜାବରେ ଏହା ୪୪.୫%, ତାମିଲନାଡୁରେ ୨୬.୧% ରହିଛି। ତେବେ ବିତ୍ତୀୟ ପରିଚାଳନାରେ ଦୁଇ ଦଶନ୍ଧି ଧରି ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ଓଡ଼ିଶାରେ ଏହି ଅନୁପାତ ସର୍ବନିମ୍ନ ୧୨.୭% ରହିଥିବାବେଳେ ସମ୍ପ୍ରତି ଏହା ଉର୍ଦ୍ଧ୍ୱଗାମୀ ହୋଇଥିବା ସୂଚନା ମିଳିଛି।

### ପୁଣି ଅଶାନ୍ତ...

ଆହତ ହୋଇଛନ୍ତି, ତାହା ଜଣାପଡ଼ି ନାହିଁ। ତେବେ ଏବେ ବି ହିଂସାତ୍ମକ ବିକ୍ଷୋଭ ଜାରି ରହିଛି। ସୁରକ୍ଷା ବାହିନୀ ରାଜଭବନ ଓ ବିମାନବନ୍ଦରକୁ ଘେରି ରହିଛନ୍ତି। ରାଜଧାନୀ ଇମ୍ଫାଲ ସମେତ ୫ଟି ଜିଲ୍ଲାରେ ନିଷେଧାଜ୍ଞା ଜାରି କରାଯାଇଛି। ବିଷ୍ଣୁପୁର ଜିଲ୍ଲାରେ କର୍ଫ୍ୟୁ ଜାରି କରାଯିବା ସହିତ ସମସ୍ତ ୫ଟି ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଇଛି। ସାମାଜିକ ଗଣମାଧ୍ୟମ ଜରିଆରେ ହିଂସାକୁ ଉସୁକାଇବା ଲାଗି ଉଦ୍ୟମ କରାଯାଉଥିବାରୁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏହି କଟକଣା ୫ ଦିନ ଧରି ଜାରି ରହିବ। ମଇତି ନେତାଙ୍କ ଗିରଫଦାରିକୁ ବିରୋଧ କରି ଗତକାଲି ରାତିରେ କେତେକ ଆନ୍ଦୋଳନକାରୀ ନିଜ ମୁଣ୍ଡ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଧମକ ଦେଉଥିବାର ଏଭ ଭିଡିଓ ଭାଇରାଲ ହେବାରେ ଲାଗିଛି। ପୁଲିସ ସେମାନଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ପୁଣି ମଇତି ନେତାଙ୍କୁ ଗିରଫ କରାଯାଇଥିବାରୁ ଜଣେ ସାଂସଦ ଓ ଅନେକ ବିଧାୟକ ରାସ୍ତା ଉପରେ ବିରୋଧ କରୁଥିବାର ମଧ୍ୟ ଦେଖାଯାଇଛି। ରାଜ୍ୟରେ ଆଜି ଠାରୁ ସଂପୂର୍ଣ୍ଣ ବନ୍ଦ ପାଳନ ଲାଗି ମଇତି ସଂଗଠନ ଆହ୍ୱାନ ଦେଇଥିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ପରିସ୍ଥିତିର ମୁକାବିଲା ଲାଗି ସୁରକ୍ଷା ବାହିନୀ ବିଭିନ୍ନ ସ୍ଥାନରେ ଚଢ଼ଉ ଚଳାଇଛି। ଚଢ଼ଉ ବେଳେ ତିନି ଜଣ ଉଗ୍ରବାଦୀଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ରାଯାଇଛି। ଇତିମଧ୍ୟରେ ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। ମଣିପୁର ଏବେ ରାଷ୍ଟ୍ରପତି ଶାସନ ଅଧୀନରେ ରହିଥିବାରୁ ସମସ୍ତ ଆଇନ ଶୃଙ୍ଖଳା ବଜାୟ ରଖିବା କ୍ଷମତା ରାଜ୍ୟପାଳଙ୍କ ନିକଟରେ ରହିଛି। ସୂଚନାଯୋଗ୍ୟ ଯେ ୨୦୨୩ ମେ ମାସରୁ ମଣିପୁର ଅଶାନ୍ତ ରହିଛି। ଏହି ସମୟ ମଧ୍ୟରେ ବ୍ୟାପକ ହିଂସା ଯୋଗୁଁ ୨୬୦ରୁ ଅଧିକ ଲୋକ ପ୍ରାଣ ହରାଇବା ସହିତ ହଜାର ହଜାର ଲୋକ ବାସଚ୍ୟୁତ ହେଲେଣି। ହିଂସା ରୋକିବାରେ ବିଫଳ ହେବାପରେ ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ଗତ ଫେବୃଆରୀ ମାସ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା।

### ସ୍ନାନ ପୂର୍ଣ୍ଣିମା ଯାଏଁ...

କିଛି ସ୍ଥାନରେ ତାପମାତ୍ରା ୪୪ ଡିଗ୍ରୀ ଛୁଇଁବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ଜୁନ୍ ୧୨ ପରେ ପାଗରେ ପରିବର୍ତ୍ତନ ଆସିବ। ଅନ୍ୟପଟେ ତାପମାତ୍ରା ବୃଦ୍ଧି ଯୋଗୁଁ ରବିବାର ଝାରସୁଗୁଡ଼ାରେ ତାପମାତ୍ରା ୪୦. ଡିଗ୍ରୀ ଛୁଇଁଥିବା ବେଳେ ସମ୍ବଲପୁରରେ ତାପମାତ୍ରା ୪୦.୬ ଡିଗ୍ରୀ ରେକର୍ଡ ହୋଇଛି। ଅଧିକାଂଶ ସ୍ଥାନରେ ତାପମାତ୍ରା ୩୯ ଡିଗ୍ରୀ ଉପରେ ରହିଛି। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗ୍ରୀଷ୍ମ ଲହରୀ ସ୍ଥିତି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଯଦିଓ ବର୍ତ୍ତମାନ ଗରମ ଓ ଗୁଳୁଗୁଳି ଜାରି ରହିବ, ଅପରାହ୍ଣ ପରେ ରାଜ୍ୟର ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଅନ୍ୟପଟେ ରଜ ବେଳକୁ ରାଜ୍ୟରେ ପାଗ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ସାଧାରଣତଃ ମୌସୁମୀ ସହିତ ଏକ ନିମ୍ନଚାପରେଖା ଜଡ଼ିତ ହୋଇ ରହିଥାଏ। ଏହି ଚାପରେଖାଟି ବଙ୍ଗୋପସାଗରରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଭୂପୃଷ୍ଠକୁ ପ୍ରେରିତ କରିଥାଏ। ୧୧ ତାରିଖରୁ ଏହି ଚାପରେଖାର ଅବସ୍ଥାନ ପରିବର୍ତ୍ତନ ହେବ। ଏହା ପ୍ରଭାବରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ରଜ ବେଳକୁ ପାଗ କୋହଲା ସହ କିଛି କିଛି ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

### ଦେଢ଼ବର୍ଷ ହେଲା...

ଆଶାୟୀମାନେ ରାସ୍ତାକୁ ଓହ୍ଲାଇଥିଲେ। ସରକାର ମଧ୍ୟ ପରୀକ୍ଷାରେ ଅସଗତି ହୋଇଥିବା ସ୍ୱୀକାର କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ମନ୍ତ୍ରୀଙ୍କ ସମେତ ଏକାଧିକ ମନ୍ତ୍ରୀ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଗଣମାଧ୍ୟମରେ କହିଲେ। ଓଏସ୍ଏସ୍ଏସ୍‌ସି ପକ୍ଷରୁ ମଧ୍ୟ ପରୀକ୍ଷାର୍ଥୀଙ୍କୁ ଅଧିକ ତଥ୍ୟ ପ୍ରମାଣ ଦେବାକୁ କହିଲେ। ହେଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ପୂର୍ବରୁ ପରୀକ୍ଷାଫଳ ଗତ ଏପ୍ରିଲ୍ ୨୩ ତାରିଖରେ ପ୍ରକାଶ ପାଇଛି।

ପ୍ରିଲିମ୍ ପରୀକ୍ଷାର ପ୍ରାୟ ୮ ମାସ ପରେ ପରୀକ୍ଷା ଦେଇଥିବା ପ୍ରାୟ ୨ଲକ୍ଷ ୯ ୬ହଜାର ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ସବୁଜ ସଙ୍କେତ ଦିଆଯାଇଛି। ସବୁ ପିଲାଙ୍କୁ ମେନ୍ ପରୀକ୍ଷା ପାଇଁ ସବୁଜ ସଙ୍କେତ ଦେବା ପରେ ପୂର୍ବପରି ଅନ୍‌ଲାଇନ୍ ନା ଅଫ୍‌ଲାଇନ୍‌ରେ ପରୀକ୍ଷା ହେବ, ସେନେଇ କଳ୍ପନାଜଳ୍ପନା ଲାଗି ରହିଛି। ଅନଲାଇନ୍‌ରେ ବ୍ୟାପକ ବିଭ୍ରାଟ ହୋଇଥିବାରୁ ଅଫ୍‌ଲାଇନ୍‌ରେ ଗୋଟିଏ ସିଫ୍ଟରେ ପରୀକ୍ଷା କରିବାକୁ ଆଶାୟୀମାନେ ଦାବି କରୁଛନ୍ତି। ସେମାନଙ୍କ କହିବା କଥା, ୨୦୨୧ରେ ପ୍ରାୟ ୨ହଜାର ଆର୍‌ଆଇ, ଅମିନ ନିଯୁକ୍ତି ପରୀକ୍ଷା ଅଫ୍‌ଲାଇନ୍‌ରେ ଗୋଟିଏ ସିଫ୍ଟରେ ହିଁ ହୋଇଥିଲା। ସେହିପରି ପ୍ରାୟ ୭ହଜାର ପଦରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଓ କନିଷ୍ଠ କିରାଣୀ ନିଯୁକ୍ତି ପାଇଁ ଅଫ୍‌ଲାଇନ୍ ପରୀକ୍ଷା ହୋଇଥିଲା। ଏଥିରେ ମଧ୍ୟ ପ୍ରାୟ ୩ଲକ୍ଷରୁ ଅଧିକ ଆଶାୟୀ ପରୀକ୍ଷା ଦେଇଥିଲେ। ତେଣୁ ଅଫ୍‌ଲାଇନ୍‌ରେ ପରୀକ୍ଷା କରିବାରେ କୌଣସି ଅସୁବିଧା ନାହିଁ ବୋଲି ପରୀକ୍ଷାର୍ଥୀମାନେ ଯୁକ୍ତି ବାଢ଼ିଛନ୍ତି। ଅପରପକ୍ଷରେ ବିଜ୍ଞପ୍ତିକୁ ଦେଢ଼ବର୍ଷ ବିତିଥିଲେ ମଧ୍ୟ ନିଯୁକ୍ତି ଦେଇ ପାରିନଥିବାରୁ ଓଏସ୍ଏସ୍ଏସ୍‌ସିର ପରୀକ୍ଷା ପରିଚାଳନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟ ପରୀକ୍ଷା କେବେ ହେବ, ସେନେଇ କୌଣସି ବିଜ୍ଞପ୍ତି ବହାରିନାହିଁ। ଫଳରେ ନିଯୁକ୍ତି ପ୍ରକ୍ରିୟା କେବେ ସରିବ ଏବଂ କେବେ ନିଯୁକ୍ତି ମିଳିବ, ସେନେଇ ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ତୁରନ୍ତ ମୁଖ୍ୟ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରାନଗଲେ, ବିଧାନସଭା ସମୟରେ ପରୀକ୍ଷାର୍ଥୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଷ୍ଟୁଡେଣ୍ଟ ଏଗେଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି।

### ରାଜ୍ୟରେ ଦିନକୁ...

ଦେଇଛନ୍ତି । ସେହିପରି ଆଜି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଇ ସମ୍ପର୍କୀୟ ଭାଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସବୁଠାରୁ ସ୍ପର୍ଶକାତର ବିଷୟଟି ହେଉଛି ଦୁଷ୍କର୍ମ ଓ ମହିଳା ବିରୋଧୀ ହିଂସା ଘଟଣାରେ ପୁଲିସର ଆଭିମୁଖ୍ୟ। ବିଭିନ୍ନ ଅଣ ଅପରାଧିକ କାର୍ଯ୍ୟ, ସୁରକ୍ଷା ଦାୟିତ୍ୱ, ବଡ଼ବଡ଼ିଆଙ୍କ ଗସ୍ତ ଆଦିରେ ପୁଲିସ ଏତେମାତ୍ରାରେ ବ୍ୟସ୍ତ ଯେ ସେମାନେ ଏପରି ମହିଳା ବିରୋଧୀ ହିଂସା ଘଟଣାଗୁଡ଼ିକୁ ତଦନ୍ତ କରିବାକୁ ସମୟ ନ ଥିବା ବାହାନା କାଢୁଛନ୍ତି। ଯାହା ପୀଡ଼ିତା ଓ ସେମାନଙ୍କ ପରିବାରର କଟା ଘା'ରେ ଚୂନ ମାରିବା ପରି ହୋଇଛି । ୨୦୨୪ ଜୁନରୁ ଡିସେମ୍ବର ୫ ମାସ ମଧ୍ୟରେ ରାଜ୍ୟରେ ୭୬୯ ନାବାଳିକା ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଥିଲେ। ସେହିପରି ୫୦୯ ମହିଳାଙ୍କୁ ଦୁଷ୍କର୍ମ ଓ ୪୧ଟି ଗଣଦୁଷ୍କର୍ମ ମାମଲା ଘଟିଥିଲା ବୋଲି ସେ ସ୍ୱୀକାର କରିଥିଲେ। ଏହା ସତ୍ତ୍ୱେ ମହିଳା ବିରୋଧୀ ହିଂସାକାଣ୍ଡ ଓ ଦୁଷ୍କର୍ମଗୁଡ଼ିକର ବିଚାର ପାଇଁ ବିଶେଷ ତତ୍ପରତା ରାଜ୍ୟ ପୁଲିସ ପ୍ରକାଶ କରି ନ ଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶରେ ମହିଳା ବିରୋଧୀ ହିଂସା ଓ ଉତ୍ପୀଡ଼ନ ମାମଲାର ସଜାହାର ୬୮%, ବିହାର ପରି ଅପରାଧପ୍ରବଣ ରାଜ୍ୟରେ ୬୦% ରହିଥିବାବେଳେ ଓଡ଼ିଶାରେ ଏହା ୧୦% ବି ଅତିକ୍ରମ କରିନାହିଁ।

### ବିଦ୍ୟୁତ୍ ଆଘାତରେ...

କାରଣରୁ ଛିଡ଼ି ତଳକୁ ଖସି ପଡ଼ିଥିଲା। ଟାଙ୍କି ଭିତରେ ୩ ଫୁଟ୍ ଉଚ୍ଚର ପାଣି ଥିବା ବେଳେ ପାଣିରେ ଛିଡ଼ା ହୋଇ କାମ କରୁଥିବା ଶ୍ରମିକମାନେ ଛିଡ଼ିଥିବା ତାର ସଂସ୍ପର୍ଶରେ ଆସିବା ମାତ୍ରେ ଗୁରୁତର ହୋଇପଡ଼ିଥିଲେ। ଗ୍ରାମବାସୀ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ସମସ୍ତଙ୍କୁ ପ୍ରଥମେ ବାରାପୁରର ଏକ ଘରୋଇ କ୍ଲିନିକ୍‌ରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ସମସ୍ତଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଦାବି କରିଛନ୍ତି।

### ଗୁଣିଆ ସନ୍ଦେହରେ...

କାମ୍ବିଙ୍କ ଘରେ କେହି ନଥିବା ବେଳେ କିଛି ଗ୍ରାମବାସୀ ତାଙ୍କୁ ହତ୍ୟା କରିବା ସହ ଗାଁଠାରୁ କିଛି ଦୂରରେ ନେଇ ପୋଡ଼ି ଦେଇଥିଲେ। ବୁଧବାର ସକାଳେ ତାଙ୍କ ପୁଅ-ଝିଅ ଘରକୁ ଆସି ଦେଖିବା ବେଳକୁ କାମ୍ବି ଘରେ ନଥିଲେ। ଚାରିଆଡ଼େ ଖୋଜାଖୋଜି କରି ନ ପାଇବାରୁ ଏବଂ ଘର ଆଗରେ ରକ୍ତଛିଟା ପଡ଼ିଥିବାରୁ ସେମାନଙ୍କ ମନକୁ ପାପ ଛୁଇଁଥିଲା। ତେବେ ତାଙ୍କ ବାପାଙ୍କୁ ମାରି ପୋଡ଼ି ଦିଆଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିବା ପରେ ଏ ସଂପର୍କରେ ସେମାନେ ମୋହନା ପୁଲିସ୍‌କୁ ଖବର ଦେଇଥିଲେ। କାମ୍ବିଙ୍କ ଝିଅ ସୁନ୍ଦରୀ ମଳିକଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ଆଜି ମୃତଦେହ ପୋଡ଼ାଯାଇଥିବା ସ୍ଥାନରୁ ପାଉଁଶ ଏବଂ ହାଡ଼ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।


**न्यायालय - जिला एवं अतिरिक्त सत्र न्यायाधीश के न्यायालय के अति, न्यायाधीश सारंगढ़, जिला - सारंगढ़ बिलाईगढ़ (छ.ग.)**
**पीठासीन अधिकारी - (पारुल श्रीवास्तव)**
**ईस्तहार**

विविध सिविल अपील 01/2022
पेशी तारीख - 28/06/2025
प्रोसेस क्रमांक - 205 /2025
फुलवाई वगै विरूद्ध विजय वगै

**प्रति,**
तनुजा पिता: श्रीवच्छ कोलता, पति गणेश प्रधान, उम्र लगभग 38 वर्ष, जाति कोलता, पेशा - कृषि, निवासी - ग्राम भठली, थाना सरिया, तहसील बरमकेला, जिला - सारंगढ़ बिलाईगढ़ (छ०ग०) हाल मुकाम - खेदापाली तहसील एवं जिला - बरगढ़ (उडिसा)

**विषय :-** विविध सिविल अपील 01/2022 फुलवाई वगै विरूद्ध विजय वगै में तनुजा पिता: श्रीवच्छ कोलता, पति गणेश प्रधान, उम्र लगभग 38 वर्ष, जाति कोलता, पेशा - कृषि, निवासी - ग्राम भठली, थाना सरिया, तहसील बरमकेला, जिला - सारंगढ़ बिलाईगढ़ (छ०ग०) हाल मुकाम - खेदापाली तहसील एवं जिला - बरगढ़ (उडिसा) कि उपस्थिति हेतु पेपर ईस्तहार।

चुकि यादि / अपिला थिंगण ने विजय वगै उत्तरवादिगण के विरुध अपिल हेतु वाद संस्थित किया है। उत्तरवादि क्रमांक 3 तनुजा पिता: श्रीवच्छ कोलता, पति गणेश प्रधान, उम्र लगभग 38 वर्ष, जाति कोलता, पेशा - कृषि, निवासी - ग्राम भठली, थाना सरिया, तहसील बरमकेला, जिला - सारंगढ़ बिलाईगढ़ (छ०ग०) हाल मुकाम - खेदापाली तहसील एवं जिला - बरगढ़ (उडिसा) को इस न्यायालय में पेशी तारीख 28/06/2025 को दिन में 11:00 बजे दावे का उत्तर देने के उपसंजात (हाजिर) होने के लिए समन किया जाता है। आप न्यायालय में स्वयं या किसी ऐसे प्लीडर द्वारा हाजिर हो सकते हैं जिसे सम्यक अनुदेश दिये गये हो और जो इस वाद से संबंधित सभी सरयान प्रश्नों का उत्तर दे सके। तनुजा को यह निर्देश भी दिया जाता है कि आप उस दिन अपनी प्रतिरक्षा का लिखित कथन दाखिल करें और उस दिन ऐसी सब दस्तावेजों जो आपके कब्जे या शक्ति में हो पेश करें जिन पर आपकी प्रतिरक्षा का दावा या प्रतिदावा आधारित है।

आपको सूचित किया जाता है कि यदि आप ऊपर बताई गई तारीख को इस न्यायालय में उपसंजात (हाजिर) नही होंगे तो वाद की सुनवाई और उसका निपटारा आपकी अनुपस्थिति में किया जाएगा।

टीप:- यदि उक्त तिथि पर अवकाश घोषित हो जायेगा तो प्रकरण की सुनवाई ठीक पश्चात आगामी कार्यदिवस पर की जायेगी।

इस न्यायालय की मुद्रा एवं मेरे हस्ताक्षर द्वारा आज दिनांक 24/04/2025 को किया गया।

(पारुल श्रीवास्तव)
जिला एवं अतिरिक्त सत्र न्यायाधीश के न्यायालय के
अतिरिक्त न्यायाधीश सारंगढ़, जिला - सारंगढ़ बिलाईगढ़ (छ०ग०)



बैंक ऑफ महाराष्ट्र
Bank of Maharashtra
एक परिवार एक बैंक

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୂପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨,
ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣାଯାଇଥିବା ସମ୍ପତ୍ତିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ବର୍ଣ୍ଣିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଜଗତ୍‌ସିଂହପୁର ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
| --- | --- | --- | --- |
| ଋଣଗ୍ରହୀତାମାନେ: ୧) ମେସର୍ସ ଶିବମ୍ ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ଲକ୍ଷ୍ମଣ ଦାସ, ପିତା: ଶ୍ରୀ ମିଳନ ଦାସ, ୨) ଶ୍ରୀ ଲକ୍ଷ୍ମଣ ଦାସ, ପିତା: ଶ୍ରୀ ମିଳନ ଦାସ / କୋ-ଆପ୍ଲିକାଣ୍ଟ: ଶ୍ରୀ ମିଳନ ଦାସ, ପିତା: ଶ୍ରୀ ନୀଳକଣ୍ଠ ଦାସ, ସମସ୍ତଙ୍କ ଠିକଣା- ସା: ୬୬୫, ପଦମପୁର (ଶଙ୍ଖ), ପୋ.: ଓଲାରାହ, କାଘାଡି ବ୍ରିଜ୍ ନିକଟ, ଥାନା: ଏରସମା, ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୧୦ | ଶ୍ରୀ ଲକ୍ଷ୍ମଣ ଦାସଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ: ପଦମପୁର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଜଗତ୍‌ସିଂହପୁର, ଥାନା ଏବଂ | ତା.୧୭.୦୩.୨୦୨୫ରିଖ ସୁଦ୍ଧା ଟ.୩୫,୦୬,୩୩୦.୧୮ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୭.୦୩.୨୦୨୫ / ୦୩.୦୬.୨୦୨୫ |

ଏସ୍‌ଆରଓ: ଏରସମା, ଜିଲ୍ଲା: ଜଗତ୍‌ସିଂହପୁର, ପରିମିତ କ୍ଷେତ୍ର: ୧୬୪୨ ବର୍ଗଫୁଟ ଏବଂ ସିଟିଏସ୍/ସର୍ଭେ ନଂ./ ଖାତା ନଂ.: ୬୬୫/୯୦୨, ପ୍ଲଟ୍ ନଂ.: ୧୪୬୮/୨୮୬୩, କିସମ: ଘରବାରୀ ସହିତ ସେଥିରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ୍ ବ୍ଲକ୍ ଯାହାର ପରିମିତ କ୍ଷେତ୍ର: ୧୩୫୦ ବର୍ଗଫୁଟ ଏବଂ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା ଏବଂ ସରକାରୀ ଜମି, ପଶ୍ଚିମ: ରାସ୍ତା, ଉତ୍ତର: ନୀଳକଣ୍ଠ ଦାସଙ୍କ ଜମି, ଦକ୍ଷିଣ: ସାଧନ ଦାସଙ୍କ ଜମି

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୯.୦୬.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର



AFFIDAVIT

By virtue of an affidavit sworn before Notary Public, Anandapur No -372, dated -15.04.2025. I, UMAKANTA SAHOO, S/O-Rama Chandra Sahoo, At & P.O - Karagola, P. S -Nandipada, Dist - Keonjhar, Odisha, Pin -758022 declare that I have changed my name from KANEHI SAHOO to UMAKANTA SAHOO. Henceforth, I shall be known as UMAKANTA SAHOO for all purposes.
Umakanta Sahoo

AFFIDAVIT

By virtue of an affidavit sworn before Executive Magistrate, Satyabadi, CF No.- 605 dated 12.03.2025 , I Manas Jena, S/o- Late Bhikari Jena, At: Dugal, Po: Brahmanapada, P.S: Satyabadi, Dist: Puri, 752014 Odisha have changed my daughter's name from Papali Jena to Sradhanjali Jena, henceforth she shall be known as **Sradhanjali Jena** for all purposes.
Sd/- Manas Jena

AFFIDAVIT

By virtue of an affidavit sworn before The Executive Magistrate, Titilagarh, dated- 18/03/2025. I, **Seshadev Majhi,** aged about 23 years, Son of Dhanistha Majhi, resident of At- Ganjiapada, P.O. Titisilet, P.S. Sindhekela, Dist. Bolangir, (Odisha) declare that, now I have changed my name from **Shesa Majhi to Seshadev Majhi.** Henceforth, I shall be known as **Seshadev Majhi** for all purposes.
**Seshadev Majhi**

LOST

Notice is hereby given to general public that, I Susanta Kumar Behera S/o-Late Jagannath Behera, resident at Plot No-LP-418, KIIT, Prasanti Vihar, Bhubaneswar has lost the original link ROR No-611/2710 in the name of Bidyutprava Mishra, while he was going to court after marketing at about 3pm on 03.06.2025 from his home at Prasanti Vihar, and lost the original ROR described above, somewhere, around chandrasekharpur area and in spite of his best efforts failed to trace the same. There four, if anyone has found the same, please inform Advocate NC Pattnaik, Mob-9853311189 within 7 days from the date of the publication, failing which the document will lose its legal force, and any miss use of the document will be punishable under law.

# ମିଠା ଦୋକାନରୁ ଚୋରି, ନାବାଳକ ଅଟକ

ସୋର, ୮।୬ (ସମିସ): ସୋର କଚେରୀ ସମ୍ମୁଖରେ ଥିବା ଏକ ମିଠା ଦୋକାନରୁ ଗତ ୩୧ ତାରିଖ ରାତିରେ ଦୋକାନର ତାଲା ଖୋଲି ହୋଇଥିବା ଟଙ୍କା ଲୁଟ ଘଟଣାରେ ପୁଲିସ ଜଣେ ନାବାଳକଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ଗତ ୩୧ ତାରିଖ ଶନିବାର ଦିନ ଛତ୍ରପୁର ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ମିଠା ଦୋକାନର ତାଲା ଖୋଲି କେହି ୧ ଲକ୍ଷ ୨୦ ହଜାର ଟଙ୍କା ସମେତ ଦାମୀ ଚକୋଲେଟ ଚୋରି ହୋଇଥିବାନେଇ ଶ୍ରୀ ସାହୁ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ସିସିଟିଭି ଫୁଟେଜ ଆଧାରରେ ଜଣେ ନାବାଳକଙ୍କୁ ଥାନାକୁ ଉଠାଇ ଆଣି ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ୩ ଦୋକାନରୁ ଚୋରି ଅଭିଯୋଗ

ନୀଳଗିରି, ୮।୬(ସମିସ): ନୀଳଗିରି କଟେରୀବଜାର ଦୁର୍ଗାମଣ୍ଡପ ନିକଟସ୍ଥ ନୀଳଗିରି ସୁଇଟ୍ସ, ଖୁଣ୍ଟିଆ ପାନଦୋକାନ ଏବଂ ଶୁକ୍ରବାର ବିଳମ୍ବିତ ରାତିରେ ଅର୍ଡର ସପ୍ଲାୟର୍ସ ସରୋଜ ସାମଲଙ୍କ ଦୋକାନରୁ ଦୁର୍ବୃତ୍ତମାନେ ଦୋକାନର କବାଟଭାଙ୍ଗି ଟଙ୍କା ଓ କିଛି ସାମଗ୍ରୀ ଲୁଟି ନେଇଛନ୍ତି। ନୀଳଗିରି ଥାନା ସାନଅଡା ଗ୍ରାମର ମନୋରଞ୍ଜନ ଖୁଣ୍ଟିଆଙ୍କ ପାନଦୋକାନରୁ ଗତ କିଛିଦିନ ତଳେ ଦିନଦ୍ୱିପ୍ରହରରେ ୧୨ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ପୁଣି କିଛିଦିନ ଅନ୍ତରାଳରେ ଗତ ଶୁକ୍ରବାର ରାତି ୮ଟାବେଳେ ସେ ପାଣି ଆଣିବାକୁ ଯାଇଥିବା ବେଳେ ୯ହଜାର ଟଙ୍କା ଚୋରି ହୋଇଥିବା ସେ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଅନୁରୂପଭାବେ ନୀଳଗିରିର ବହୁପୁରାତନ ଅନ୍ତର୍ଯ୍ୟାମୀ ବେହେରାଙ୍କ ମିଠାଦୋକାନ (ନୀଳଗିରି ସୁଇଟ୍ସ)ରୁ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କ୍ୟାସ କାଉଣ୍ଟର ଭାଙ୍ଗି ୩୮ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଏବଂ ଅର୍ଡର ସପ୍ଲାଏ କରୁଥିବା ସରୋଜ ସାମଲଙ୍କ ଦୋକାନଗୃହ ଭାଙ୍ଗି ୪ହଜାରରୁ ଅଧିକ ଟଙ୍କା ଚୋରି ହୋଇଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ସୂଚନାମୁତାବକ ସ୍ଥାନୀୟ କିଛି ଯୁବକଙ୍କ ସହାୟତାରେ ଲକ୍ଷ୍ମୀସାଗର ପୋଖରୀଆଡ଼ିରେ ବସବାସ କରୁଥିବା କିଛି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଦ୍ୱାରା ଏଭଳି ଚୋରି ବାରମ୍ବାର ହେଉଥିବାର ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସର୍ବୋପରି ନୀଳଗିରି ସହରର ପ୍ରମୁଖ ବ୍ୟବସାୟୀଙ୍କ କଟେରୀ ବଜାର ଏବଂ ତତ୍‌ସଂଲଗ୍ନ ବଜାରଗୁଡ଼ିକରେ ପୁଲିସର ନିଷ୍କ୍ରିୟତା ଏବଂ କଡ଼ାକଡ଼ି ପାଟ୍ରୋଲିଂର ଦୁରାବସ୍ଥା ପାଇଁ ବାରମ୍ବାର ଚୋରି, ଡକାୟତି, ଛିନତାଇ ଭଳି ଘଟଣା ଘଟୁଥିବା ସହରାଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

# 'ମୁକ୍ତ ଆକାଶ'ର ବନ୍ଧୁମିଳନ ଉତ୍ସବ



ଜଳେଶ୍ୱର ବ୍ଲକ, ୮।୬ ( ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଧାନସିମୁଳିଆ ଠାରେ ୧୯୬୪ ମସିହାରେ ପ୍ରତିଷ୍ଠା ହୋଇଥିବା ଦୀନକୃଷ୍ଣ ମହାବିଦ୍ୟାଳୟର ୧୯୯୬ ରୁ ୧୯୯୯ ମସିହା ସ୍ନାତକ ବ୍ୟାଚର ଛାତ୍ରଛାତ୍ରୀମାନଙ୍କ 'ମୁକ୍ତ ଆକାଶ' ର ବନ୍ଧୁମିଳନ ଉତ୍ସବ ଜଳେଶ୍ୱର ହସ୍ପିଟାଲ ରୋଡସ୍ଥିତ ହୋଟେଲ ଇନ୍ ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣ ପୁହାଣ ଓ ଦେବକାନ୍ତ କାଷ୍ଠ ପ୍ରାରମ୍ଭିକ ସୂଚନା ଦେବା ପରେ ଦୀର୍ଘ ୨୬ ବର୍ଷର ବ୍ୟବଧାନ ପରେ ଏହି ଉତ୍ସବରେ ପରସ୍ପରକୁ ଦେଖି ଆଖିବିଭୋର ହୋଇ ପଡ଼ିଥିଲେ। କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫୁଲ୍ଲ କୁମାର ପାଠୀ, ରାଧାରଞ୍ଜନ ସାହୁ, ପ୍ରାକ୍ତନ ଅଧ୍ୟାପକ କଳ୍ପନା ଘୋଷ, ଗଦାଧର ଦାସ ମହାପାତ୍ର ଅତିଥି ଭାବେ ଯୋଗ ଦେଇ ଥିଲେ। ନଳିନୀ କାନ୍ତ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନସ ଦାସ, ପ୍ରୀତିଲତା ଦେ, ଚାରୁବାଳା ଦାସ ଅଧିକାରୀ, କୁମୁଦିନୀ ପ୍ରଧାନ,ବିଜୟ ରାଉଳ,ଶଶିକାନ୍ତ ବେହେରା,ଓୟେସ କାନ୍ତ ନାଗ, ରାଜିବ କର, ପ୍ରବୀର ପଣ୍ଡା ଉପସ୍ଥିତ ଥିଲେ।

# ଅସହାୟ ବାପପୁଅଙ୍କୁ ହେଲ୍ପ ଫର ୟୁ ଫାଉଣ୍ଡେସନର ସହାୟତା



ଜଳେଶ୍ୱର ବ୍ଲକ, ୮।୬ (ସମିସ): ବାପା ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଥିବାବେଳେ ଏକମାତ୍ର ପୁଅ ମାନସିକ ବିକୃତ। ଭଙ୍ଗା ଝାଟିମାଟି କୁଡ଼ିଆ ଘରେ ବିତୁଛି ଏ ପରିବାରର ଜୀବନ। ନା ଅଛି ପକ୍କା ଘର ନାଁ ଅଛି କିଛି ରୋଜଗାର। ଗୋଟିଏ ଓଳି ଚୁଲି ଜଳୁଛି ତ ଆଉ ଗୋଟିଏ ଓଳି ଭୋକିଲା ରହିବାକୁ ପଡୁଛି। ଏହି ହୃଦୟ ବିଦାରକ କରୁଣ କାହାଣୀ ଟି ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଅନ୍ତର୍ଗତ ବୋଲଙ୍ଗ ପଞ୍ଚାୟତ ବୋଲଙ୍ଗ ଗ୍ରାମର ସୁଧାକର ମଲ୍ଲିକଙ୍କ ପରିବାରର। ଘଟଣା ବାବଦରେ ହେଲ୍ପ ଫର ୟୁ ଫାଉଣ୍ଡେସନକୁ ସେଠାକାର ଗ୍ରାମବାସୀ ଖବର ଦେବା ପରେ ସଙ୍ଗଠନର ସମସ୍ତ ସଦସ୍ୟ ସଦସ୍ୟା ଓ ବସ୍ତା, ଜଳେଶ୍ୱର ଏସଡିପିଓ ମାନସ ଦେଓ ସହଯୋଗ କରିଥିଲେ। ଅସହାୟ ପରିବାରର ବାପ, ପୁଅଙ୍କ ଚିକିତ୍ସା ପାଇଁ କିଛି ଆର୍ଥିକ ସହାୟତା ଏବଂ କିଛି ମାସର ରେସନ ସାମଗ୍ରୀ ଆଦି ପ୍ରଦାନ କରିଛନ୍ତି।

# କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା ଦାବି ତେଜିଲା

ବାଲେଶ୍ୱର, ୮।୬ (ସମିସ)




**ଜିଲ୍ଲାସ୍ତରୀୟ ସମ୍ମିଳନୀ**

ବାଲେଶ୍ୱର ଜିଲ୍ଲାରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଗତ ୨୦୨୨ ମସିହାରୁ ଦାବି ହୋଇଆସୁଛି। ଏ ନେଇ ବାଲେଶ୍ୱରରେ ଗଠିତ କ୍ରିୟାନୁଷ୍ଠାନ ସମିତିର ୨ୟ ଜିଲ୍ଲାସ୍ତରୀୟ ସମ୍ମିଳନୀ କୁରୁଡ଼ାସ୍ଥିତ "ଓଡ଼ିଶା ଫଲୋଅପ" ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ସମ୍ମିଳନୀକୁ ଉଦ୍‌ଘାଟନ କରି ବାଲେଶ୍ୱର କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିକୁ ଦୃଢ଼ ସମର୍ଥନ ଜଣାଇଥିଲେ। କ୍ରିୟାନୁଷ୍ଠାନ ସମିତି ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା ଓ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ବାଲେଶ୍ୱରରେ କୃଷି ଓ କୃଷକର ଉନ୍ନତି ପାଇଁ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା ଜରୁରୀ ବୋଲି ମତ ଦେଇଥିଲେ। ସଭାକାର୍ଯ୍ୟ ଆରମ୍ଭରେ ପହଲଗାମ ଆକ୍ରମଣରେ ମୃତ ଓ "ଅପରେସନ୍ ସିନ୍ଦୂର'ରେ ସହିଦମାନଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଂପାଦକ ପ୍ରଫୁଲ୍ଲ କୁମାର ଦାସ ସଂପାଦକୀୟ ଓ କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ପାଢ଼ୀ ଆୟବ୍ୟୟର ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ସଂଯୋଜନା କରିଥିଲେ। ବିଶିଷ୍ଟ କୃଷି ବୈଜ୍ଞାନିକ ଡ. ଅଦୈତ୍ୟ କୁମାର ପାତ୍ର, ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଜିଲ୍ଲା କମିଟି, ବିଭିନ୍ନ ଅଞ୍ଚଳ କମିଟି, ବ୍ଲକ କମିଟି ଓ ବିଭିନ୍ନ ସାମାଜିକ ଏବଂ ଗଣସଂଗଠନ ପକ୍ଷରୁ କୁମୁଦ ରଞ୍ଜନ ଗିରି, ଦିଲ୍ଲୀପ ଗିରି, ଡ. ଶ୍ୟାମାପ୍ରସାଦ ଦାସ, ମହେଶ୍ୱର ପଣ୍ଡା, ବିଜୟ ମିଶ୍ର, ଡ. କ୍ଷିତୀଶ୍ୱର ଦାଶ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ମାୟାଧର ନାୟକ, ସୀତାରାମ ପ୍ରଧାନ, ଦାମୋଦର ନାୟକ, ସରସ୍ୱତୀ ପଣ୍ଡା, ନିରଞ୍ଜନ ରାଉତ, ଭାରତୀ ପଣ୍ଡା, ଡ. କାଳିପଦ ପଣ୍ଡା, ହରନାରାୟଣ ମଢୁଆଳ, ଅଜିତ ମହାନ୍ତି, କମଳ ଚକ୍ରବର୍ତ୍ତୀ, ପ୍ରଭାକର ସାହୁ, ଗୋବିନ୍ଦ ଚନ୍ଦ୍ର ଭୋଇ, ରେମୁଣା ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି ଓ ଗୋପବନ୍ଧୁ ମହାପାତ୍ର ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଏହି ସମ୍ମିଳନୀରେ ଆସିଥିବା ବିଭିନ୍ନ ପ୍ରସ୍ତାବକୁ ନେଇ ଜିଲ୍ଲାସ୍ତରରେ ଆଗାମୀ କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି ସଭାପତି ଡ. ପଣ୍ଡା ଘୋଷଣା କରିଥିଲେ। "ଓଡ଼ିଶା ଫଲୋଅପ୍'ର ବାଲେଶ୍ୱର ମୁଖ୍ୟ ବିଶପ୍ ଡି.ବି. ହୃଦୟ ତାଙ୍କ ଅନୁଷ୍ଠାନ ପକ୍ଷରୁ ଅତିଥି ଓ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ ଉଦ୍ୟମକୁ ପ୍ରଶଂସା କରିଥିଲେ। ଜନସଂପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରି ପ୍ରାରମ୍ଭିକ ସୂଚନା ଦେଇଥିଲେ ଓ ଉପସଭାନେତ୍ରୀ ଅପର୍ଣ୍ଣା ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶ୍ୟାମସୁନ୍ଦର ଜେନା, ପ୍ରବୋଧ ପାତ୍ର, କ୍ରିଷ୍ଣା ସାହା, ରୁବି ପରିଡ଼ା, ଦୁଷ୍ମନ୍ତ ଦାସ ଓ ସଂଯୁକ୍ତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ବାତ୍ୟା ଆଶ୍ରୟସ୍ଥଳୀ ମରାମତି ନିମ୍ନମାନର ଅଭିଯୋଗ



ଚନ୍ଦନେଶ୍ୱର, ୮।୬ (ସମିସ): ଭୋଗରାଇ ବ୍ଲକ କାନ୍ଠିଥଭଉଁରୀ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ମରାମତି କାର୍ଯ୍ୟ ଚାଲିଥିବା ବେଳେ ଏହା ନିମ୍ନମାନର କାର୍ଯ୍ୟ ହେଉଛି ବୋଲି ଅଭିଯୋଗ ଆଣିଲେ ପଞ୍ଚାୟତର କିଛି ଲୋକ। କାନ୍ଠିଥଭଉଁରୀ ବହୁମୁଖୀ ବାତ୍ୟାଆଶ୍ରୟସ୍ଥଳୀ ୨୦୧୬ ମସିହାରେ ପୂର୍ବତନ ମନ୍ତ୍ରୀ, ମୁଖ୍ୟ ସଚେତକ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ଏହାକୁ ଉଦଘାଟନ କରିଥିଲେ। ସରକାର ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳୀର ମରାମତି ପାଇଁ ୬ ଲକ୍ଷ ଲେଖାଏଁ ଟଙ୍କା ମଞ୍ଜୁର କରିଛନ୍ତି ! ସେହି ହିସାବରେ କାନ୍ଥଭଉଁରୀ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀକୁ ମଧ ମରାମତି ପାଇଁ ୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏହାର କାର୍ଯ୍ୟାଦେଶ କନିଷ୍ଠ ଯନ୍ତ୍ରୀ ବିଜୟ ରାଉଳଙ୍କ ନାମରେ ରହିଅଛି । ଏହି କାର୍ଯ୍ୟକୁ ବାତ୍ୟା ଆଶ୍ରୟସ୍ଥଳୀର ପରିଚାଳନା କମିଟି ଦ୍ୱାରା ଇଲେକଟ୍ରିକ, ପାଇପ ଲାଇନର ମତାମତି ସହିତ ଆଶ୍ରୟସ୍ଥଳୀର ରଙ୍ଗ ଦେବା କାର୍ଯ୍ୟ ହେଉଥିଲା। ଗତ ଶନିବାର ସକାଳେ ବାତ୍ୟା ଆଶ୍ରୟସ୍ଥଳୀର କାମ ଚାଲିଥିବା ବେଳେ ମରାମତି କାର୍ଯ୍ୟ ନିମ୍ନ ମାନର ହେଉଛି ବୋଲି କିଛି ପଞ୍ଚାୟତର ଲୋକ ଅଭିଯୋଗ ଆଣିବା ସହିତ ସୂଚନା ଫଳକ ଲଗାଯାଇ ନାହିଁ କାହିଁକି ବୋଲି ପ୍ରଶ୍ନ କରିଥିଲେ । ତେଣୁ ସେମାନେ କାମବନ୍ଦ କରିବାକୁ କହିଥିଲେ। ତୁରନ୍ତ ଏହାର ସମାଧାନ ନ ହେଲେ ରବୀନ୍ଦ୍ର ପାତ୍ର, ସତ୍ୟ କୁମାର ସାମଲ, ରାଜକୁମାର ପାତ୍ର, ଅଭିଲାଷ ଦାସ, ଅଜୟ କୁମାର ପ୍ରଧାନ, ନଗେନ୍ଦ୍ର ଭୂୟାଁ, ସଞ୍ଜୟ କୁମାର ଦେ, ପୂର୍ଣ୍ଣ ଚନ୍ଦ୍ର ଭଞ୍ଜ ପ୍ରମୁଖ ଓ ଅନ୍ୟମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ବିପୁଳ ଦେଶୀ ମଦ ଜବତ, ୫ ଗିରଫ

ସୋର, ୮।୬ (ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ କରି ଗୁଡପୋଚ ନଷ୍ଟ କରିବା ସହିତ ବିପୁଳ ପରିମାଣର ଦେଶୀମଦ ଜବତ କରି ପାଞ୍ଚ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗା, ନୀଳଗିରି ରେଞ୍ଜ ଅବକାରୀ ଆଇଆଇସି କେଶବ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ପୁରୁଷୋତ୍ତମପୁର ଗ୍ରାମରେ ଚଢ଼ାଉ କରି ପ୍ରଦୀପ ମଲିକ ନିକଟରୁ ୧୮୦ ଲିଟର ଦେଶୀ ମଦ, ସବିରା ଅଗପଡା ଗ୍ରାମର ଦୁର୍ଯ୍ୟୋଧନ ଶିଅଳ ନିକଟରୁ ୧୫୦ ଲିଟର ଦେଶୀମଦ ଏବଂ ଅସ୍ତଗଡିଆ ଗ୍ରାମର ରଶ୍ମିତା ବାରିକ ନିକଟରୁ ୨୦ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ସେହିପରି ଏହି ଟିମ ସିମୁଳିଆ ଥାନା ବେଗୁନିଆ ଗ୍ରାମରେ ଚଢ଼ଉ କରି ୩ ହଜାର ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୫୫୦ ଲିଟର ଦେଶୀମଦ ଜବତ କରି ଅଭିଯୁକ୍ତ ହରେକୃଷ୍ଣ ଓଝାକୁ ଗିରଫ କରିଥିଲେ ଏବଂ କୁପାରୀ ଗ୍ରାମର ରାଜେଶ ଭୂୟାଁ ନିକଟରୁ ୧୫୦ ଲିଟର ଦେଶୀମଦ ଜବତ କରି ତାକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, ଦେବାଶିଷ ମଲ୍ଲିକ, କାଜଲ ପ୍ରୟାଦର୍ଶିନୀଙ୍କ ସମେତ ନୀଳଗିରି ରେଞ୍ଜ ଅବକାରୀ କର୍ମଚାରୀ ଏବଂ ଖଇରା ଅବକାରୀ କର୍ମଚାରୀ ସାମିଲ ହୋଇଥିଲେ।



# ନୀଳଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସର ବୈଠକ



ନୀଳଗିରି, ୮।୬ (ସମିସ): ରବିବାର ନୀଳଗିରି କଂଗ୍ରେସସ ଭବନରେ ନିର୍ବାଚନମଣ୍ଡଳୀ ସ୍ତରୀୟ ନେତୃବୃନ୍ଦ ମାନଙ୍କୁ ଧରି ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଅଶ୍ୱିନୀ କୁମାର ଦାସ ସଭାପତିତ୍ୱ କରିଥିଲେ। ବୈଠକ ରେ ନୀଳଗିରି ନିର୍ବାଚନମଣ୍ଡଳୀର କଂଗ୍ରେସ ନେତୃବୃନ୍ଦ ଙ୍କୁ ଧରି ସଂଗଠନର କିଭଳି ଅଭିବୃଦ୍ଧି ଘଟିବ ସେ ସଂକ୍ରାନ୍ତରେ ବିଷଦ ଆଲୋଚନା କରାଯାଇଥିଲା । ସର୍ବସମତି କ୍ରମେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଓ ଏନ ଏ ସି କୁ ନେଇ ୫୫ଜଣ ସଦସ୍ୟ ବିଶିଷ୍ଟ କର କମିଟି ଗଠନ କରାଯିବ ବୋଲି ସ୍ଥିରୀକୃତ କରାଯାଇଥିଲା। ଜରୁରୀ କାଳୀନ ନିଷ୍ପତ୍ତି ପାଇଁ ସେମାଙ୍କ ମଧ୍ୟରୁ ୧୧ଜାଣିଆ କାର୍ଯ୍ୟକାରି କମିଟି କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ ଯୁବ ନେତା ତପନ କୁମାର ରାଉତ, ଯୁଗେଶ୍ୱର ବେହେରା, ସୁରେନ୍ଦ୍ର ଦାସ, କାର୍ତିକ ଚନ୍ଦ୍ର ପଶା, ଅଶ୍ୱନି ପାତ୍ର, ଯଶୋଦାନନ୍ଦନ ସିଂହ, ଭାଗିରଥି ବେହେରା, ବାସୁଦେବ ପାତ୍ର, ଉମେଶ ଚନ୍ଦ୍ର ଧଳ, ମାୟାଧର ସିଂ, ରଞ୍ଜିତ ପ୍ରଧାନ, ମଧୁସୂଦନ ଦାସ, ଶଶିକାନ୍ତ ବେହେରା, ପିତାମ୍ବର ସିଂ, ସତ୍ୟବାନ ମଢେଇ, ଜୟକୃଷ୍ଣ ପଣ୍ଡା, ରବୀନ୍ଦ୍ର ନାୟକ, ଭବାନୀ ଶଙ୍କର ପଣ୍ଡା, ପ୍ରଦୀପ ବେହେରା, ପତିତପାବନ ଦାସ, ସୂର୍ଯ୍ୟ କାନ୍ତ ଦାସ, ସୁଧାରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। କୁନି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଇଦ୍-ଉଲ-ଜୁହା ଅବସରରେ ଆଖଡ଼ା ଖେଳ

ବାଲେଶ୍ୱର, ୮।୬(ସମିସ): ଇସଲାମ ଧର୍ମବଲମ୍ବୀ ଜନସାଧାରଣ ଇଦ ଉଲ ଜୁହା ପର୍ବ ବା ବଳିଦାନ ପର୍ବକୁ ଧାର୍ମିକ ପରିବେଶ ମଧ୍ୟରେ ପାଳନ କରିଥିବା ବେଳେ ଆଜି ନମ୍ବର ପ୍ରଦାନ କରାଯାଇଥିଲା। ଇଦ ଉଲ ଜୁହା ପର୍ବ ଓ ଆଖଡ଼ା ଖେଳ ପ୍ରଦର୍ଶନ ପାଇଁ ମୋଟ ତେର ପ୍ଲାଟୁନ ପୋଲିସ ଫୋର୍ସ ସହରର ସମ୍ବେଦନଶୀଳ ଅଞ୍ଚଳରେ



ସାହି ବସ୍ତିରୁ ଆଖଡ଼ା ଖେଳ ବାହାରି ରାତି ବାରଟା ସୁଦ୍ଧା ଗୋଳା ପୋଖରୀ ନିକଟବର୍ତ୍ତୀ ପଡିଆରେ ପହଂଚିଥିଲେ। ମୁଖ୍ୟତଃ ପୋର୍ଟ ରୋଡ, ଖପରପଦା, ସୁନହଟ, ସୁଇଲପୁର, ମାଣିଖମ୍ବ, ଗଳା ପୋଲ ଆଦି ଅଂଚଳରୁ ସର୍ଦ୍ଦାର ମାନଙ୍କ ନେତୃତ୍ୱରେ ଆଖଡ଼ା ଦଳ ଗୁଡିକ ଶାନ୍ତି ଶୃଙ୍ଖଳାର ସହ ବାଡ଼ି ଖେଳ ପ୍ରଦର୍ଶନ କରି ଦରଘା ମୈଦାନ ପର୍ଯ୍ୟନ୍ତ ଆସିଥିଲେ। ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଆଖଡ଼ା ଦଳକୁ ପଞ୍ଜିକରଣ କରାଯାଇ ମୁତୟନ କରାଯାଇଛି। ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏସପି ରାଜ ପ୍ରସାଦ ଗୋଳା ପୋଖରୀର ଅସ୍ଥାୟୀ ପୋଲିସ କ୍ୟାମ୍ପର ନିୟନ୍ତ୍ରଣ କକ୍ଷରେ ଉପସ୍ଥିତ ରହି ଆଖଡ଼ା ଦଳ ଗୁଡିକୁ ନିୟନ୍ତ୍ରଣ କରୁଥିବା ଲକ୍ଷ୍ୟ କରାଯାଇଥିଲା। ଅତିରିକ୍ତ ଏସ ପି ନିରଞ୍ଜନ ବେହେରା ଓ ଦେବଜ୍ୟୋତି ଦାସ, ସଦର ଏସ୍‌ଡିପିଓ, ସିଟି ଡିଏସପି, ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ ଉପସ୍ଥିତ ରହିଥିଲେ।

# ଅଟୋ-ବାଇକ ଧକ୍କା, ଦୁଇ ଗୁରୁତର

ନୀଳଗିରି, ୮।୬ (ସମିସ): ରବିବାର ରାତି ପ୍ରାୟ ୮ ଘଟିକା ସମୟରେ ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଔପଦା ବ୍ଲକ ବାଉଁଶବଣିଆ ଗ୍ରାମର ଶଙ୍କର୍ଷଣ ଦାସଙ୍କ ପୁଅ ବୀରେନ୍ଦ୍ର ଦାସ (୨୮)ଏବଂ ପ୍ରଭାକର ସାହୁଙ୍କ ପୁଅ ବିଶ୍ୱଜିତ ସାହୁ(୩୩) ଶେରଗଡ଼ ଛକରୁ ମାଛ ନେଇ ନୀଳଗିରି ଅଭିମୁଖେ ଆସୁଥିବା ବେଳେ ସିମୁଳିଆ ଛକ ନିକଟରେ ବିପରୀତ ଦିଗରୁ ଶେରଗଡ଼ ଅଭିମୁଖେ ଯାଉଥିବା ଏକ ଅଟୋ ଟି ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ବାଇକ ଆରୋହୀ ଓ ସହଯୋଗୀ ରାସ୍ତାରେ ପଡ଼ି ଜୀବନ ସହ ସଂଗ୍ରାମ କରୁଥିବା ବେଳେ ନୀଳଗିରି ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ନେଇ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ ।

ଏଥିରେ ଉଭୟଙ୍କ ଗୋଡ଼ ଭାଙ୍ଗିଯିବା ସହିତ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅବସ୍ଥା ଉଦବେଗଜନକ ଥିବାରୁ ବାଲେଶ୍ୱର ବଡ଼ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଅପରପକ୍ଷରେ ଦୁର୍ଘଟଣା ଘଟାଇ ଥିବା ଅଜଣା ଅଟୋକୁ ପୁଲିସ ପରେ ଧରିବା ସହିତ ଡ୍ରାଇଭରକୁ ଅଟକ ରଖିଛି।

# ସୋହରିଆ ପଞ୍ଚାୟତରେ ବିଜେଡିର ସାଂଗଠନିକ ବୈଠକ

ଭୋଗରାଇ, ୮।୬ (ସମିସ)





ବିଧାନସଭା ନିର୍ବାଚନକୁ ବର୍ଷେ ପୂରିଛି, ମାତ୍ର କ୍ଷମତାକୁ ଆସିଥିବା ନୂଆ ସରକାର କିଛି ନୂତନ କାର୍ଯ୍ୟ ନ କରି ପୂର୍ବ ସରକାରର ପ୍ରକଳ୍ପ ଗୁଡ଼ିକୁ କେବଳ ରଙ୍ଗ ମାରି କିମ୍ବା ଫିତା କାଟି ଉଦଘାଟନ କରୁଛନ୍ତି। ରାଜ୍ୟରେ ଏକ ଅପାରଗ ଓ ଅପଦାର୍ଥ ସରକାର ଚାଲିଛି। ତେବେ ସରକାରଙ୍କ ସ୍ଥାଣୁତା ସତ୍ତ୍ୱେ ବର୍ଷକ ଭିତରେ ଆମେ ଭୋଗରାଇରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହୋଇଛି। ତେଣୁ ତୃଣମୂଳ ସ୍ତରରୁ ସଙ୍ଗଠିତ ହୋଇ ଲୋକଙ୍କର ସେବା ଆହୁରି ଅଧିକ ସେବା କରିବା ପାଇଁ ପଡ଼ିବ। ବିଜେଡି ପ୍ରତି ଲୋକଙ୍କ ବିଶ୍ୱାସର ଧାରାକୁ ବଜାୟ ରଖିବାକୁ ପଡ଼ିବ ବୋଲି ଭୋଗରାଇ ନିର୍ବାଚନ ମଣ୍ଡଳୀ ର ସୋହରିଆ ପଞ୍ଚାୟତ ରେ ବିଜୁ ଜନତାଦଳ ପକ୍ଷରୁ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ଯୋଗ ଦେଇ ବିଧାୟକ ଗୌତମବୁଦ୍ଧ ଦାସ ଦଳର କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ସରପଂଚ ତଥା ସୋହରିଆ ପଞ୍ଚାୟତର ବିଜେଡି ସ୍ଥାୟୀ ସଭାପତି ସର୍ବେଶ୍ୱର ପ୍ରଧାନ ସଭାପତିତ୍ୱ କରିଥିଲା ବେଳେ ବିଶିଷ୍ଟ ଶିକ୍ଷାବିତ ସୁବାସ ଚନ୍ଦ୍ର ଦେ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭୋଗରାଇ ବିଧାୟକ ଶ୍ରୀ ଦାସ, ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସମ୍ମାନୀତ ଅତିଥି, ୩୪ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ମହାନ୍ତି,ସରପଂଚ ଜଗନ୍ନାଥ ସେଠୀ, ସମିତି ସଭ୍ୟା ସବିତା ସାହୁ, ହରିହର ମଣ୍ଡଳ, ବିଜେଡି ଯୁବ ନେତା ସନ୍ତୋଷ ସାସମଲ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ସାଙ୍ଗଠନିକ ବୈଠକରେ ପଞ୍ଚାୟତର ବିଜେଡିର ନବଗଠିତ ପରିଚାଳନା କମିଟି ସଭ୍ୟ ଓ ସଭ୍ୟା ଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ ସର୍ବେଶ୍ୱର ପ୍ରଧାନ, ଉପସଭାପତି ସରୋଜ କୁମାର ବେହେରା, ସମ୍ପାଦକ ହରିହର ମଣ୍ଡଳ, ସହ ସମ୍ପାଦକ ସୁବାଷ ଚନ୍ଦ୍ର ଦେ, କୋଷାଧ୍ୟକ୍ଷ ଭବାନୀଶଙ୍କର ଆଧେକ,ସହ କୋଷାଧ୍ୟକ୍ଷ ଅନିଲ ସାହୁ, ଯୁବ ସଭାପତି ସୁଶିଲ୍ ଦତ୍ତ, ଉପସଭାପତି ହିମାଂଶୁ ଶେଖର ଦାସ,,ଇଶାନ ଗିରି, ମହିଳା ସଭାନେତ୍ରୀ ମଧୁସ୍ମିତା ସେଠୀ,ଉପ ସଭାନେତ୍ରୀ ଗୀତାଞ୍ଜଳି ପଣ୍ଡା, ଯଷ୍ଟୀପ୍ରିୟା ସେଠୀ,ମାନବୀ ବେଜ, ରେଖା ରାଣୀ ପ୍ରଧାନ, ଗୀତା ରାଣୀ ଦତ୍ତ, ପୁଷ୍ପାଞ୍ଜଳି ଦାସ, ଫୁଲେଶ୍ୱରୀ ଦାସଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜେଡିର ରାଜ୍ୟ ସାଧାରଣ ସଂପାଦକ ଭାବେ ବିଧାୟକ ଗୌତମ ବୁଦ୍ଧ ଦାସଙ୍କୁ ଦାୟିତ୍ୱ ନେଇଥିବାରୁ ତାଙ୍କୁ ମଧ ସୋହରିଆ ପଞ୍ଚାୟତ ପକ୍ଷରୁ ଫୁଲ ଗୁଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବୈଠକକୁ ଅମିତ ବେହେରା, ମାଧବ ପ୍ରଧାନ, ମୋନାଲିସା ଦେ, ରାମକୃଷ୍ଣ ପ୍ରଧାନ, ମାଳତୀ ସେଠୀ, ବାସନ୍ତୀ ବେଜ, ପୁଲିନ ବେହେରା, ମହେଶ୍ୱର ବେହେରା, ପରିଚାଳନା କରିଥିଲେ। ସୁଶିଲ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ କର୍ମଶାଳା

ଜଳେଶ୍ୱର, ୮।୬ (ସମିସ) : କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତି ଉପଲକ୍ଷେ ଜିଲ୍ଲା ସ୍ତରୀୟ କର୍ମଶାଳା ଜଳେଶ୍ୱର ସ୍ଥିତ ଇସ୍କନ ମନ୍ଦିରର ବ୍ଲକ କୃଷ୍ଣନଗରସ୍ଥିତ ଇସ୍କ ସମ୍ମିଳନୀ କକ୍ଷରେ ଭାରତ ରତୀୟ ଜନତା ପାର୍ଟି, ବାଲେଶ୍ୱର (ଉତ୍ତର) ପକ୍ଷରୁ ଉତ୍ତର ବାଲେଶ୍ୱର ସାଂଗଠନିକ ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇଥିଲେ। ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜଳେଶ୍ୱର ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ବସ୍ତା ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ଭୋଗରାଇ ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରାର୍ଥୀ ଆଶିଷ କୁମାର ପାତ୍ର ଉପସ୍ଥିତ ଥିଲେ।

# ହସ୍ପିଟାଲ ପରିସରରୁ ବାଇକ୍ ଚୋରି

ବାରିପଦା, ୮।୬(ସମିସ): ସ୍ଥାନୀୟ ପିଆରଏମ ହସ୍ପିଟାଲ ପରିସରରୁ ବାଇକ୍ ଚୋରି ହୋଇଛି। ଏନେଇ ରାଗଧା ଅଞ୍ଚଳର ବାଦଲ ବିନ୍ଧାଣି ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ମାଆ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେ ପାର୍କିଂସ୍ଥଳରେ ବାଇକ ରଖି ହସ୍ପିଟାଲରେ ଥିଲେ। ତେବେ ଫେରି ଦେଖିବା ବେଳକୁ ବାଇକ ନଥିଲା। ବହୁ ଖୋଜାଖୋଜି ପରେ ମଧ ନପାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

# ତମ୍ପୋ ବାଲିଘାଟ ବିରୋଧରେ ମେଳି; ଲିଜ୍ ବାତିଲ ଦାବି




ରାମଚନ୍ଦ୍ରପୁର,୮।୬(ସମିସ): ଘଷିପୁରା ବ୍ଲକ ଅନ୍ତର୍ଗତ ବାତୋ ପଞ୍ଚାୟତ ତମ୍ପୋ ବୈତରଣୀ ବାଲିଘାଟକୁ ପ୍ରଶାସନ ଏକତରଫା ଲିଜ ଦେବାକୁ ନେଇ ସ୍ୱର ଉତ୍ତୋଳନ ହେଉଛି। ରବିବାର ବାତୋ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ସଚେତନ ନାଗରିକ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିବାଦ ସଭାରେ କ୍ଷତିଗ୍ରସ୍ତ ହେବାକୁଥିବା ବାତୋ ପଞ୍ଚାୟତର ଅତା ପୁଟିଆ ଉଲ୍ଲଳ, ଅଞ୍ଜିରା, ଗୋଡ଼ିଉପର, ପରମାନନ୍ଦପୁର, ତମ୍ପୋ, ବାତୋ, ମଧୁକେଶରୀ, ପଞ୍ଚରା, ପଣ୍ଡୁଆ, ସାଇକୁଳ ଏବଂ ଶାଳଦେଇ ଓ ତରୁଆଁ ପଞ୍ଚାୟତର ବହୁ ସଚେତନ ନାଗରିକ ଏବଂ ମହିଳା ଯୋଗ ଦେଇଥିଲେ। ଯଦି ବାଲିଘାଟ ଏହି ରାସ୍ତା ଦେଇ ଚାଲେ ସ୍ଥାନୀୟ ଲୋକ ନାନାଦି ଅସୁବିଧାର ସମ୍ମୁଖୀନ ହେବେ। ଏହି ଅଞ୍ଚଳରେ ୧୦ରୁ ଅଧିକ ଶିକ୍ଷାନୁଷ୍ଠାନ, ୨ଟି କଲେଜ, ୨ଟି ମେଡିକାଲ, ୨ଟି ସାପ୍ତାହିକ ହାଟ ମଧ ରହିଛି। ଏହି ଦୃଷ୍ଟିରୁ ବାଲିଘାଟ ଲିଜ୍‌କୁ ବାତିଲ ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱର ଉତ୍ତୋଳନ କରାଯିବା ସହ ବୈତରଣୀ ନଦୀବନ୍ଧ ନିକଟରେ ନିର୍ମାଣାଧୀନ ପୋଲଟି କ୍ଷତିଗ୍ରସ୍ତ ହେବା ଆଶଙ୍କା କରାଯାଇଛି। କୌଣସି ପରିସ୍ଥିତିରେ ଏଠାରେ ବାଲି ଉଠାଣ ହୋଇପାରିବ ନାହିଁ ବୋଲି ମତ ପ୍ରକାଶ ପାଇଛି। ବୈଠକରେ ବିଜେପି ନେତା ପୃଥ୍ୱୀରାଜ କୁଅଁର, ବାତୋ ପଞ୍ଚାୟତ କଂଗ୍ରେସ ସଭାପତି ବଲ୍ଲଭ ସାହୁ, ସମାଜସେବୀ ଭାସ୍କର ବୋଇତେଇ, ନେତା ପ୍ରଫୁଲ୍ଲ ବେହେରା, କଂଗ୍ରେସ ନେତା ଦିଲ୍ଲୀପ ରାଉତ, କୁଳମଣି ଜେନା, ଦିଲ୍ଲୀପ ସାହୁ, ହରିହର ବୋଇତେଇ, ବସନ୍ତ ଚକ୍ର, ରବୀନ୍ଦ୍ର ପଣ୍ଡା, ଦେବକୀ ଜେନା, ଯମୁନା ଜେନା, ଆକାଶ ନାଥ, ସଜନୀ ସାହୁ, ବିଷ୍ଣୁମୋହନ ପାଗଳ, ଅଲେଖଚନ୍ଦ୍ର ରାଉତଙ୍କ ସମେତ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

# ବେଆଇନ ବାଲି ଉଠାଣକୁ ତୀବ୍ର ବିରୋଧ

କୁଆମରା,୮।୬(ସମିସ): ବର୍ଷ ତମାମ ପ୍ରବାହିତ ସୋନ ନଦୀରୁ ବେଆଇନ ବାଲି ଚାଲାଣ ହେଉଛି। ବାଲି ମାଫିଆ ବାଲି ଉଠାଣ କରି ବାହାରକୁ ଚାଲାଣ କରୁଛନ୍ତି। ଏପ୍ରିଲରୁ ଜୁନ ମଧ୍ୟରେ ତିନି ମାସ ଧରି ଦିନ ରାତି ବାଲିଚାଲାଣ ହେଉଥିଲେ ମଧ ଖଣି ବିଭାଗ ଆଖି ବୁଜିଆ ପଦକ୍ଷେପ ନନେବା ଅଞ୍ଚଳବାସୀଙ୍କ ପାଇଁ ଅସନ୍ତୋଷର କାରଣ ପାଲଟିଛି। ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ସୋନ ନଦୀରୁ ଜୟପୁର, ସାଇଁକୁଳା, ବରଡିହି ତିନୋଟି ପଞ୍ଚାୟତର ୧୦ ରୁ ୧୨ଟି ସ୍ଥାନରୁ ବାଲି ଉଠୁଛି। ତେବେ ଆଜି ଜୟପୁରରେ ଏକ ଜେସିବି ଦ୍ୱାରା ବାଲିଚାଲାଣ କରୁଥିବା ବେଳେ ସ୍ଥାନୀୟ ଗ୍ରାମର ମହିଳା ଓ ପୁରୁଷ ଏକାଠି ହୋଇ ବିରୋଧ କରିଥିଲେ। ଫଳରେ ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ପ୍ରକାଶ ପାଇଥିଲା। ତେବେ ନୂଆ ଗାଁରେ ସରକାରଙ୍କ ପକ୍ଷରୁ ବାଲିଘାଟ ନିଲାମ ହୋଇଥିବା ବେଳେ ଲିଜ ଧରି ନୂଆଗାଁ ଠାରୁ ବାଲି ଉଠାଣ କରି ଆସୁଥିଲେ। ସେ ସ୍ଥାନରୁ ବାଲି କମିଯିବା ପରେ ଧିରେ ଧିରେ ଜୟପୁର ମୁହାଁ ହୋଇଥିଲେ। ତେବେ ଆଜି ଗ୍ରାମ ଲୋକେ ପହଞ୍ଚି ବାଲି ଉଠାଣ କରିବାକୁ ଦେଇନଥିଲେ ଓ ଥାନାକୁ ଖବର ଦେଇଥିଲେ। ଏଘଟଣାରେ ଉଦଳା ଥାନା ଆଇଆଇସି ବନମାଳୀ ବାରିକ ସଦଳବଳେ ପହଞ୍ଚି ଜେସିବିକୁ ଜବତ କରିବା ସହ ଘଟଣା ଉପରେ ତଦନ୍ତ କରିଥିଲେ। ତେବେ




ଆସନ୍ତାକାଲି ଉକ୍ତ ବିବାଦୀୟ ସ୍ଥାନ କୁ ମାପ କରାଯିବା ପରେ ଉପଯୁକ୍ତ ପଦକ୍ଷେପ ନିଆ ଯିବ ବୋଲି ଆଇ ଆଇ ସି ଶ୍ରୀ ବାରିକ୍ କହିଛନ୍ତି।

# ମିଶନ 'ଅୱା ମୂତିଡ ୱାରାଙ୍ଗଚିତି' ଉଦ୍‌ଘାଟିତ



ଶରତ,୮।୬(ସମିସ): ହୋ' ଭାଷା ଶିକ୍ଷା ପରିଷଦ, ଠାକୁରମୁଣ୍ଡା, ଓଡ଼ିଶା ଆନୁକୂଲ୍ୟରେ ପରିଚାଳିତ ହୋ ଭାଷା ୱାରାଙ୍ଗଚିତି ବାର୍ଷିକ ପରୀକ୍ଷାର ଶେଷ ଦିବସରେ ଶିକ୍ଷା ପରିଷଦ ଅଧୀନସ୍ଥ ବିଦ୍ୟାଳୟମାନଙ୍କରେ ଏକାସଙ୍ଗେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ଏହି ମିଶନ ୱାରାଙ୍ଗଚିତି (ଘରେ ଘରେ ୱାରାଙ୍ଗଚିତି) ଅଭିଯାନ ଦେୱାନବାହାଲି ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷା ପରିଷଦର ଅଧ୍ୟକ୍ଷ ଦିବାକର ସୟଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଉତ୍ସବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ମିଶନ ଫିତାକାଟି ଉଦଘାଟନ କରିଛନ୍ତି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀ ହାଇବୁରୁ ଘରେ ଘରେ କୋଣ ଅନୁକୋଣରେ ସମସ୍ତଙ୍କ ପାଖରେ ୱାରାଙ୍ଗଚିତି ଲିପି ପହଞ୍ଚାଇବା ପାଇଁ ହୋ ସମ୍ପ୍ରଦାୟର ଲୋକଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଶିକ୍ଷା ପରିଷଦର ପ୍ରତିଷ୍ଠା ଦିବସ ଆସନ୍ତା ସେପ୍ଟେମ୍ବର ୨୫ ତାରିଖରେ ଠାକୁରମୁଣ୍ଡାରେ ଉଦଯାପିତ ହେବ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଉପଦେଷ୍ଟା କାଇରା ସିଂ ବାନ୍ଦିଆ, ଶରତ ସରପଞ୍ଚ ପଦ୍ମାବତୀ ସିଂ, ଦେୱାନବାହାଲି ସରପଞ୍ଚ ଲକ୍ଷ୍ମୀପ୍ରିୟା ସିଂ, ସମିତି ସଭ୍ୟ ଶିବ ପ୍ରସାଦ ନାଏକ, ବାଗୁନ ଜାରିକା, ସୁରେନ୍ଦ୍ର ବାଙ୍କିରା, ବିଙ୍ଗ ବିକ୍ରମ ବିରୁଲି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏଟେଃ ତୁର୍ତିଂ ଇତୁନ ମଣ୍ଡନ, ଦେୱାନବାହାଲିର ଶିକ୍ଷୟିତ୍ରୀ ସରୋଜିନୀ ଶୁଣ୍ଡି ପରିଚାଳନା କରିଥିଲେ।

# ଶ୍ରୀ ସୋସାଇଟିକୁ ପ୍ରକୃତି ମିତ୍ର ପୁରସ୍କାର



ଠାକୁରମୁଣ୍ଡା,୮।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଧୀନ ଶ୍ରୀ ସୋସାଇଟିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାର-୨୦୨୫ରେ ସମ୍ମାନିତ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଜୁନ ମାସ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ କୃଷି ଶିକ୍ଷା ସଦନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖଙ୍କ ସହିତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଠାକୁରମୁଣ୍ଡା ଶ୍ରୀ ସୋସାଇଟିର ସହ ସମ୍ପାଦକ ସୁବ୍ରତ କୁମାର ନାୟକଙ୍କୁ ମାନପତ୍ର ଓ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଶ୍ରୀ ସୋସାଇଟିର ସହ ସମ୍ପାଦକ ଶ୍ରୀ ନାୟକ ପ୍ରକୃତି ବନ୍ଧୁ ବର୍ଷ ତମାମ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି। ଅନୁଷ୍ଠାନର ସଭ୍ୟ ସଭ୍ୟାଙ୍କୁ ନେଇ ଚାରାରୋପଣ, ବନାଗ୍ନି ରୋକିବା, ନିଶାଦ୍ରବ୍ୟ ସେବନ ନ କରିବା, ପ୍ଲାଷ୍ଟିକ ବ୍ୟବହାର ନକରିବା, ବିଭିନ୍ନ ସ୍କୁଲ, କଲେଜ ଏବଂ ବ୍ଲକସ୍ତରୀୟ ଯୋଗ ଶିବିର ଆୟୋଜନ କରି ଯୋଗ ଶିକ୍ଷା ଦେଇଥାନ୍ତି। ଚଳିତ ବର୍ଷ ଶ୍ରୀ ସୋସାଇଟିକୁ ପ୍ରକୃତ ମିତ୍ର ପୁରସ୍କାର ମିଳିଥିବାରୁ, ପରିଚାଳନା କମିଟିର ସଭ୍ୟ ସଭ୍ୟା ଏବଂ ଠାକୁରମୁଣ୍ଡା ଅଞ୍ଚଳର ପ୍ରକୃତି ପ୍ରେମୀ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି।

# ବିଜେପି ନେତା ଶେଖର ମାଝୀଙ୍କ ପରଲୋକ

ରାଇରଙ୍ଗପୁର,୮।୬(ସମିସ): ରାଇରଙ୍ଗପୁର ପୌରପରିଷଦର ବରିଷ୍ଠ ବିଜେପି ନେତା ତଥା ସମାଜସେବୀ ଶେଖର ମାଝୀ(୬୫)ଙ୍କ ଶନିବାର ସକାଳେ ପରଲୋକ ଘଟିଛି। ଆଦିବାସୀ ସମ୍ପ୍ରଦାୟର ଜଣେ ପୁରୁଖାନେତା ତଥା ସମାଜସେବୀ ଭାବେ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ।



ତାଙ୍କ ମୃତ୍ୟୁ ଖବର ପାଇ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ ଶୋକପ୍ରକାଶ କରିବା ସହିତ ତାଙ୍କ ପ୍ରତିନିଧି ତଥା ବିଜେପିର ରାଜ୍ୟ ସମ୍ପାଦକ ନବୀନ ରାମଙ୍କୁ ଶେଷକୃତ୍ୟ କାର୍ଯ୍ୟରେ ଯୋଗଦେବାକୁ ପଠାଇଥିଲେ। ରାଇରଙ୍ଗପୁରର ପୂର୍ବତନ ବିଧାୟକ ଶ୍ୟାମଚରଣ ହାଁସଦା, ପ୍ରହଲ୍ଲାଦ ପୂର୍ତ୍ତି, ଜେଏମ୍‌ଏମ୍ ନେତା ସୁନିଲ ମାଝୀ, ସାଲୁ କିସ୍କୁଙ୍କ ସମେତ ଦଳମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର ନେତୃବର୍ଗ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ନିର୍ବାଚିତ ଓକିଲ ସଂଘର କର୍ମକର୍ତ୍ତା ସମ୍ମିଳନୀ

କରଞ୍ଜିଆ,୮।୬(ସମିସ): କରଞ୍ଜିଆ ଓକିଲ ସଂଘର ସଭାପତି ମଦନ ମହନ ମହାନ୍ତ ଓ ସମ୍ପାଦକ ସରୋଜ ରାଉଳଙ୍କ ସମେତ ରାଜ୍ୟରୁ ନିର୍ବାଚିତ ଓକିଲ ସଂଘର କର୍ମକର୍ତ୍ତାମାନେ ଭୁବନେଶ୍ୱରସ୍ଥିତ କଳିଙ୍ଗ



କନଭେନସନରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହିତ ସାକ୍ଷାତକରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ରାଜ୍ୟ ବିଜେପି ପକ୍ଷରୁ ମଦନ ମହାନ୍ତ ଓ ସରୋଜ ରାଉଳଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମ୍ମାନିତ କରାଯାଇଥିଲା। ମନ୍ତ୍ରୀଙ୍କ ସହିତ ଆଲୋଚନାରେ ରାଜ୍ୟରେ ଥିବା ଗରୀବ ଭୂମିହୀନ ଲୋକଙ୍କୁ ୪ଡେସିମିଲ ଲେଖାଏ ଜମି ବଣ୍ଟନ କରାଯିବ, ଏଥିରେ ନାମକୁ ମାତ୍ର ଥିବା ଏକ, ଦୁଇ ଡେସିମିଲ ଜମି ଥିବା ଲୋକ ମଧ ଉପକୃତ ହେବେ। ପୂର୍ବରୁ ଜମି ପାଇଁ ବିକ୍ରି କରିଥିବା ଲୋକ ଏହି ସୁଯୋଗ ପାଇବେ ନାହିଁ। ଜମି ଜମା କିଣା ବିକ୍ରି କରିବା ବ୍ୟବସ୍ଥାରେ ମଧ ପରିବର୍ତ୍ତନ କରାଯାଇଛି ବୋଲି ମନ୍ତ୍ରୀ ଘୋଷଣା କରିଥିଲେ। ଜମିବାଡ଼ି ବିକ୍ରି କ୍ଷେତ୍ରରେ ବାଇ ପ୍ଲଟ ଜମି ବିକ୍ରି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ଜମି ମାଲିକ ତାର ଗୋଟିଏ ପ୍ଲଟରେ ଥିବା ଜମିକୁ ସେ ଏବେ ବିକ୍ରି କରିପାରିବ। କରଞ୍ଜିଆରେ ଜେଏମ୍‌ଏଫସି କୋର୍ଟର ନ୍ୟାୟିକ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇ ଏଠାରେ ଥିବା କୋର୍ଟକୁ ବିଭିନ୍ନ ମାମଲାରେ ନିଷ୍ପତ୍ତି ଗ୍ରହଣ କରିବାକୁ କ୍ଷମତା ପ୍ରଦାନ କରାଯିବାକୁ ସଂଘ ତରଫରୁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଏଥିରେ ମଧ ଲୋକଙ୍କୁ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ଓକିଲମାନେ ପ୍ରକାଶ କରିଥିଲେ। ଲୋକଙ୍କ ସୁବିଧା ପାଇଁ ମନ୍ତ୍ରୀ ଗ୍ରହଣ କରିଥିବା ପଦକ୍ଷେପକୁ ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି ବୋଲି ଆଡଭୋକେଟ ମଦନ ମୋହନ ମହାନ୍ତ ପ୍ରକାଶ କରିଛନ୍ତି।

■ କୁମ୍ଭୀର୍ଦା କିଚକେଶ୍ୱରୀ ଉଚ୍ଚ ବିଦ୍ୟାଳୟ

# ସ୍ମୃତି ବାଣ୍ଟିଲେ ପୁରାତନ ଛାତ୍ରଛାତ୍ରୀ

ଖୁଣ୍ଟିଂ,୮।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ କିଚକେଶ୍ୱରୀ ଉଚ୍ଚ ବିଦ୍ୟାଳୟ କୁମ୍ଭୀର୍ଦାର ମାଟ୍ରିକ ୧୯୮୧ ବ୍ୟାଚର



ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସେବା ନିବୃତ୍ତ ସହସଚିବ ରୋହିତାଶ୍ୱ ନାଏକଙ୍କ ସଭାପତିତ୍ୱରେ ଖୁଣ୍ଟିଂସ୍ଥିତ କଲ୍ୟାଣମଣ୍ଡପ ପରିସରରେ ସଭା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ବେହେରା ଏବଂ ସମ୍ମାନିତ ଅତିଥି ଭାବେ ବିଜ୍ଞାନ ଶିକ୍ଷକ କାଶୀନାଥ ମହାନ୍ତ, କଳା ଶିକ୍ଷକ ପଦ୍ମଲୋଚନ ବାରିକ ଓ ଲାଲମୋହନ ମହାନ୍ତ, ସଂସ୍କୃତ ଶିକ୍ଷକ ବସନ୍ତ ବୈଦ୍ୟ, କ୍ରୀଡ଼ା ଶିକ୍ଷକ ତ୍ରିଲୋଚନ ଗିରି, ଅଣଶିକ୍ଷା କର୍ମଚାରୀ ଭକ୍ତବନ୍ଧୁ ଦେଓ, ମିତ୍ରଭାନୁ ବେହେରା ସମେତ ପୂର୍ବତନ ବରିଷ୍ଠ ଛାତ୍ର ବଳଭଦ୍ର ଘଡ଼ାଇ, ସହଦେବ ମୁଣ୍ଡା ଓ ମହେଶ୍ୱର ବେହେରା ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଶୁଭାରମ୍ଭ କରିବା ପରେ ଦିବଂଗତ ପୂର୍ବତନ ଶିକ୍ଷକ ଓ ଛାତ୍ରଙ୍କ ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ପହଲଗାମରେ ଘଟିଥିବା ବର୍ବର ହତ୍ୟାକାଣ୍ଡରେ ସହିଦଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଅପରେସନ ସିନ୍ଦୂରକୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ର ତଥା ଅତିରିକ୍ତ ଅବସରପ୍ରାପ୍ତ ଏବିଓ ରତ୍ନାକର ମହାନ୍ତ, ପ୍ରାକ୍ତନ ପ୍ରଧାନଶିକ୍ଷକ ନରୋତ୍ତମ ମହାନ୍ତ, ଶିକ୍ଷକ ସୁରେଶ କୁମାର ନାଏକ, ନିର୍ମଳ ଚନ୍ଦ୍ର ସି, ତ୍ରିଲୋଚନ ମହାନ୍ତ, ଲକ୍ଷ୍ମୀ ନାୟକ, ଜ୍ୟୋସ୍ନାରାଣୀ ମିଶ୍ର ତ୍ରିଲୋଚନ ଟୁଙ୍ଗ ପ୍ରମୁଖ ପରିଚାଳନା କରିଥିଲେ।

# ପାଣିରେ ବୁଡ଼ି ନାବାଳକ ମୃତ

କୁଆମରା, ୮।୬(ସମିସ): ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ନହରା ଗ୍ରାମର ଜଣେ ଶିଶୁପୁତ୍ର ରାସ ସିଂଙ୍କ ପୁଅ ଶିବ (୮) ପାଣିରେ ବୁଡ଼ି ଯାଇ ପ୍ରାଣ ହରାଇଛି। ଗ୍ରାମ ନିକଟସ୍ଥ ଏକ ବନ୍ଧ ନିକଟରେ ଆଜି ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶିବ ସେଠାରେ ଖେଳୁଥିବା ଅବସ୍ଥାରେ ବନ୍ଧର ପାଣି ମଧକୁ ପଶି ଯାଇ ଆଉ ବାହାରି ପାରି ନଥିଲା। ତାଙ୍କ ଭଉଣୀ ତାକୁ ପାଣିରେ ଦେଖି ଲୋକଙ୍କୁ ଡାକିଥିଲେ। ଶିବକୁ ପାଣି ମଧ୍ୟରୁ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ପୁଲିସ ଏଏସ୍ଆଇ ସବ୍ୟସାଚୀ ସାମଲ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି।

# ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ଶୁଳିଆପଦା,୮।୬(ସମିସ): କୃଷି ଓ କୃଷକ ସଶକ୍ତକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ଶ୍ୟାମାଖୁଣ୍ଟାର ମିଳିତ ସହଯୋଗରେ ଶୁଳିଆପଦା ବ୍ଲକ୍, କାଣିମହୁଲି ପଞ୍ଚାୟତ ଅଧୀନ କାଣିମହୁଲି ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କୃଷି ଅଧିକାରିଣୀ ଜୁନ୍ମୟୀ ମହାନ୍ତିଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମରେ ଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ଝୁନିଲତା ଭୂୟାଁ, ମୟୂରଭଞ୍ଜ ଅତିରିକ୍ତ ନିର୍ଦ୍ଦେଶିକା ଜଳଛାୟା ପ୍ରକଳ୍ପ, ମନସ୍ୱିନୀ ସାହୁ, ସହକାରୀ ଉଦ୍ୟାନ କୃଷି ଅଧିକାରୀ, ସଞ୍ଜୀବ କୁମାର ସିଂ, ଶ୍ରୀଅନ୍ନ ଅଭିଯାନର ଜିଲ୍ଲା ସଂଯୋଜକ ନାରାୟଣ ପାଣିଗ୍ରାହୀ, ସହକାରୀ କୃଷି ଅଧିକାରୀ, ଶ୍ୟାମାଖୁଣ୍ଟା ବ୍ଲକ୍, ସୁରୋଜ କୁମାର ବେହେରା, ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ଭାଗବତ ମାଣ୍ଡି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କାଣିମହୁଲି, କାଦକୋଠା ଜୁଳକ, ନୂଆଗାଁ, ତଲକଚୁଇଁ, ବେଗନାଡିହା ଓ ରାଇଁଦା ପ୍ରଭୃତି ଗ୍ରାମର ଚାଷୀ ଯୋଗଦେଇଥିଲେ। ଛତୁ, ମାଣ୍ଡିଆ, ଅଣଧାନ ଫସଲ ଓ ତୈଳ ବୀଜ ଚାଷକରି କିପରି ଚାଷୀମାନଙ୍କର ଆୟ ବୃଦ୍ଧି ହୋଇପାରିବ ସେ ବିଷୟରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବା ସହିତ ଏହି କାର୍ଡ ଅନୁମୋଦନ ଅନୁସାରେ ଜୈବିକ ଖତ ଓ ସାର ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। କୃଷକମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ଗ୍ରାମରେ କୃଷି ରଥ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମକୁ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ବିଭାଗର କର୍ମକର୍ତ୍ତା ପରଜଶ ଚନ୍ଦ୍ର ଦାସ ମହାପାତ୍ର ଏବଂ ସମସ୍ତ ଏଟିଏମ୍, ଗ୍ରାମ୍ୟ କୃଷି କର୍ମଚାରୀ, କୃଷି ଅଧିଦର୍ଶକ, କୃଷକ ସାଥୀ, ଉଦ୍ୟାନ ସାଥି, ଶ୍ରୀଅନ୍ନ ଅଭିଯାନର ବ୍ଲକ୍ ସଂଯୋଜକ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ଲଟାବୁଦାରେ ଲୁଚିଗଲାଣି ଟ୍ରାନ୍ସଫର୍ମର; ବିଭାଗ ଚୁପ୍

ରାମଚନ୍ଦ୍ରପୁର, ୮।୬(ସମିସ): ମୌସୁମୀ ବର୍ଷା ପୂର୍ବରୁ ବିଦ୍ୟୁତ୍ ବିଭାଗ ସବୁଠି ରକ୍ଷଣାବେକ୍ଷଣ ନାମରେ ବିଦ୍ୟୁତ୍ କାଟ୍ କରୁଥିବା ବେଳେ ଲଟାବୁଦାରେ ପରିପୂର୍ଣ୍ଣ ହୋଇ ପଡ଼ିଛି ଟ୍ରାନସଫର୍ମର। ଫଳରେ ଏହା ବର୍ଷା ସମୟରେ ବିପଦକୁ ଡାକିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପଣ୍ଡୁଆ ମୁସଲମାନ ବସ୍ତିରେ ଥିବା ଏକ ଟ୍ରାନସଫର୍ମର ଦୀର୍ଘ ଦିନ ହେଲା ବିନା ତାରବାଡ଼ାରେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିଦ୍ୟୁତ୍ ବିଭାଗର ସେ ଦିଗରେ କୌଣସି ନିଘା ନାହିଁ। ସ୍ଥାନୀୟ କର୍ମଚାରୀ ଏ ବିଷୟରେ ଜାଣିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି। ଯଦ୍ୱାରା ବୁଲା ଗାଈଗୋରୁ ଏବଂ ଜୀବଜନ୍ତୁଙ୍କ ପାଇଁ ଏହା କାଳ ସଦୃଶ ହୋଇଛି। ସାହି ଲୋକେ ଏଦିଗରେ ଅନେକଥର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ପଦକ୍ଷେପ ନିଆଯାଉ ନାହିଁ। ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ଟ୍ରାନ୍ସଫରମର ଚତୁପାର୍ଶ୍ୱରେ ତାରବାଡ଼ ବ୍ୟବସ୍ଥା କରାଇବାକୁ ସ୍ଥାନୀୟ ସାହିବାସିନ୍ଦା ଦାବି କରିଛନ୍ତି।



## ଜର୍ଦ୍ଦା ବୋଝେଇ ଟ୍ରକ୍ ଅଟକ

ବାରିପଦା,୮।୬(ସମିସ): ବ୍ରହ୍ମପୁରରୁ ପଶ୍ଚିମବଙ୍ଗ ଯାଉଥିବା ବେଳେ ସ୍ଥାନୀୟ ତକତପୁରରେ ଏକ ଜର୍ଦ୍ଦା ବୋଝେଇ ଟ୍ରକକୁ ବାରିପଦା ଟାଉନ ଥାନା ପୁଲିସ ଚଢ଼ଉ କରି ଅଟକ ରଖିଛି। ତେବେ ଏହା ଅସଲି କି ନକଲି ଜର୍ଦ୍ଦା ଜଣାପଡ଼ିନଥିବା ବେଳେ ତଦନ୍ତ ଜାରି ରହିଛି। ଟାଉନ ଥାନା ପୁଲିସ ରବିବାର ପାଟ୍ରୋଲିଂ ସମୟରେ ଉପରୋକ୍ତ ପଦକ୍ଷେପ ନେଇ ଟ୍ରକ ଚାଳକ ଓ ଶ୍ରମିକଙ୍କୁ ପଚରାଉଚରା ଜାରି ରଖିଛନ୍ତି। ଏହାର ସମ୍ପୂର୍ଣ୍ଣ ତଦନ୍ତ ପରେ ତଥ୍ୟ ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ କରୁଣାକର ରାଉତ କହିଛନ୍ତି।

# ସାନ୍ତାଳି ଭାଷାରେ ପରୀକ୍ଷାଦେଲେ ଛାତ୍ରଛାତ୍ରୀ



କେନ୍ଦୁଝର, ୮।୬(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଜଡିଚାତର ଆଦିମ ମାର୍ଶାଲ ଶାନ୍ତାଳି ଆଶରା ଅଲଇତୁନ ଲୟର ଓ ହାୟର ସେକେଣ୍ଡାରୀ ଷ୍ଟାଣ୍ଡାଡ ବିଦ୍ୟାଳୟର ୩୦ଜଣ ଛାତ୍ରଛାତ୍ରୀ ସାନ୍ତାଳି ଭାଷାରେ ବାର୍ଷିକ ପରୀକ୍ଷା ଦେଇଛନ୍ତି। ଏଥିରେ ଚିତ୍ରାଙ୍କନ ବିଷୟରେ ଥିବା ପ୍ରଶ୍ନ ପରମ୍ପରା ବଳ ପେଟେର ଓ ପାତାଳାଫୁଲୁ ପାଟି ପରୀକ୍ଷାର ଆକର୍ଷଣ ହୋଇଥିଲା। ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ମାଝୀ, ଶିକ୍ଷୟିତ୍ରୀ ମୀତା ମାଝୀ, ସ୍କୁଲ ପରିଚାଳନା କମିଟିର ଚେୟାରମ୍ୟାନ ରଘୁନାଥ ମାଝୀ, ସମ୍ପାଦକ ଗୋପାଳ ମାଝୀ, କୋଷାଧ୍ୟକ୍ଷ ପରେଶ ମାଝୀ, ସଦସ୍ୟ ଦିଲ୍ଲୀପ ମାଝୀ, ଯୋଗେନ୍ଦ୍ର ମାଝୀ, ପିତାମ୍ବର ମାଝୀ, ସୁରେନ୍ଦ୍ର ମାଝୀ, କୁନା ମାର୍ଡି, ବିଦ୍ୟାଧର ମାଝୀ, ସହଦେବ ମାଝୀ, ବାୟା ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ମରଣଯନ୍ତା ସାଜିଛି ପୋଲ; ବିପଦରେ ଯାତ୍ରୀ

ଠାକୁରମୁଣ୍ଡା,୮।୬(ସମିସ)

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଖାପଲାଣ ବନ୍ଧସାହିରୁ ହାତୀଗୋଡ଼ା ରାସ୍ତାରେ ଥିବା ପୋଲ ଦୀର୍ଘଦିନ ଧରି ବିପଦସଂକୁଳ ଅବସ୍ଥାରେ ରହିଛି। ଯାତାୟାତରେ ଏହିପୋଲ ସାଧାରଣ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ରହିଛି। ଦୀର୍ଘବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଏହି ପୋଲର ଛାତ ମଝିରେ ଭାଙ୍ଗିଯାଇ ବଡ଼ ଗାତ ହୋଇରହିଛି। ଦୀର୍ଘଦିନ ଧରି ଏଭଳି ଅବସ୍ଥାରେ ଥିବା ବେଳେ ପ୍ରଶାସନ କିମ୍ବା ଲୋକ ପ୍ରତିନିଧିଙ୍କ ଦୃଷ୍ଟି ପଡୁନାହିଁ ବୋଲି ଅଭିଯୋଗ ହେଉଛି।

ନିକଟରେ ସେହି ଭଙ୍ଗାବସ୍ଥାରେ ପଡ଼ିରହିଥିବା



ପୋଲକୁ ଲାଗି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ ରାସ୍ତା ବ୍ଲକ୍ ଦ୍ୱାରା ନିର୍ମାଣ କରାଯାଇଛି।

ଏପରିସ୍ଥଳେ ଦୀର୍ଘଦିନ ଧରି ପୋଲର ଛାତ ଭାଙ୍ଗି ପଡ଼ିରହିଥିବା ବେଳେ ଏହା ନଜରକୁ ନ ଆସିବା ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଭାଙ୍ଗି ଯାଇଥିବା ପୋଲ ଛାତର ଗାତ ଯୋଗୁଁ ଏହି ପୋଲଦେଇ ଯାନବାହନ ପ୍ରତି ବିପଦ ଥିବାବେଳେ ରାତିରେ ପଥଚାରି ଏହି ଛାତରୁ ଗଳିପଡ଼ି ଜୀବନ ଯିବାର ସମ୍ଭାବନା ରହିଛି। ଭାଙ୍ଗି ପଡ଼ିଥିବା ପୋଲକୁ ପ୍ରଶାସନ ପକ୍ଷରୁ ତୁରନ୍ତ ନିର୍ମାଣ କରାନଗଲେ ଆଗାମୀ ଦିନରେ ଏହା ଯାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି କରିପାରେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୯୯ ● ପାଉଣ୍ଡ ୧୧୬.୭୪
- ୟୁରୋ ୯୮.୬୮ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୯,୮୦୦ (ନୂଆଦିଲ୍ଲୀ)
- ରୁପା : ୧,୦୭,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୧୮୮.୦୦
- ନିଫ୍ଟି ୨୫,୦୦୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ମୋବାଇଲ୍ ଟାୱାର୍ ନାମରେ ବଡ଼ ଠକେଇ



## ଟ୍ରାଇ ନାମରେ ସାଇବର ଠକ ପଠାଉଛନ୍ତି ନୋଟିସ୍
## ଲୋକଙ୍କୁ ମାଗୁଛନ୍ତି ୫୦୦୦ ଟଙ୍କା ଅଗ୍ରୀମ

ନୂଆଦିଲ୍ଲୀ, ୮।୬ (ଏଜେନ୍ସି): ଦେଶରେ ମୋବାଇଲ ଟାୱାର ବସାଇବା ନାମରେ ବଡ଼ ଠକେଇ ହେଉଛି। ଏମିତିକି ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ନାମ ନେଇ ସାଇବର ଠକମାନେ ମୋବାଇଲ ଟାୱାର ବସାଇବା ପାଇଁ ଲୋକଙ୍କୁ ପ୍ରବଞ୍ଚନାତ୍ମକ ମେସେଜ୍ ପଠାଉଛନ୍ତି। ଠକମାନେ ଲୋକଙ୍କଠାରୁ ମେସେଜ୍ ପଠାଇ ଟାୱାର ସ୍ଥାପନ ପାଇଁ ଅଗ୍ରୀମ ଆକାରରେ ଟଙ୍କା ଆଦାୟ କରୁଛନ୍ତି। ଭାରତୀୟ ଟେଲିକମ୍ ବିଭାଗ (ଡିଓଟି) ମୋବାଇଲ୍ ଟାୱାର ସ୍ଥାପନ ନାମରେ ଠକେଇ ବିରୁଦ୍ଧରେ ଲୋକଙ୍କୁ ସତର୍କ କରିଛି। ଟେଲିକମ୍ ବିଭାଗ ଏବଂ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ ଦ୍ୱାରା ଏପରି କୌଣସି ବାର୍ତ୍ତା ପଠାଯାଇନାହିଁ ବୋଲି ଏଥିରେ କୁହାଯାଇଛି।

ସାଇବର ଅପରାଧୀମାନେ ମାସିକ ଭଡ଼ା ଦେବା ବଦଳରେ ଘରର ଛାତ ଉପରେ କିମ୍ବା ଖାଲି ଜମିରେ ମୋବାଇଲ୍ ଟାୱାର ସ୍ଥାପନ କରିବାକୁ ଲୋକଙ୍କୁ ପ୍ରଲୋଭିତ କରି ନୋଟିସ୍ ପଠାଇ ୫୦୦୦ ଟଙ୍କାର ଅଗ୍ରୀମ ଜମା ମାଗୁଛନ୍ତି। ଏଥିରେ ଠକମାନେ ଏକ ଚିଠି ପ୍ରସ୍ତୁତ କରିଛନ୍ତି, ଯାହା ସରକାରୀ ନିର୍ଦ୍ଦେଶନାମା ପରି ଦେଖାଯାଉଛି। ଏହାର ଭାଷା ମଧ୍ୟ ସରକାରୀ କାଗଜପତ୍ର ଭଳି ହୋଇଛି। ଏଥିରେ, ଟାୱାର ସ୍ଥାପନ କରିବା ବଦଳରେ କମ୍ପାନୀର ଓକିଲଙ୍କ ଆକାଉଣ୍ଟରେ ୫୦୦୦ ଟଙ୍କା ଜମା କରିବାକୁ କୁହାଯାଇଛି। କିଛି ଲୋକ ଏହି ଠକେଇର ଶିକାର ହେଉଛନ୍ତି। ଟ୍ରାଇ କହିଛି ଯେ ମୋବାଇଲ୍ ଟାୱାର ସ୍ଥାପନ ପାଇଁ କୌଣସି ଏନ୍‌ଓସି ପ୍ରଦାନ କରାଯାଏନାହିଁ। ଯଦି ଆପଣ ଏପରି କୌଣସି ମେସେଜ୍ ପାଆନ୍ତି, ତେବେ ଏହା ସମ୍ପୂର୍ଣ୍ଣ ନକଲି। ଟ୍ରାଇ କହିବାନୁଯାୟୀ, ଏପରି ମେସେଜ୍ ପାଇବା ପରେ କୌଣସି ପ୍ରକାରର କାରବାର କରିବାରୁ ଦୂରେଇ ରୁହନ୍ତୁ। ଆପଣ ସମ୍ପୃକ୍ତ ମୋବାଇଲ୍ ସେବା ପ୍ରଦାନକାରୀଙ୍କୁ ଏ ବିଷୟରେ ଜଣାଇବା ଉଚିତ। ଆପଣ ଟେଲିକମ୍ୟୁନିକେସନ୍ ବିଭାଗର ସରକାରୀ ୱେବସାଇଟ୍ ପରିଦର୍ଶନ କରି ମଧ୍ୟ ଯାଞ୍ଚ କରିପାରିବେ ଏବଂ ପୋଲିସ ଷ୍ଟେସନରେ ଠକେଇ ଅଭିଯୋଗ ପଞ୍ଜୀକରଣ ବି କରିପାରିବେ।

ସାଇବର ଠକମାନେ ଲୋକଙ୍କୁ ସେମାନଙ୍କ ଜମି କିମ୍ବା ଛାତ ଉପରେ ଟାୱାର ସ୍ଥାପନ କରିବା ବଦଳରେ ପ୍ରତି ମାସରେ ବହୁତ ଅର୍ଥ ରୋଜଗାର କରିବାର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରିଥାନ୍ତି। ଏହାସହିତ, ସେମାନେ ଟେଲିକମ୍ କମ୍ପାନୀ ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ଚାକିରି ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦିଦେଇଥାନ୍ତି। ଏହି କାରଣରୁ ଲୋକମାନେ ସହଜରେ ସେମାନଙ୍କ ଫାଶରେ ପଡ଼ି ଠକେଇର ଶିକାର ହୁଅନ୍ତି। ମୋବାଇଲ୍ ଟାୱାର ଠକେଇରେ, ପ୍ରଥମେ ଠକମାନେ ନିଜକୁ ଟେଲିକମ୍ କମ୍ପାନୀର ପ୍ରତିନିଧି ବୋଲି ଦାବି କରିଥାନ୍ତି। ଏହା ପରେ, କମ୍ପାନୀର ନୀତି ନାମରେ ସେମାନେ ଜମି ମାଲିକଙ୍କୁ ଚାକିରି ଦେବାର ପ୍ରଲୋଭନ ଦେଖାଇଥାନ୍ତି କିମ୍ବା କିଛି ନ କରି ବହୁତ ଟଙ୍କା ରୋଜଗାର କରିବା ଲୋଭ ଦେଖାନ୍ତି। ସେମାନଙ୍କ ଫାଶରେ ପଡ଼ିବା ପରେ, ସେମାନେ କମ୍ପାନୀରେ ପଞ୍ଜୀକରଣ କରିବା ନାମରେ ଜମି ମାଲିକଙ୍କଠାରୁ ଫାଇଲ୍ ଚାର୍ଜ ମାଗନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଟେଲିକମ୍ କମ୍ପାନୀ କେବେ ବି କାହାକୁ ଏପରି କଲ୍ କରେ ନାହିଁ ଏବଂ ମୋବାଇଲ୍ ଟାୱାର ଲଗାଇବା ପାଇଁ ପ୍ରସ୍ତାବ ଦିଏ ନାହିଁ। ଯଦି ଏପରି କଲ୍ ଆସୁଥାଏ, ତେବେ ସେହି ଠକମାନଙ୍କଠାରୁ ଦୂରେଇ ରହିବା ଜରୁରୀ।

# ସତ୍‌ପାଲ ଭାନୁଙ୍କ ହାତରେ ଏଲ୍‌ଆଇସି କମାଣ



## ତିନି ମାସ ପାଇଁ ଅନ୍ତରୀଣ ଏମ୍‌ଡି ଓ ସିଇଓ

ନୂଆଦିଲ୍ଲୀ, ୮।୬ (ଏଜେନ୍ସି): ସତ୍‌ପାଲ ଭାନୁ ହୋଇଛନ୍ତି ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ନୂଆ ଏମଡି ଏବଂ ସିଇଓ। ସିଦ୍ଧାର୍ଥ ମହାନ୍ତିଙ୍କ ପରେ ସତ୍‌ପାଲ ଏହି ଦାୟିତ୍ୱ ସମ୍ଭାଳିଛନ୍ତି। ସେ ଆର୍ଥିକ ଏବଂ ପ୍ରଶାସନିକ ଦାୟିତ୍ୱରେ ରହିବେ। ବର୍ତ୍ତମାନ ସେ ପ୍ରବନ୍ଧ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଛନ୍ତି। ଭାନୁ ଜୁନ ୮ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଅନ୍ତରୀଣ କାର୍ଯ୍ୟଭାର ସମ୍ଭାଳିବେ। ଏଲଆଇସି ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ, ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ଦ୍ୱାରା ଜୁନ ୭ରେ ଜାରି ଚିଠି ଅନୁସାରେ ବର୍ତ୍ତମାନର ପ୍ରବନ୍ଧ ନିର୍ଦ୍ଦେଶକ ସତ୍‌ପାଲ ଭାନୁଙ୍କୁ, ଏମଡି ଏବଂ ସିଇଓର ଆର୍ଥିକ ଏବଂ ପ୍ରଶାସନିକ ଅଧିକାର ଏବଂ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏଲଆଇସିର ନୂଆ ପ୍ରବନ୍ଧ ନିର୍ଦ୍ଦେଶକଙ୍କ ଭାବରେ ନିଯୁକ୍ତ ଭାନୁଙ୍କୁ ବୀମା କ୍ଷେତ୍ରରେ ତିନି ଦଶନ୍ଧିରୁ ଅଧିକର ଅନୁଭବ ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ଏଲଆଇସିର ଶୀର୍ଷ ସ୍ତରରେ ପରିବର୍ତ୍ତନ ଜାରି ରହିଛି। ଏଲଆଇସିରେ ବର୍ତ୍ତମାନ ନେତୃତ୍ୱରେ ଜଣେ ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓଙ୍କ ସହ ସମୁଦାୟ ୪ ଏମ୍‌ଡି ଅଛନ୍ତି। ନିକଟରେ ଏଲଆଇସିର ପ୍ରଥମ ଏମଡି ଏବଂ ସିଇଓ ସିଦ୍ଧାର୍ଥ ମହାନ୍ତିଙ୍କ କାର୍ଯ୍ୟକାଳ ସରିଛି। ନୂଆ ପରିବର୍ତ୍ତନ ଅନୁଯାୟୀ, ରତ୍ନାକର ପଟ୍ଟନାୟକ ଏବଂ ଦିନେଶ ପନ୍ଥଙ୍କୁ ଏମଡି ନିଯୁକ୍ତ କରାଯାଇଛି। ଏହି ନିଯୁକ୍ତି ଏମ ଜଗନ୍ନାଇ ଏବଂ ଟେବଲଶ ପାଣ୍ଡେଙ୍କ ସେବାନିବୃତ୍ତ ହେବା ପରେ କରାଯାଇଛି। ପନ୍ଥଙ୍କ କାର୍ଯ୍ୟକାଳ ମେ ୨୦୨୭ ପର୍ଯ୍ୟନ୍ତ ରହିବ। ଯେତେବେଳେକି ରତ୍ନାକର ପଟ୍ଟନାୟକଙ୍କ କାର୍ଯ୍ୟକାଳ ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ରହିବ। ଅନ୍ୟ ଦୁଇ ଏମଡି ସତପାଲ ଭାନୁ ଏବଂ ଆର ଦୌରେସ୍ୱାମୀ। ଭାନୁଙ୍କ କାର୍ଯ୍ୟକାଳ ୨୦୨୫ ଡିସେମ୍ବରରେ ସରିବ ଏବଂ ଦୌରେସ୍ୱାମୀଙ୍କ କାର୍ଯ୍ୟକାଳ ୨୦୨୬ ଅଗଷ୍ଟ ପର୍ଯ୍ୟନ୍ତ ରହିଛି। ଏଲଆଇସିରେ ନେତୃତ୍ୱ ପରିବର୍ତ୍ତନ ଅନୁଯାୟୀ, ରାମକ୍ରିଷ୍ଣନ ଚନ୍ଦରଙ୍କୁ ଚିଫ୍ ଇନଭେଷ୍ଟମେଣ୍ଟ ଅଫିସର ଏବଂ ଅଜୟ କୁମାର ଶ୍ରୀବାସ୍ତବଙ୍କୁ ଆପଏଣ୍ଟେଡ ଏକଚ୍ୟୁରୀ ନିଯୁକ୍ତ କରାଯାଇଛି।

# ଚାନ୍ଦି ଭଣ୍ଡାର 'ରଜ ସଜ-୨.୦'

**ବ୍ରାଣ୍ଡର ନୂଆ କ୍ୟାମ୍ପେନ୍ 'ବର୍ଣ୍ଣ ବିଉଟିଫୁଲ'**



ଭୁବନେଶ୍ୱର, ୮।୬(ସମିସ): ପୂର୍ବବର୍ଷ ଭଳି ଚଳିତବର୍ଷ ଚାନ୍ଦି ଭଣ୍ଡାର ଆଣିଛି 'ରଜ ସଜ'ର ଦ୍ୱିତୀୟ ସଂସ୍କରଣ। ଏହି ସଂସ୍କରଣ ପୂର୍ବ ତୁଳନାରେ ଅଧିକ ବିଶାଳ ଏବଂ ସୁନ୍ଦର। ଏ ବର୍ଷ 'ରଜ ସଜ-୨.୦' ଚାନ୍ଦି ଭଣ୍ଡାର ଷ୍ଟାଇଲ୍‌ରେ ସଜ ହେବାର ଆନନ୍ଦ ପ୍ରଦାନ କରୁଛି। ଚାନ୍ଦି ଭଣ୍ଡାରର 'ରଜ ସଜ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ। ଏହା ଆତ୍ମ-ଭାବ ପ୍ରକାଶର ଏକ ସେଲିବ୍ରେଶନ। ଏହା ଦର୍ଶାଉଛି ଯେ, ଷ୍ଟାଇଲିଂ ଗଢ଼ଣଠାରୁ ଅଧିକ କିଛି। ବ୍ରାଣ୍ଡର ନୂଆ କ୍ୟାମ୍ପେନ୍ 'ବର୍ଣ୍ଣ ବିଉଟିଫୁଲ'ର ଅଂଶବିଶେଷ ଏହି କାର୍ଯ୍ୟକ୍ରମ ଏ ବାର୍ତ୍ତାକୁ ସମର୍ଥନ କରେ ଯେ, ପ୍ରତ୍ୟେକ ବ୍ୟକ୍ତି ସେ ମହିଳା ହୁଅନ୍ତୁ ଅବା ପୁରୁଷ ଅନନ୍ୟ ଭାବେ ଉଜ୍ଜ୍ୱଳ ଏବଂ ଚମତ୍କାର। ଏକ ମହିଳା-ଚାଳିତ ବ୍ରାଣ୍ଡ ଚାନ୍ଦି ଭଣ୍ଡାର ଭାବନାତ୍ମକ ସହଯୋଗିତା ମାଧ୍ୟମରେ ମହିଳା ସଶକ୍ତିକରଣକୁ ପାଳନ କରିଥାଏ। ଏ ବର୍ଷ ଏହା ଗ୍ରେସ୍ ଷ୍ଟୁଡିଓ ସହ ଅନୁବନ୍ଧିତ ହୋଇଛି, ଯାହାକି ଆସ୍ମିତଙ୍କ ନେତୃତ୍ୱାଧୀନ ଏକ ଫ୍ୟାସନ୍ ଲାବେଲ୍। 'ରଜ ସଜ' କ୍ୟାମ୍ପେନ୍ ତାହାର ଗ୍ରାହକ-ପ୍ରଥମ ଫୋକସ୍ ପାଇଁ ଅଧିକ ସ୍ୱତନ୍ତ୍ର। ଓଡ଼ିଶାର ବିଭିନ୍ନ ସ୍ଥାନରୁ ୪,୦୦୦ରୁ ଊର୍ଦ୍ଧ୍ୱ ପଞ୍ଜୀକରଣ ସହିତ ଏହି କାର୍ଯ୍ୟକ୍ରମ ପ୍ରକୃତ ଲୋକଙ୍କୁ ଏହାର ହୃଦୟରେ ରହିବାକୁ ଆମନ୍ତ୍ରଣ କରିଥିଲା। ଅଡିସନ୍ ପରେ ୫୦୦ରୁ ଊର୍ଦ୍ଧ୍ୱ ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ ଜଣ ପ୍ରେରଣାଦାୟୀ ଫାଇନାଲିଷ୍ଟ(ଉଭୟ ପୁରୁଷ ଏବଂ ମହିଳା) ଚାନ୍ଦି ଭଣ୍ଡାରର ଫେସ୍ ଭାବେ ର୍‍ୟାମ୍ପ ୱାକ୍ କରିବା ପାଇଁ ଚୟନ ହୋଇଥିଲେ।

ଚାନ୍ଦି ଭଣ୍ଡାର ପ୍ରତିଷ୍ଠାତା ଲିପ୍‌ସା ହଂସ କୁହନ୍ତି, ଚାନ୍ଦି ଭଣ୍ଡାରରେ ରଜ ଏକ ପର୍ବ ନୁହେଁ, ଏହା ଏକ ଅନୁଭୂତି। ଆମେ କିଏ, କେତେ ଦୂର ଆସିଛୁ ଏବଂ ଆମ ଭିତରେ ଓ ବାହାରେ ଆମେ ବହନ କରୁଥିବା ସୌନ୍ଦର୍ଯ୍ୟକୁ ପାଳନ କରିଥାଏ ରଜ। 'ରଜ ସଜ' ଏହା କହିଥାଏ ଯେ, ଆମେ ସମସ୍ତେ ସୁନ୍ଦର ହୋଇ ଜନ୍ମ ହୋଇଛୁ ଏବଂ ନିଜ ପଥରେ ଚମକିବାକୁ ଆମେ ଯୋଗ୍ୟ। ଚାନ୍ଦି ଭଣ୍ଡାର ସର୍ବବୃହତ୍ ରୁପା ଗହଣା ଚେନ୍ ଷ୍ଟୋର ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ସମଗ୍ର ରାଜ୍ୟରେ ୨୩ରେ ପହଞ୍ଚିଛି। ଚଳିତବର୍ଷ ଏହାକୁ ୩୫ ଷ୍ଟୋରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିବା ପାର୍ଟନର ମାନିକ୍ ହଂସ କହିଛନ୍ତି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭିନେତା ଶୈଳେନ୍ଦ୍ର, ଅଭିନେତ୍ରୀ ଶିବାନୀ ସଙ୍ଗୀତା ଏବଂ ଆସ୍ମିତ୍ କୌର ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ଫିଚର ଫୋନ୍ ୟୁଜରଙ୍କ ପାଇଁ ଫୋନ୍ ପେ'ର ୟୁପିଆଇ ପେମେଣ୍ଟ

ନୂଆଦିଲ୍ଲୀ,୮।୬(ଏଜେନ୍ସି) : ଫୋନ୍ ପେ' ଫିଚର ଫୋନଗୁଡ଼ିକ ପାଇଁ ୟୁପିଆଇ ମାଧ୍ୟମରେ ପେମେଣ୍ଟ ଚାଲୁ କରିବାକୁ ବାର୍ତ୍ତାଳାପଭିତ୍ତିକ ଯୋଗାଯୋଗର ପ୍ଲାଟଫର୍ମ ଗପସପର ମାଲିକାନାରେ ଥିବା 'ଜିଏସପପେ' ଟେକ୍ନୋଲୋଜି ଷ୍ଟାକରୁ ଏକ ଆଇପି କିଣିବା ବିଷୟରେ ଘୋଷଣା କରିଛି। ଜିଏସପେ ହେଉଛି ଫିଚର ଫୋନଗୁଡ଼ିକ ପାଇଁ ଏନପିସିଆଇର ଉନ୍ନତ ୟୁପିଆଇ ପେମେଟ ବ୍ୟବସ୍ଥାକୁ ଭିତ୍ତିକ କରି ବିକଶିତ କରାଯାଇଥିବା ଏକ ମୋବାଇଲ ଆପ୍ଲିକେସନ (ୟୁପିଆଇ ୧୨୩ପେ)। ଫୋନପେ ସମ୍ପ୍ରତି ଅଧିଗ୍ରହଣ କରାହୋଇଥିବା ଏହି ଜିଏସପେ ଆଇପିକୁ କଷ୍ଟମାଇଜ ତଥା ବିସ୍ତାର କରିବାକୁ ଯୋଜନା କରୁଛି ଏବଂ ଆଗାମୀ କିଛି ମାସ ମଧ୍ୟରେ ଭାରତରେ ନୂତନ ଫିଚର




ଫୋନରେ ନିଜର ଫିଚର-ଫୋନ ଆଧାରିତ ୟୁପିଆଇ ପେମେଣ୍ଟ ମୋବାଇଲ ଆପ ଚାଲୁ କରିବାକୁ ଯୋଜନା କରୁଛି। ଫୋନପେ ପି୨ପି ଟ୍ରାନ୍ସଫର, ଅଫଲାଇନ କ୍ୟୁଆର ପେମେଣ୍ଟ ଏବଂ ଅନ୍ୟ କୌଣସି ୟୁପିଆଇ ଗ୍ରାହକଙ୍କଠାରୁ ସେମାନଙ୍କ ମୋବାଇଲ ନମ୍ବର କିମ୍ବା ନିଜସ୍ୱ-କ୍ୟୁଆର ମାଧ୍ୟମରେ ଟଙ୍କା ଗ୍ରହଣ କରିବା ପରି ସମସ୍ତ ମୌଳିକ ୟୁପିଆଇ ବୈଶିଷ୍ଟ୍ୟଗୁଡ଼ିକ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

# କ୍ରେଡ଼ାଇ ଭୁବନେଶ୍ୱର ପକ୍ଷରୁ ନଗର ଉନ୍ନୟନ ଏବଂ ରିଅଲ୍ ଇଷ୍ଟେଟ୍' ଉପରେ କର୍ମଶାଳା



ଭୁବନେଶ୍ୱର,୮।୬(ସମିସ): କ୍ରେଡ଼ାଇ ଭୁବନେଶ୍ୱରର ସିଟି ଚାପ୍ଟର ସଫଳତାର ସହ 'ନଗର ଉନ୍ନୟନ ଏବଂ ରିଅଲ୍ ଇଷ୍ଟେଟ୍' ଉପରେ ଏକ କର୍ମଶାଳା ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାରେ ସହରାଞ୍ଚଳର ଭିତ୍ତିଭୂମି, ସ୍ଥାୟୀ ବିକାଶ ଏବଂ ରାଜ୍ୟରେ ରିଅଲ୍ ଇଷ୍ଟେଟର ଭବିଷ୍ୟତ ଉପରେ ଆଲୋଚନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓରେରା ଅଧ୍ୟକ୍ଷ ଅସିତ୍ କୁମାର ମହାପାତ୍ର ଏବଂ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡର ସଭାପତି ଡ.ପ୍ରବୋଧ ମହାନ୍ତି ଯୋଗାଦେଇଥିଲେ। ଏହି କର୍ମଶାଳାରେ ରାଜ୍ୟର ନଗର ଉନ୍ନୟନ, ନୀତିଗୁଡିକର କାର୍ଯ୍ୟାନ୍ୱୟନ ଏବଂ ରିଅଲ୍ ଇଷ୍ଟେଟର ସ୍ଥାୟିତ୍ୱ ଉପରେ ଆଲୋଚନା କରାଯାଇଥିଲା, ଯାହା ଓଡ଼ିଶାରେ ଦାୟିତ୍ୱପୂର୍ଣ୍ଣ ବିକାଶ ପ୍ରତି କ୍ରେଡାଇର ପ୍ରତିବଦ୍ଧତାକୁ ପ୍ରମାଣିତ କରିଥିଲା। କ୍ରେଡାଇ ଭୁବନେଶ୍ୱର ସମ୍ପାଦକ ଜଗତ କୁମାର କର କହିଥିଲେ ଯେ ରାଜ୍ୟରେ ରିଅଲ୍ ଇଷ୍ଟେଟର ଚାହିଦା ଯେପରି ବଢିଛି, କ୍ରେଡାଇର ଦାୟିତ୍ୱ ସେହିପରି ବଢିଛି ତେଣୁ ରିଅଲ୍ ଇଷ୍ଟେଟ ସହିତ ରାଜ୍ୟର ଅନ୍ୟାନ୍ୟ ବିକାଶରେ ସହଯୋଗ କରିବା ଆମର ଲକ୍ଷ୍ୟ ମଧ୍ୟ ବଢିଛି। ଏହି କାର୍ଯ୍ୟକ୍ରମରେ କ୍ରେଡ଼ାଇ ଭୁବନେଶ୍ୱର ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରିଥିଲା, ଯେଉଁମାନଙ୍କ ମଧ୍ୟରେ ଡିଆଇଜି ଡ. ସତ୍ୟଜିତ ନାୟକ, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, ମିଡିଆ ପ୍ଲାନର୍ ପ୍ରଣୟ ଜେଠୀ, ଆର୍. ସ୍ୱପ୍ନଦତ୍ତ ମହାନ୍ତି ଅଧ୍ୟକ୍ଷ, ଦି ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ, ଅଭିନେତା ପ୍ରଶାନ୍ତ ନନ୍ଦ ଏବଂ ଡ. ମୋନିକା ନାୟାର ପଟ୍ଟନାୟକ। ଏହି କର୍ମଶାଳାର ନେତୃତ୍ୱ କ୍ରେଡାଇ ଓଡ଼ିଶା ଅଧ୍ୟକ୍ଷ, ଦେୱା ଶଙ୍କର ତ୍ରିପାଠୀ, ସ୍ୱଦେଶ କୁମାର ରାଉତରାୟ, ସଭାପତି, କ୍ରେଡାଇ ଓଡ଼ିଶା, ସୋଫିଆ ଫିରଦୌସ୍, ସଭାପତି, କ୍ରେଡାଇ ଭୁବନେଶ୍ୱର ଓ ଅଶୋକ କୁମାର ପାତ୍ର, କୋଷାଧ୍ୟକ୍ଷ, କ୍ରେଡାଇ ଭୁବନେଶ୍ୱର ନେଇଥିଲେ।

**ଟିପିସିଓଡିଏଲ୍ ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜ୍‌ଲି ଯୋଜନା**

# ରୁଫ୍‌ଟପ୍ ସୋଲାର୍ ପାଇଁ ପ୍ରୋସେସିଂ ଫି ଛାଡ଼



ଭୁବନେଶ୍ୱର,୮।୬(ସମିସ): ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜ୍‌ଲି ଯୋଜନା (ପିଏମ୍‌ଏସଜିଏମବିୱାଇ) ଅଧୀନରେ ଓଡିଶାରେ ରୁଫଟପ୍ ସୋଲାର ବ୍ୟବସ୍ଥା ସ୍ଥାପନକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯାନ ଜୋରଦାର କରାଯାଇଛି। ଗ୍ରାହକମାନଙ୍କ ସୁବିଧା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜ୍‌ଲି ଯୋଜନାଅଧୀନରେ ରୁଫଟପ୍ ସୋଲାର ବ୍ୟବସ୍ଥା ପାଇଁ ନେଟ୍ ମିଟରିଂ ପ୍ରକ୍ରିୟାକରଣ ଫିସ୍ ୫୦୦ ଟଙ୍କା ଛାଡ କରାଯାଇଛି। ଏହା ଦ୍ୱାରା ଅନଲାଇନ୍ ଡିମାଣ୍ଡ ନୋଟ୍ ସୃଷ୍ଟି ଏବଂ ପେମେଣ୍ଟ ଗେଟୱେ ମାଧ୍ୟମରେ ଦେୟ ପ୍ରଦାନ ଆବଶ୍ୟକତା ଦୂର ହୋଇଛି। ପୂର୍ବରୁ ଟିପିସିଓଡିଏଲ୍ ୧୦ କିଲୋୱାଟ୍ ପର୍ଯ୍ୟନ୍ତ ବ୍ୟବସ୍ଥା ପାଇଁ ଟେକ୍ନିକାଲ୍ ଫିଜିବିଲିଟି ଷ୍ଟଡିର ଆବଶ୍ୟକତାକୁ ରଦ୍ଦ କରିଥିଲା ଏବଂ ସେକ୍ସନ୍ ମ୍ୟାନେଜରଙ୍କୁ ସମସ୍ତ କାର୍ଯ୍ୟପାଇଁ ସିଙ୍ଗଲ୍ ପଏଣ୍ଟ କଣ୍ଟାକ୍ଟ ଭାବେ ନିଯୁକ୍ତ କରି ସାଇଟ୍ ନିରୀକ୍ଷଣ, ନେଟ୍ ମିଟରିଂ ଚୁକ୍ତିନାମା ସ୍ୱାକ୍ଷର, ନେଟ୍ ମିଟର୍ ସ୍ଥାପନ ଇତ୍ୟାଦି ପାଇଁ ଲାଗୁଥିବା ସମୟକୁ ମଧ୍ୟ ହ୍ରାସ କରିଥିଲା। ଯୋଜନାକୁ ଅଧିକ ଗ୍ରାହକ ଅନୁକୂଳ କରିବା ପାଇଁ ଟିପିସିଓଡିଏଲ୍ ନିୟାମକ ଢାଞ୍ଚା ମଧ୍ୟରେ ପ୍ରକ୍ରିୟାଗୁଡିକୁ ସରଳ କରିବା ପାଇଁ ନିରନ୍ତର ପ୍ରୟାସ କରୁଛି। ଟିପିସିଓଡିଏଲ୍ ଏହାର ସମସ୍ତ ଆବାସିକ ଗ୍ରାହକଙ୍କୁ ରୁଫଟପ୍ ସୋଲାର ବିଦ୍ୟୁତ୍ ବ୍ୟବସ୍ଥା ସ୍ଥାପନ କରିବା, ନିଜସ୍ୱ ସବୁଜ ଶକ୍ତି ଉତ୍ପାଦନ କରିବା ଏବଂ ବିଜୁଳି ବିଲରେ ସଞ୍ଚୟ କରିବାକୁ ଉତ୍ସାହିତ କରୁଛି। ସମସ୍ତ ଆବାସିକ ଗ୍ରାହକଙ୍କୁ କେନ୍ଦ୍ର ଏବଂ ରାଜ୍ୟର ଆକର୍ଷଣୀୟ ଆର୍ଥିକ ସହାୟତା ମିଳୁଛି ଯାହା ତିନି ବର୍ଷ ମଧ୍ୟରେ ନିବେଶ ରାଶି ଫେରିପାଇବାକୁ ନିଶ୍ଚିତ କରୁଛି। ଏ ସମ୍ପର୍କରେ ଟିପିସିଓଡିଏଲର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି ଯେ, ଅକ୍ଷୟ ଶକ୍ତି ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ପ୍ରତିବଦ୍ଧ।

**ପ୍ରଦୂଷଣ ଉପରମୁହାଁ**

# ହାର ମାନିଛି ପ୍ରକୃତିରାଣୀ

**କାରଖାନା ବର୍ଜ୍ୟବସ୍ତୁ ସୁପରିଚାଳନାରେ ନାହିଁ ସ୍ୱଚ୍ଛତା**



ଝାରସୁଗୁଡ଼ା,୮।୬ (ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ସବୁଠି ସଚେତନତା କାର୍ଯ୍ୟକ୍ରମ। ହେଲେ ବାସ୍ତବତା ଭିନ୍ନ। ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାରେ ପ୍ରତ୍ୟେକ ଦିନ ପରିବେଶ ଲୁଣ୍ଠନ କଥା କାହାକୁ ଅଛପା ନୁହେଁ। କ୍ଷମତା ଅସ୍ତ୍ରର ଚାପରେ ହାରମାନିଛି ପ୍ରକୃତି ରାଣୀ। ଚାରିଆଡ଼ୁ ପ୍ରଦୂଷଣର ଚକ୍ରବ୍ୟୁହରେ ଉବୁଟୁବୁ ସମଗ୍ର ଝାରସୁଗୁଡ଼ା। ଜିଲ୍ଲାରେ ସବୁବେଳେ ପରିବେଶ ପ୍ରଦୂଷଣକୁ ନେଇ ଚର୍ଚ୍ଚା ଜାରି ରହିଥିବା ବେଳେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ଏଠାକାର ପ୍ରଦୂଷଣକୁ ନେଇ ମାଳ ମାଳ ମାମଲାର ଅନ୍ତ ଘଟୁନାହିଁ। ଜିଲ୍ଲାର ଝାରସୁଗୁଡ଼ା ସମେତ ବ୍ରଜରାଜନଗର, ବେଲପାହାଡ, ବନ୍ଧବାହାଲ, ଇବଥର୍ମାଲ ଛୋଟ ବଡ ସବୁଠି ପ୍ରଦୂଷଣର ମାତ୍ରା ସର୍ବାଧିକ। ଦେଶର ଶହେ ପ୍ରଦୁଷଣ ସ୍ଥାନ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରକାଶ କରିସାରିଛି।

କାରଖାନାର ବିଷାକ୍ତ ଧୂଆଁ, କଠିନ ଓ ତରଳ ବର୍ଜ୍ୟ,କୋଇଲା ଖଣି ପ୍ରଦୂଷଣ, ଖଣି ସମ୍ପ୍ରସାରଣ ଯୋଗୁ ଘଟୁଥିବା ଜଙ୍ଗଲ କ୍ଷୟ ଆଦି ପ୍ରଦୂଷଣର ମୁଖ୍ୟ କାରଣ। ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥାମାନଙ୍କ ସର୍ଭେ ରିପୋର୍ଟ ଅନୁଯାୟୀ ଦେଶରେ ଯେଉଁ କେତେକ ସ୍ଥାନରେ ମାରାତ୍ମକ ସଲଫର୍ ଡାଇଅକ୍ସାଇଡ୍ ନିର୍ଗମକାରୀ ଶିଳ୍ପସଂସ୍ଥା ରହିଛି ସେଥିରେ ଝାରସୁଗୁଡ଼ା ଶିଳ୍ପସଂସ୍ଥା ଅନ୍ୟତମ। ଏଥିସହ ନିକଟରେ ଥିବା ହୀରାକୁଦ ଜଳଭଣ୍ଡାର ଜଳର ଫ୍ଲୋରାଇଡ ମାତ୍ରା ବିପଦ ସଙ୍କୁଳ ବୋଲି କୁହାଯାଇଛି। ବ୍ୟାପକ କୋଇଲାଖଣି ଯୋଗୁ କୋଇଲା ଉତ୍ତୋଳନ ଓ ପରିବହନ ପ୍ରଦୂଷଣର ଅନ୍ୟ ଏକ କାରଣ ହୋଇଥିବାବେଳେ ଖଣି ସମ୍ପ୍ରସାରଣ ଯୋଗୁ ପରିବେଶ ଧ୍ୱଂସ ପାଇଛି। ଜିଲ୍ଲା ଭିତରେ ବ୍ୟାପକ ତାପଜ ବିଦ୍ୟୁତ କାରଖାନା ଥିବାରୁ ଏଠାରୁ ଉଡନ୍ତା ପାଉଁଶ ଓ ରାସାୟନିକ ବର୍ଜ୍ୟ ଏବେ ଚିନ୍ତାର କାରଣ ପାଲଟିଛି। ଉଡନ୍ତା ପାଉଁଶର ସୁପରିଚାଳନା ହେଉ ନ ଥିବା ଯୋଗୁଁ ପ୍ରଦୁଷଣ ଉଗ୍ର ହେବାରେ ଲାଗିଛି। ଏଥିରେ ଶାସକ ପ୍ରଶାସକ ସମସ୍ତଙ୍କ ହାତଥାଇ ଯୋଜନାବଦ୍ଧ ଭାବେ କରାଯାଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ପାଉଁଶ ଗୁଣ୍ଡ ବାୟୁମଣ୍ଡଳ ସହିତ ବିଭିନ୍ନ ଜଳଭଣ୍ଡାର, ଜଙ୍ଗଲ ଜମି, ଚାଷ ଜମି ଓ ପ୍ରାକୃତିକ ଜଳଉତ୍ସକୁ ପ୍ରଦୂଷିତ କରିବାରେ ଲାଗିଛି। ଅଞ୍ଚଳରେ ଥିବା ତାପଜ ବିଦ୍ୟୁତ କାରଖାନା ଗୁଡିକରେ ଦୈନିକ ହଜାର ହଜାର ଟନ୍ କୋଇଲା ଦହନ ହେବା ଫଳରେ ସେଥିରୁ ସଲଫର ଡାଇ ଅକ୍ସାଇଡ୍, ନାଇଟ୍ରୋଜେନ୍, ଅକ୍ସାଇଡ, କାର୍ବନ ମନୋକ୍ସାଇଡ ଭଳି ମାରାତ୍ମକ ଦ୍ରବ୍ୟ ନିର୍ଗତ ହୋଇ ବାୟୁମଣ୍ଡଳରେ ମିଶୁଛି। ଏହାସହ ଏହି କାରଖାନାର ଫ୍ଲାଇ ଆଶ ଏବେ ବାୟୁମଣ୍ଡଳକୁ ବିଷବଳୟ ମଧ୍ୟକୁ ଠେଲିଦେଇଛି। ଜିଲ୍ଲାର ଭୌଗୋଳିକ ଦୃଷ୍ଟି କୋଣରୁ ଦେଖିବାକୁ ଗଲେ ଏଠାରେ ପ୍ରାକୃତିକ ପରିବେଶରେ ଭାରସାମ୍ୟ ରକ୍ଷା ପାଇଁ ୩୫ ପ୍ରତିଶତ ଜଙ୍ଗଲ ଆବଶ୍ୟକତା ଥିବାବେଳେ ଏବେ ଖଣି ଖାଦାନ ଓ ଶିଳ୍ପ ପ୍ରତିଷ୍ଠା ଯୋଗୁଁ ପ୍ରାକୃତିକ ଜଙ୍ଗଲ କ୍ରମଶଃ ଧ୍ୱଂସ ପାଇ ଏହା ୧୪% ତଳକୁ ଖସିଆସିଛି। ଜିଲ୍ଲାରେ ବହୁ ଚାଷୀ ଓ ଜଙ୍ଗଲ ନିକଟରେ ରହୁଥିବା ଅଧିବାସୀଙ୍କ କହିବାନୁଯାୟୀ ପ୍ରଦୂଷଣ ଜନିତ କାରଣ ଯୋଗୁଁ ଜଙ୍ଗଲ ଗୁଡିକରେ ହେଉଥିବା ବିରଳ ଉଦ୍ଭିଦ ସହିତ ବିଭିନ୍ନ ଔଷଧୀୟ ଗଛ ବିଲୋପ ହୋଇଗଲାଣି। ଜିଲ୍ଲାରେ ବାସ୍ତବରେ ଶିଳ୍ପ ଜନିତ ପ୍ରଦୂଷଣର ପ୍ରଭାବ ବହନ କରିବର କ୍ଷମତା କେତେ ତାର ପ୍ରକୃତ ମୂଲ୍ୟାୟନ ହେବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିଭିନ୍ନ କାରଖାନା ବର୍ଜ୍ୟବସ୍ତୁ ସୁପରିଚାଳନାକୁ ନେଇ ସ୍ୱଚ୍ଛତା ନ ଥିବାରୁ ପ୍ରଶାସନ, କମ୍ପାନୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ପରସ୍ପର ପ୍ରତି ସନ୍ଦେହ ବାତାବରଣ ସୃଷ୍ଟି ହୋଇଛି।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ। ଉଧାର ଟଙ୍କା ଫେରିପାଇବେ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ପଡୋଶୀଙ୍କ ସହ ସମ୍ପର୍କ ବଢ଼ିବ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିପାରନ୍ତି। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ। ଚକ୍ଷୁ ସମସ୍ୟା ହୋଇପାରେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବା ଭଲ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ସାମାଜିକ ଓ ଧାର୍ମିକ ସମାବେଶରେ ଯୋଗଦେବେ। ଦାନ ଧର୍ମ କରିବେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିପାରେ । କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

## ଆଜିର ଇତିହାସ

- ୧୯୦୦- ମହାନ୍ ବିପ୍ଳବୀ ବିର୍ସା ମୁଣ୍ଡାଙ୍କ ପରଲୋକ।
- ୧୯୩୧- 'ଡୋନାଲ୍ଡ ଡକ୍' କାର୍ଟୁନ୍‌କୁ ପ୍ରଥମ ଥର ପ୍ରଦର୍ଶନ କରାଗଲା।
- ୧୯୬୦- ଚୀନ୍‌ରେ ଆସିଥିବା ତୋଫାନ ଯୋଗୁ ୧୬୦୦ ଲୋକଙ୍କ ପ୍ରାଣହାନି।
- ୧୯୬୪- ଲାଲ୍ ବାହାଦୂର ଶାସ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ ହେଲେ ।
- ୧୯୮୦- ମହାକାଶଯାନ ସୋୟୁଜ୍-ଟି ୨ ପୃଥିବୀ ପୃଷ୍ଠକୁ ଫେରିଲା।
- ୨୦୧୧- ପ୍ରସିଦ୍ଧ ଚିତ୍ରଶିଳ୍ପୀ ଏମ୍.ଏଫ୍ ହୁସେନଙ୍କ ଦେହାନ୍ତ।

## ଅନନ୍ୟା ନନ୍ଦିନୀ


ଆଜି ଆସିଥିଲେ

ନନ୍ଦିନୀ ଶତପଥୀ, କେବଳ ଓଡ଼ିଶା ନୁହେଁ, ଭାରତୀୟ ରାଜନୀତିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନାୟିକା। ସାହିତ୍ୟ ଓ ରାଜନୀତିର ଅପୂର୍ବ ସମନ୍ୱୟ ତାଙ୍କ ଜୀବନରେ ଘଟିଥିଲା । ସେ ଏକାଧାରରେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞା, ସୁସାହିତ୍ୟିକା ଓ ସୁଶାସିକା। ସେ ଥିଲେ ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ। ନନ୍ଦିନୀ ଶତପଥୀ ୧୯୩୧ ମସିହା ଆଜିର ଦିନରେ କଟକ ଜିଲ୍ଲାର ବକ୍ସିବଜାର ଯାଚକ ଲେନ୍‌ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ପ୍ରଖ୍ୟାତ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ମାତା ରତ୍ନମଣି ଦେବୀ ଥିଲେ। ପିତାଙ୍କ ସୃଜନଶୀଳତା ଓ କକା ଭଗବତୀ ଚରଣ ପାଣିଗ୍ରାହୀଙ୍କ ବୈପ୍ଳବିକ ଚିନ୍ତାଧାରାର ପ୍ରଭାବ ପଡ଼ିଥିଲା ନନ୍ଦିନୀଙ୍କ ଉପରେ। ରେଭେନ୍ସା କଲେଜରେ ପାଠ ପଢୁଥିବା ସମୟରେ ସେ ଜାତୀୟ ଯୁବ ଆନ୍ଦୋଳନ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହି ବାରମ୍ବାର ଗିରଫ ହୋଇଥିଲେ। ଖୁବ୍ କମ୍ ବୟସରୁ ସେ କଂଗ୍ରେସରେ ଯୋଗ ଦେଇ ମହିଳା ଫୋରମ୍‌ର ସଭାପତି ହୋଇଥିଲେ। କଟକର ଝିଅ ନନ୍ଦିନୀ, ଦେବେନ୍ଦ୍ର ଶତପଥୀଙ୍କୁ ବିବାହ କରି ଢେଙ୍କାନାଳର ବୋହୂ ହୋଇଥିଲେ। ୧୯୬୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରିଦଶନ୍ଧି ଧରି ସେ ଓଡ଼ିଶା ତଥା ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ। ନନ୍ଦିନୀ ପ୍ରଥମେ ୧୯୬୨ ମସିହାରେ ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ଉପମନ୍ତ୍ରୀ ହୋଇଥିଲେ। ପରେ ୧୯୬୮ ରେ ପୁଣି ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗର ରାଷ୍ଟ୍ର ମନ୍ତ୍ରୀ ହୋଇଥିଲେ। ନନ୍ଦିନୀ ଶତପଥୀ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଘନିଷ୍ଠ ଥିଲେ। ସେ ୧୯୭୨ରୁ ୭୩ ଓ ୧୯୭୪ରୁ ୭୬ ପର୍ଯ୍ୟନ୍ତ ଦୁଇ ଦୁଇ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ସେ କଂଗ୍ରେସରୁ ବାହାରି ଜନତା ଦଳରେ ଯୋଗ ଦେଇଥିଲେ। ୧୯୭୭ରୁ ୮୦ ପର୍ଯ୍ୟନ୍ତ ସେ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ଜନତା ଦଳର ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଉତ୍କଳ ପ୍ରଦେଶ କଂଗ୍ରେସ ଦଳରେ କିଛି ଦିନ କାର୍ଯ୍ୟ କରିଥିଲେ। ଏହାପରେ ସେ ପୁଣି କଂଗ୍ରେସରେ ଯୋଗ ଦେଇଥିଲେ। ଏହି ସମୟରେ ସେ ୧୯୮୦-୮୫, ୧୯୮୫-୯୦ ଓ ୧୯୯୦-୯୫ ପର୍ଯ୍ୟନ୍ତ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। କେବଳ ରାଜନୀତି ନୁହେଁ, ତାଙ୍କର ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ପ୍ରବେଶ ଓ ପ୍ରବଳ ଅନୁରାଗ ଥିଲା। କାବ୍ୟ, କବିତା, ଗଳ୍ପ ଓ ଅନୁବାଦରେ ସେ ତାଙ୍କର ପ୍ରତିଭାର ପରିଚୟ ଦେଇଥିଲେ। ସାହିତ୍ୟକ୍ଷେତ୍ରକୁ ଅବଦାନ ପାଇଁ ତାଙ୍କୁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ଓ 'ସାହିତ୍ୟ ଭାରତୀ' ପୁରସ୍କାର ମିଳିଥିଲା। ଜୀବନର ଶେଷ ସମୟରେ ସେ ତସ୍‌ଲିମା ନାସରିନ୍‌ଙ୍କ 'ଲଜ୍ଜା'କୁ ଓଡ଼ିଆରେ ଅନୁବାଦ କରିଥିଲେ। ଅଗଷ୍ଟ ୪, ୨୦୦୬ ମସିହାରେ ତାଙ୍କର ଜୀବନଦୀପ ଲିଭି ଯାଇଥିଲା।

## 'ତୁ ମେରି ମେ ତେରା ମେ ତେରା ତୁ ମେରି'ରେ ଅନନ୍ୟାଙ୍କ ଏଣ୍ଟ୍ରି



'ଭୁଲଭୁଲୈୟା-୨' ହିଟ୍ ହେବା ପରେ ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ୟନ୍‌ଙ୍କୁ ଅନେକ ବଡ଼ ପ୍ରୋଜେକ୍ଟରୁ ଅଫର୍ ଆସିଛି। କାର୍ତ୍ତିକ୍ ଏବେ ଯେଉଁ ଫିଲ୍ମକୁ ନେଇ ଅଧିକ ଚର୍ଚ୍ଚିତ ତାହା ହେଉଛି କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନ୍ ଦ୍ୱାରା ନିର୍ମିତ ଫିଲ୍ମ 'ତୁ ମେରି ମେ ତେରା ମେ ତେରା ତୁ ମେରି'। ଏଥିରେ କାର୍ତ୍ତିକ୍‌ଙ୍କ ବିପକ୍ଷରେ କିଏ ନାୟିକା ହେବେ ସେନେଇ ଅନେକ ଦିନକୁ କଳ୍ପନାଜଳ୍ପନା ଲାଗି ରହିଥିଲା। କିନ୍ତୁ ନିକଟରେ କାର୍ତ୍ତିକ୍ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରୁ ଫିଲ୍ମର ମୁକ୍ତିଲାଭ ଦିନ ସହ ନାୟିକାଙ୍କ ନାମ ମଧ୍ୟ ଘୋଷଣା କରିଛନ୍ତି। ଏଥିରେ ତାଙ୍କ ବିପକ୍ଷରେ ଅନନ୍ୟା ପାଣ୍ଡେ ନଜର ଆସିବେ। ଏହା ଆସନ୍ତା ବର୍ଷ ଭାଲେଣ୍ଟାଇନ୍ ଡେ' ପୂର୍ବଦିନ ଅର୍ଥାତ୍ ୧୩ ଫେବୃଆରୀ, ୨୦୨୬ରେ ରିଲିଜ୍ ହେବ। ଏହା ଏକ ରୋମାଣ୍ଟିକ୍ ଫିଲ୍ମ ହେବ। ପୂର୍ବରୁ କାର୍ତ୍ତିକ୍ ଓ ଅନନ୍ୟା 'ପତି ପତ୍ନୀ ଔର୍ ୱ' ଫିଲ୍ମରେ ଏକାଠି ଅଭିନୟ କରିଥିଲେ। ବକ୍ସ ଅଫିସ୍‌ରେ ଏହି ଫିଲ୍ମଟି ହିଟ୍ ସାବ୍ୟସ୍ତ ହୋଇଥିଲା। ଅନନ୍ୟା ଶେଷ ଥର ପାଇଁ 'କେସରୀ ଚାପ୍ଟର-୨'ରେ ନଜର ଆସିଥିଲେ। ଏବେ ସେ କାର୍ତ୍ତିକ୍‌ଙ୍କ ସହ ଏହି ଫିଲ୍ମରେ କାମ କରିବେ। ସେହିଭଳି କାର୍ତ୍ତିକ୍ 'ନାଗଜିଲା', 'ଆଶିକୀ-୩', 'ପତି ପତ୍ନୀ ଔର୍ ୱ-୨' ଆଦି ଫିଲ୍ମଗୁଡ଼ିକରେ ନଜର ଆସିବେ।

## ଟ୍ୟୁବ୍ ମାଷ୍ଟର ନଦୀ ପହଁରି ଯାଆନ୍ତି ସ୍କୁଲ



ଦୁର୍ଗମ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ିବା ପାଇଁ ଅନେକ ସଂଘର୍ଷ କରିବାକୁ ପଡ଼େ। କେଉଁଠି ନଦୀ ପାର୍ ହୋଇ ତ ଆଉ କେଉଁଠି ଝୁଲା ପୋଲରେ ଓହଳି ପିଲାମାନେ ସ୍କୁଲ ଯାଇଥାନ୍ତି। କେରଳର ଅବଦୁଲ ମଲିକ ନାମକ ଜଣେ ଶିକ୍ଷକ ବିଗତ ୨୦ ବର୍ଷ ହେଲାଣି ନଦୀ ପହଁରି ପିଲାଙ୍କୁ ପାଠ ପଢ଼ାଇବାକୁ ଯାଉଛନ୍ତି। ଏବେ ତାଙ୍କ କାହାଣୀ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ପଦିନଜକ୍କୁମୁରୀରେ ରହୁଥିବା ଅବଦୁଲ ଜଣେ ଗଣିତ ଶିକ୍ଷକ। ବିଗତ ୨୦ ବର୍ଷ ହେଲାଣି ସେ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ପ୍ରତିଦିନ କଡାଲୁଣ୍ଡି ନଦୀ ପାର୍ ହୋଇ ଯାଇଥାନ୍ତି। ସେ ନିୟମିତ ନଦୀ ପହଁରି ଯିବା ସତ୍ତ୍ୱେ ସ୍କୁଲକୁ କେବେବି ବିଳମ୍ବରେ ପହଞ୍ଚି ନଥାନ୍ତି। ସବୁଠୁ ବଡ଼ କଥା ହେଲା ସେ କେବେ ଛୁଟି ମଧ୍ୟ ନିଅନ୍ତି ନାହିଁ। ତେବେ ପିଲାଙ୍କୁ ପାଠ ପଢ଼ାଇବା ନିଶା ଆଜି ତାଙ୍କୁ ତାଙ୍କ ଛାତ୍ରମାନଙ୍କ ଗହଣରେ ହିରୋ କରିଦେଇଛି। ଅବଦୁଲ ଏକ ପଲିଥିନ ବ୍ୟାଗ୍‌ରେ ନିଜର ବହି, ପୋଷାକ, ଜୋତା ଏବଂ ଜରୁରୀ ସାମଗ୍ରୀ ରଖି ରବର ଟ୍ୟୁବ୍ ସାହାଯ୍ୟରେ କଡାଲୁଣ୍ଡି ନଦୀ ପାର୍ ହୋଇଥାନ୍ତି। ଅବଦୁଲଙ୍କ ଘରଠାରୁ ସ୍କୁଲ ୧୨ କିଲୋମିଟର ଦୂର ହୋଇଥିବାବେଳେ ବସ୍‌ରେ ଯିବାପାଇଁ ତାଙ୍କୁ ତିନି ଘଣ୍ଟା ସମୟ ଲାଗିଥାନ୍ତା। ଅନ୍ୟପକ୍ଷରେ ନଦୀ ପାର୍ ହୋଇ ସ୍କୁଲ ଯିବାକୁ ମାତ୍ର ୧୫ ରୁ ୨୦ ମିନିଟ୍ ସମୟ ଲାଗୁଥିବାରୁ ସେ ଟ୍ୟୁବ୍‌ରେ ପହଁରି ଯିବାକୁ ପସନ୍ଦ କରୁଛନ୍ତି ବୋଲି ଅବଦୁଲ କହିଛନ୍ତି। ନଦୀରେ ପହଁରି ପ୍ରତିଦିନ ସ୍କୁଲ ଯିବା ଆସିବା କରୁଥିବାରୁ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ତାଙ୍କୁ 'ଟ୍ୟୁବ୍ ମାଷ୍ଟର' ବୋଲି ସମ୍ବୋଧନ ମଧ୍ୟ କରନ୍ତି। ଅନ୍ୟପଟେ ଅବଦୁଲ କେବଳ ଜଣେ ଆଦର୍ଶ ଶିକ୍ଷକ ତାହା ନୁହେଁ, ପରିବେଶ ସୁରକ୍ଷା ଦିଗରେ ମଧ୍ୟ ସେ କାମ କରୁଛନ୍ତି। ଛାତ୍ରଛାତ୍ରୀଙ୍କୁ ସେ ଗଣିତ ସୂତ୍ର ପଢ଼ାଇବା ସହ ପ୍ରକୃତିକୁ ସମ୍ମାନ କରିବା ଶିକ୍ଷା ଦିଅନ୍ତି। ସେ ଦୀର୍ଘ ଦିନରୁ ନଦୀ ସଫା କରିବା ଅଭିଯାନର ନେତୃତ୍ୱ ମଧ୍ୟ ନେଇଛନ୍ତି। ସେ ଛାତ୍ରଛାତ୍ରୀଙ୍କ ସହିତ ମିଶି ଅନେକ ସମୟରେ କଡାଲୁଣ୍ଡି ନଦୀ ସଫା କରିଥାନ୍ତି। ଅବଦୁଲଙ୍କ ବିଷୟରେ ଆଉ ଗୋଟେ ଭଲ କଥା ହେଉଛି ସେ ପଞ୍ଚମ ଶ୍ରେଣୀରୁ ତଦୁର୍ଦ୍ଧ୍ୱ ଶ୍ରେଣୀର ପିଲାମାନଙ୍କୁ ପହଁରା ଶିଖାଇଥାନ୍ତି।

## ସ୍ନାନ ଯାତ୍ରା




ଜ୍ୟେଷ୍ଠ ମାସ ଶୁକ୍ଳ ପୂର୍ଣ୍ଣିମା ତିଥିରେ ପାଳନ ହୁଏ ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା। ଏହାକୁ ସ୍ନାନ ଯାତ୍ରା ମଧ୍ୟ କୁହାଯାଏ। ତିନିଠାକୁର ରତ୍ନସିଂହାସନ ଛାଡ଼ି ସ୍ନାନ ମଣ୍ଡପରେ ଭକ୍ତଙ୍କ ମେଳରେ ସ୍ନାନ କରନ୍ତି। ତେବେ ବର୍ଷରେ ଥରୁଟିଏ ଶ୍ରୀ ଜଗନ୍ନାଥ ଭାଇଭଉଣୀଙ୍କ ସହ ଜଳସ୍ନାନ କରୁଥିବା ବେଳେ ଅନ୍ୟ ସମୟରେ ତାଙ୍କୁ ମନ୍ତ୍ର ସ୍ନାନ କରାଯାଏ। ସ୍ନାନ ବେଦୀରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଶ୍ରୀଜୀଉ ଜ୍ୱରରେ ପୀଡ଼ିତ ହୁଅନ୍ତି। ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବରୁ ଶ୍ରୀଦାରୁବ୍ରହ୍ମଙ୍କ ଏହା ଆଦ୍ୟଲୀଳା ବୋଲି କୁହାଯାଏ।

ଦେବସ୍ନାନ ପୂର୍ଣ୍ଣିମାରେ ଦେବସ୍ନାନ ମଣ୍ଡପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ସୁଦର୍ଶନଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧା ମୂର୍ତ୍ତି, ସ୍ନାନ ପରେ ଗଜବେଶରେ ସଜ୍ଜିତ ହୁଅନ୍ତି । ଏହି ଦିନ ତିନି ଧୂପ ବଦଳରେ ଗୋଟିଏ ଧୂପ ଦିଆଯାଏ । ତେବେ ସ୍ନାନ ପରେ ସେମାନେ ଜ୍ୱରରେ ପୀଡ଼ିତ ହୋଇଥାନ୍ତି। ସେଥିପାଇଁ ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରତ୍ନସିଂହାସନରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନ ଥାନ୍ତି। ଏହି କାଳକୁ ଅଣସର ବା ଅନବସର କୁହାଯାଏ। ଏହି ସମୟରେ ତିନିଠାକୁରଙ୍କର ଦଇତାପତି ସେବକ ୧୫ ଦିନ ପର୍ଯ୍ୟନ୍ତ ଗୁପ୍ତ ସେବା ବା ଉପଚାର କରନ୍ତି। ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ।

# ଆସ୍ଥା

## ଭୂମି ଦୋଷର ସଙ୍କେତ

ବାସ୍ତୁ ଶାସ୍ତ୍ରରେ ଭୂମି ଦୋଷକୁ ସବୁଠୁ ଗମ୍ଭୀର ଏବଂ ପ୍ରଭାବଶାଳୀ ଦୋଷ ବୋଲି କୁହାଯାଇଛି। ତେବେ ଭୂମି ଉପରେ ତିଆରି ହେଉଥିବା ଘର ପ୍ରତି ନକାରାତ୍ମକ ଶକ୍ତିକୁ ଏହା ଆକର୍ଷିତ କରେ। ତେବେ ଏହି ଦୋଷ ଯୋଗୁଁ ଘରେ ବାରମ୍ବାର ଅଶାନ୍ତି, ବିବାଦ, ଆର୍ଥିକ କ୍ଷତି, ସ୍ୱାସ୍ଥ୍ୟ ସହ ଜଡ଼ିତ ସମସ୍ୟା ଏବଂ କ୍ୟାରିୟରରେ ବାଧା ଆଦି ଅସୁବିଧା ଦେଖା ଦିଏ। ଏହି ଭୂମି ଦୋଷର ସଙ୍କେତ କ'ଣ, ସେ ସମ୍ପର୍କରେ ଜାଣିବା।



- ଘରେ ବାରମ୍ବାର କଳି, ଝଗଡ଼ା, ଅର୍ଥହାନି ଆଦି ଭଳି ସମସ୍ୟା ଦେଖା ଦେବା।
- ବୈଦ୍ୟୁତିକ ଉପକରଣ ବାରମ୍ବାର ଖରାପ ହେବା।
- ମାନସିକ ଅଶାନ୍ତି ବୃଦ୍ଧି ପାଇବା।
- କାର୍ଯ୍ୟରେ ଲଗାତାର ବିଫଳ ହେବା।
- ବାସ୍ତୁ ଅନୁସାରେ, ଭୂମି ମାଟିର ରଙ୍ଗ, ସ୍ୱାଦ ଓ ଗନ୍ଧରୁ ଏହାର ପ୍ରକୃତି ଏବଂ ପ୍ରଭାବ ବାବଦରେ ଅନୁମାନ ଲଗାଇପାରିବେ।
- ଭୂମି ଦୋଷ ଉପାୟକୁ ଦୂର କରିବା ପାଇଁ ବାସ୍ତୁ ଶାସ୍ତ୍ରରେ ବି ଅନେକ ଉପାୟ କୁହାଯାଇଛି। ଏ ଲାଗି ବାସ୍ତୁବିଦ୍‌ଙ୍କ ପରାମର୍ଶ ନେବା ଜରୁରି।

## ସ୍ୱପ୍ନରେ ଶିବଲିଙ୍ଗ



ସନାତନ ଧର୍ମରେ ସ୍ୱପ୍ନ ଶାସ୍ତ୍ରର ବିଶେଷ ମହତ୍ତ୍ୱ ରହିଛି। ମନୁଷ୍ୟ ରାତିରେ ଶୋଇବାବେଳେ କିଛି ନା କିଛି ସ୍ୱପ୍ନ ଦେଖିଥାଏ। କିଛି ସ୍ୱପ୍ନ ଶୁଭ ହୋଇଥିବା ବେଳେ, କିଛି ଅଶୁଭ ହୋଇଥାଏ। ଯଦି ସ୍ୱପ୍ନରେ ବାରମ୍ବାର ଶିବଲିଙ୍ଗ ଦର୍ଶନ କରୁଥାନ୍ତି, ତେବେ ଏହା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ।

- ସ୍ୱପ୍ନରେ ଧଳା ଶିବଲିଙ୍ଗ ଦେଖିବା ଶୁଭ। ଏହା ମନୁଷ୍ୟକୁ ସମସ୍ତ ରୋଗରୁ ମୁକ୍ତି ଦେବାକୁ ଇଙ୍ଗିତ କରିଥାଏ। ଏଥିସହିତ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ।
- ଶିବଲିଙ୍ଗ ଉପରେ କ୍ଷୀର ଅଭିଷେକ ସ୍ୱପ୍ନରୁ ଆଗାମୀ ଦିନରେ ଆସିବାକୁ ଥିବା ବହୁ ସମସ୍ୟାରୁ ମୁକ୍ତି ମିଳିବା କଥା ସୂଚାଏ।
- ସେହିପରି ରାତି ଅଧରେ ଶିବଲିଙ୍ଗ ସ୍ୱପ୍ନ ଦେଖିଲେ, ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ କରି ଶିବ ମନ୍ଦିରରେ ଶିବଲିଙ୍ଗରେ ଜଳାଭିଷେକ କରିବା ଜରୁରି । ଏପରି କରିବା ଦ୍ୱାରା ପ୍ରଭୁ ଶଙ୍କର ପ୍ରସନ୍ନ ହୋଇଥାନ୍ତି । ସମସ୍ତ ସମସ୍ୟାରୁ ମୁକ୍ତି ମିଳିଥାଏ।

## ନୂତନ ବସ୍ତ୍ର ପରିଧାନର ନିୟମ

ହିନ୍ଦୁ ପରମ୍ପରା ଅନୁସାରେ, କିଛି କାମ ପାଇଁ ଶୁଭ ସମୟ ଏବଂ ଦିନ ନିର୍ଦ୍ଧାରଣ କରାଯାଏ। ସେହିପରି କେଉଁ ଦିନ ନୂଆ ବସ୍ତ୍ର ପିନ୍ଧିବା ଶୁଭ ଏବଂ ଅଶୁଭ, ସେନେଇ ବି ନିୟମ ଅଛି।



ହିନ୍ଦୁ ଧର୍ମ ଅନୁସାରେ, ସପ୍ତାହରେ ତିନି ଦିନ ନୂଆ କପଡ଼ା ପିନ୍ଧିବା ଭଲ ନୁହେଁ। ରବିବାର, ମଙ୍ଗଳବାର ଏବଂ ଶନିବାର ନୂଆ କପଡ଼ା ପିନ୍ଧିବା ଅନୁଚିତ। ଅବଶ୍ୟ ସୋମବାର ମଧ୍ୟ ନୂଆ ବସ୍ତ୍ର ଧାରଣ କରିବା ଶୁଭ ହୋଇ ନ ଥାଏ। ରବିବାର ନୂଆ ବସ୍ତ୍ର ପରିଧାନ କଲେ ସୂର୍ଯ୍ୟ ଦୋଷ ସାମ୍ନା କରିବାକୁ ପଡ଼ିଥାଏ। ଏହାଦ୍ୱାରା ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଦିଏ।

ମଙ୍ଗଳବାର ନୂଆ ଡ୍ରେସ୍ ପିନ୍ଧିଲେ କ୍ରୋଧଭାବ ଆସିଥାଏ। ସମାଜରେ ଅପନିନ୍ଦା ମୁଣ୍ଡାଇବାକୁ ହେବା ସହ ପୋଷାକ ମଧ୍ୟ ବହୁତ କମ୍ ଦିନରେ ଚିରି ଯାଇଥାଏ। ସେହିପରି ଶନିବାର ନୂଆ ବସ୍ତ୍ର ପିନ୍ଧିବା ଅନୁଚିତ। ଏଭଳି କରିବା ଦ୍ୱାରା ଶନି ଦେବ କୋପ କରନ୍ତି। ଏହା ସହ ଗ୍ରହ ଦୋଷ ଆଶଙ୍କା ବୃଦ୍ଧି ପାଏ। ଶନିବାର ନୂଆ ବସ୍ତ୍ର ପିନ୍ଧିବା ଦ୍ୱାରା ଧନ ହାନି ଆଶଙ୍କା ରହିଥାଏ। ଏହାବାଦ୍ ଏହିଦିନ ନୂଆ କପଡ଼ା କିଣିବା ଭଲ ନୁହେଁ। ତେବେ ନୂଆ ବସ୍ତ୍ର ପିନ୍ଧିବା ପାଇଁ ବୁଧବାର, ଗୁରୁବାର ଏବଂ ଶୁକ୍ରବାର ଶୁଭ ହୋଇଥାଏ।

# ପ୍ରିୟା-ରିଙ୍କୁଙ୍କ ନିର୍ବନ୍ଧ



**ଲକ୍ଷ୍ନୌ,୮ ।୬(ଏଜେନ୍ସି):** ଭାରତୀୟ କ୍ରିକେଟର ରିଙ୍କୁ ସିଂଙ୍କ ରିଙ୍ଗ ସେରିମନି ଅର୍ଥାତ ନିର୍ବନ୍ଧ ରବିବାର ସ୍ଥାନୀୟ ହୋଟେଲ୍ 'ଦି ସେଣ୍ଟ୍ରମ୍'ରେ ଅନୁଷ୍ଠିତ ହୋଇଯାଇଛି । ସେ ସମାଜବାଦୀ ସାଂସଦ ପ୍ରିୟା ସରୋଜଙ୍କୁ ମୁଦି ପିନ୍ଧାଇଛନ୍ତି । ଦୁହେଁ ପରସ୍ପରର ହାତଧରି ହୋଟେଲ୍‌ରେ ପହଞ୍ଚିଥିଲେ । ରିଙ୍କୁ ତାଙ୍କୁ ମୁଦି ପିନ୍ଧାଇବା ପରେ ବେଶ୍ ଭାବପ୍ରବଣ ହୋଇ ପ୍ରିୟା କାନ୍ଦି ପକାଇଥିଲେ । ପରେ ରିଙ୍କୁ ତାଙ୍କୁ ସମ୍ଭାଳିଥିଲେ । ଏହାପରେ ଦୁହେଁ ହାତ ଉଠାଇ ପରସ୍ପର ଭଲ ପାଇବା ସ୍ୱୀକାର କରିଥିଲେ । ପ୍ରିୟା କୋଲକୋତାରୁ ଡିଜାଇନ୍ ହୋଇଥିବା ମୁଦି ରିଙ୍କୁ ପିନ୍ଧାଇଥିଲେ । ସେହିପରି ରିଙ୍କୁ ମୁମ୍ବାଇ କିଣାଯାଇଥିବା ମୁଦି ତାଙ୍କୁ ପିନ୍ଧାଇଥିଲେ । ପ୍ରିୟା ପିଙ୍କ୍ ରଙ୍ଗର ଲେହେଙ୍ଗା ପିନ୍ଧିଥିଲେ । ସେହିପରି ରିଙ୍କୁ ଫିକା ଧଳା ରଙ୍ଗର ସେରୱାନୀ ପିନ୍ଧିଥିଲେ । ବ୍ୟାକଗ୍ରାଉଣ୍ଡରେ ଶାହରୁଖ ଖାନ୍‌ଙ୍କ ଡଙ୍କି ସନେମାର 'ଓ ମାହି, ଓ ମାହି' ବାଜୁଥିବାର ଲକ୍ଷ୍ୟ କରାଯାଇଥିଲା । ଏହି ଅବସରରେ ମଞ୍ଚ ଉପରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, ପତ୍ନୀ ଡିମ୍ପଲ ଯାଦବ, ବଲିଉଡ୍ ଅଭିନେତ୍ରୀ ତଥା ସମାଜବାଦୀ ପାର୍ଟି ସାଂସଦ ଜୟା ବଚ୍ଚନ, ଶିବପାଲ ଯାଦବଙ୍କ ସମେତ ୨୦ଜଣ ସାଂସଦ ଉପସ୍ଥିତ ରହି ଦୁହିଁଙ୍କୁ ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଇଥିଲେ । ଦୁଇଜଣଙ୍କ ସହ ଅଖିଳେଷ ଫଟେ ଉଠାଇବା ସହ ବହୁ ସମୟ କଥା ହୋଇଥିଲେ । ପ୍ରିୟାଙ୍କ ପିତା ତଥା ବିଧାୟକ ତୁôଫନୀ ସରୋଜ ସମସ୍ତଙ୍କୁ ଉତ୍ସବକୁ ସ୍ୱାଗତ କରିଥିଲେ । ସେହିପରି ଏହି ଉତ୍ସବରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପାଧ୍ୟକ୍ଷ ରାଜୀବ ଶୁକ୍ଲା, ପୂର୍ବତନ କ୍ରିକେଟର ପିୟୂଷ ଚାୱଲା, ପ୍ରବୀଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ରିଙ୍କୁ ଭାରତ ପାଇଁ ୨ଟି ଦିନିକିଆ ଓ ୩୩ଟି ଟି-୨୦ ମ୍ୟାଚ୍ ଖେଳିବା ସହ ୫୦ଟି ପ୍ରଥମଶ୍ରେଣୀ ଓ ୬୨ଟି ଲିଷ୍ଟ-ଏ ମ୍ୟାଚ୍ ଖେଳିଛନ୍ତି ।

# ୧୪ ବର୍ଷ ପରେ ଭାରତରେ ଖେଳିବେ ମେସି

**ତିରୁବନନ୍ତପୁରମ୍,୮ ।୬(ଏଜେନ୍ସି):** ଭାରତୀୟ ଫୁଟବଲ ପ୍ରେମୀ ତଥା ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖୁସି ଖବର । ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ଭାରତ ଆସିବା ନିଶ୍ଚିତ ହୋଇଛି । କେରଳ କ୍ରୀଡ଼ାମନ୍ତ୍ରୀ ଭି ଅବଦୁରରହମାନ ଜୋର ଦେଇ କହିଛନ୍ତି । ପୂର୍ବରୁ ମଧ୍ୟ ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ଫୁଟବଲ ଦଳ ଭାରତ ଆସିବେ ବୋଲି କେରଳ ସରକାର ସୂଚନ ଦେଇଥିଲେ । ପ୍ରାୟୋଜକମାନେ ଏ ନେଇ ମ୍ୟାଚ୍ ପାଉଣା ପୈଠ କରିଛନ୍ତି । ଚଳିତ ବର୍ଷ ଅକ୍ଟୋବର କିମ୍ବା ନଭେମ୍ବର ମାସରେ ଏହି ଫିଫା ବିଶ୍ୱକପ୍ ଚାମ୍ପିଅନ ଦଳ ଆସିବ । ଆର୍ଜେଣ୍ଟିନାର ଗସ୍ତ ନେଇ ଅବଦୁର ରହମାନ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍ ଜରିଆରେ ପୋଷ୍ଟ କରି ସ୍ପଷ୍ଟ କରିଛନ୍ତି । ତେଣୁ ଏନେଇ କେରଳର ଫୁଟବଲ ପ୍ରଶଂସକ ଓ ସରକାର ବେଶ୍ ଉତ୍ସାହିତ ଅଛନ୍ତି । ଏହି ଗସ୍ତରେ ଆର୍ଜେଣ୍ଟିନା ଦୁଇଟି ମ୍ୟା୍ଚ୍ ଖେଳିବ । ତେବେ ଆର୍ଜେଣ୍ଟିନା ଓ ଭାରତ ମଧ୍ୟରେ ମ୍ୟାଚ୍ ହେବାର ସମ୍ଭାବନା କମ୍ ଥିବା ଭଳି ଲାଗୁଛି । ଉଲ୍ଲେଖଥାଉ କି, ଆର୍ଜେଣ୍ଟିନା ଗତ ୨୦୨୨ରେ କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଫ୍ରାନ୍ସକୁ ହରାଇ ଦୀର୍ଘ ୩୬ ବର୍ଷ ପରେ ଚାମ୍ପିଅନ ହୋଇଥିଲା । ଯଦି ଆର୍ଜେଣ୍ଟିନାର ଭାରତ ଆସେ ତେବେ ୧୪ ବର୍ଷ ପରେ ମେସି ଭାରତରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବେ । ଏହାପୂର୍ବରୁ ସେ ୨୦୧୧ରେ ଭାରତ ଗସ୍ତରେ ଆସିଥିଲେ । ସେତେବେଳେ ଆର୍ଜେଣ୍ଟିନା ଓ ଅନ୍ୟତମ ଲାଟିନ ଆମେରିକୀୟ ଦେଶ ଭେନେଜୁଏଲା କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲେ ।



## ଫ୍ରେଞ୍ଚ ଓପନ୍

# ଅଲିମ୍ପିକ୍ସ ସଫଳତା ଦୋହରାଇଲେ ପାଓଲିନି-ଇରାନି



ପ୍ୟାରିସ, ୮ ।୬ (ଏଜେନ୍ସି)

ଚଳିତ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ତଥା ଫ୍ରେଞ୍ଚ ଓପନ୍‌ର ମହିଳା ଯୁଗଳରେ ଇଟାଲୀୟ ଯୋଡ଼ି ଯସ୍ମିନ ପାଓଲିନି ଓ ସାରା ଇରାନି ବାଜିମାତ୍ କରିନେଇଛନ୍ତି । ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ପାଓଲିନି ଓ ଇରାନି ଯୋଡ଼ି ୬-୪, ୨-୬, ୬-୧ ସେଟ୍‌ରେ କାଜାଖସ୍ତାନର ଆନ୍ନା ଡାନିଲିନା ଓ ସର୍ବିଆର ଆଲେକ୍ସଜାଣ୍ଡ୍ରା କ୍ରୁନିକ ଯୋଡ଼ିଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି । ଫଳରେ ଦ୍ୱିତୀୟ ସିଡ୍ ମାନ୍ୟତାପ୍ରାପ୍ତ ପାଓଲିନି ଓ ଇରାନି ଯୋଡ଼ି ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସ ସଫଳତାକୁ ଦୋହରାଇବାରେ ସଫଳ ହୋଇଛନ୍ତି । ୨୦୨୪ରେ ଏଠାରେ ଅନୁଷ୍ଠିତ ଅଲିମ୍ପିକ୍ସରେ ମଧ୍ୟ ଏହି ଇଟାଲୀୟ ଯୋଡ଼ି ମହିଳା ଯୁଗଳରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ । ଏହି ଯୋଡ଼ିଙ୍କ ମଧ୍ୟ ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ୍ । ଉଲ୍ଲେଖଯୋଗ୍ୟ, ୩୮ ବର୍ଷୀୟା ଇରାନିଙ୍କ ଚଳିତ ଫ୍ରେଞ୍ଚ ଓପନ୍‌ରେ ଏହା ୨ୟ ଟାଇଟଲ୍ । ପୂର୍ବରୁ ମିଶ୍ରିତ ଯୁଗଳରେ ସେ ଆନ୍ଦ୍ରେ ଭାଭାସୋରିଙ୍କୁ ସାଥୀ କରି ଚାମ୍ପିଅନ ହୋଇଥିଲେ ।

## ଫାଇନାଲରେ ସିନ୍ନରଙ୍କ ଦବ୍‌ଦବା



ଅପରପକ୍ଷରେ ଟୁର୍ଣ୍ଣାମେଣ୍ଟର ସବୁଠୁ ଆକର୍ଷଣୀୟ ମ୍ୟାଚ୍ ପୁରୁଷ ଏକକ ଫାଇନାଲ ମୁକାବିଲା ଇଟାଲୀର ଜାନିକ ସିନ୍ନର ଓ ସ୍ପେନର କାର୍ଲୋସ ଆଲ୍‌କାରାଜଙ୍କ ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ରୋନାଲ୍ଡ ଗାରସ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଶେଷ ଖବର ସୁଦ୍ଧା ବିଶ୍ୱର ଏକ ନମ୍ବର ଖେଳାଳି ସିନ୍ନର ଅଗ୍ରଣୀ ରହିଛନ୍ତି । ଦ୍ୱିତୀୟ ସେଟ୍ ଜାରି ରହିଥିବାବେଳେ ସିନ୍ନର ୬-୪, ୬-୬ରେ ଆଗୁଆ ରହି ପଲା ଭାରି ରଖିଛନ୍ତି । ଅପରପକ୍ଷରେ ଡିଫେଣ୍ଡିଂ ଚାମ୍ପିଅନ ତଥା ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଆଲ୍‌କାରାଜ ଫାଇନାଲରେ କଡ଼ା ସଂଘର୍ଷର ସମ୍ମୁଖୀନ ହୋଇଛନ୍ତି । ଯଦି ଆଲ୍‌କାରାଜ ଏଠାରେ ଚାମ୍ପିଅନ ହୁଅନ୍ତି ତେବେ କ୍ରମାଗତ ୨ୟଥର ଲାଗି ସମ୍ମାନଜନକ ଫ୍ରେଞ୍ଚ ଓପନ୍ ଟ୍ରଫି ଜିତିବେ ଓ ମୋଟ୍ ଉପରେ ୫ମ ଗ୍ରାଣ୍ଡସ୍ଲାମ ଟ୍ରଫି ହାସଲ କରିବେ । ଅପରପକ୍ଷରେ ସିନ୍ନର ଏଠାରେ ଜିତିଲେ ଏହା ତାଙ୍କ ପ୍ରଥମ ଫ୍ରେଞ୍ଚ ଓପନ୍ ଟ୍ରଫି ହେବ । ସିନ୍ନର ପୂର୍ବରୁ କ୍ରମାଗତ ୨ଥର (୨୦୨୪ ଓ ୨୦୨୫) ଅଷ୍ଟ୍ରେଲିଆନ୍ ଓପନ୍‌ରେ ଚାମ୍ପିଅନ ହୋଇଛନ୍ତି । ସେହିଭଳି ସେ ଗତବର୍ଷ ୟୁଏସ୍ ଓପନ୍‌ରେ ମଧ୍ୟ ବାଜିମାତ୍ କରିନେଇଥିଲେ ।

## ଲର୍ଡ୍ସରେ ଭାରତୀୟ ଦଳର ଅଭ୍ୟାସ ଆରମ୍ଭ

# ୨୦ରୁ ପ୍ରଥମ ଟେଷ୍ଟ ଆରମ୍ଭ



**ଲଣ୍ଡନ୍,୮ ।୬(ଏଜେନ୍ସି):** ଏକ ହାଇପ୍ରୋଫାଇଲ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଯୁବ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳର ସଦସ୍ୟମାନେ ଅଭ୍ୟାସ ଆରମ୍ଭ କରିଛନ୍ତି । ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଭାରତୀୟ ଖେଳାଳିମାନେ ରବିବାର ଟ୍ରେନିଂ ସେସନରେ ବେଶ୍ ଝାଳ ବୁହାଇଛନ୍ତି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର କରିଛି । ଜୁନ୍ ୨୦ରୁ ଲିଡ୍ସର ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ । ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଓ ଗିଲ୍ ନେତୃତ୍ୱରେ ଭାରତୀୟ କ୍ରିକେଟ ଏକ ନୂଆ ଯୁଗରେ ପାଦ ଦେଇଛି । ଗମ୍ଭୀରଙ୍କ ଉପସ୍ଥିତିରେ ଯଶପ୍ରୀତ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂହଙ୍କ ଭଳି ଦ୍ରୁତ ବୋଲର ସମେତ ନବନିଯୁକ୍ତ ଅଧିନାୟକ ଗିଲ୍, ଉପ-ଅଧିନାୟକ ଋଷଭ ପନ୍ତ, ଅଭିଜ୍ଞ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଜୋରଦାର ଅଭ୍ୟାସ କରିଥିଲେ । ଭାରତୀୟ ଖେଳାଳିମାନେ ପୂରା ଜୋଶ୍‌ରେ ଥିବା ଭଳି ମନେହେଉଥିଲା । ଇଂଲଣ୍ଡ ଜଳବାୟୁ ସହିତ ଖାପ୍ ଖୁଆବା ଏବେ ଭାରତୀୟ ଦଳର ମୁଖ୍ୟ ଲକ୍ଷ୍ୟ । ବୁମ୍‌ରା ଓ କ୍ରିଷ୍ଣା ସ୍ପ୍ରିଣ୍ଟ ଡ୍ରିଲ୍ କରିଥିଲେ । ସେହିପରି ସ୍ପିନର କୁଲଦୀପ ଯାଦବ ଓ ଜାଡେଜା ରନିଂ କରିଥିଲେ । ଏହାପରେ ଦୁହେଁ ଡ୍ରିଲ୍ କରିଥିଲେ । ଅର୍ଶଦୀପଙ୍କ ସହ ଗମ୍ଭୀର କଥା ହେବା ସହ ଟିପ୍ସ ଦେଉଥିବାର ଲକ୍ଷ୍ୟ କରାଯାଇଥିଲା ।

## ଭାରତ-ଏ'ର ପାଳି ଅଗ୍ରଣୀ


ଖଲିଲ ଅହମ୍ମଦ

**ନଟିଂହାମ, ୮ ।୬ (ଏଜେନ୍ସି):** ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଏଠାରେ ଚାଲିଥିବା ଦ୍ୱିତୀୟ ଅନଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିଛି । ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱାଧୀନ ଭ୍ରମଣକାରୀ ଭାରତ-ଏ ପ୍ରଥମ ପାଳିରେ ୩୪୮ ରନ କରିଥିଲା । ଜବାବରେ ଘରୋଇ ଇଂଲଣ୍ଡ ଲାୟନ୍ସ ରବିବାର ତୃତୀୟ ଦିବସରେ ୩୨୭ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଛି । ଫଳରେ ଭାରତ-ଏ ୨୧ ରନରେ ଅଗ୍ରଣୀ ହାସଲ କରିଛି । ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ଶେଷ ଖବର ସୁଦ୍ଧା ଭାରତ-ଏ ୯ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୬ ରନ କରିଛି । ଅଧିନାୟକ ଈଶ୍ୱରନ ଓ ଲୋକେଶ ରାହୁଲ ୧୩ ରନ ଲେଖାଏ କରି ଅପରାଜିତ ରହିଛନ୍ତି । ଓପନର୍ ଯଶସ୍ୱୀ ଜୟସ୍ୱାଲ୍ ପୁଣିଥରେ ବ୍ୟାଟିଂରେ ଫେଲ୍ ମାରି ୫ ରନରେ ଜର୍ଜ ହିଲ୍‌ଙ୍କ ଶିକାର ବନିଛନ୍ତି । ପୂର୍ବରୁ ସେ ପ୍ରଥମ ପାଳିରେ ମଧ୍ୟ ୧୭ ରନ କରି ନିରାଶ କରିଥିଲେ ।

ପୂର୍ବରୁ ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ଇଂଲଣ୍ଡ ଲାୟନ୍ସ ୩ ୱିକେଟ୍‌ରେ ୧୯୨ ରନ କରିଥିଲା । ରବିବାର ଏହି ଅସମାପ୍ତ ପାଳିରୁ ଖେଳ ଆରମ୍ଭ କରି ଘରୋଇ ଦଳ ୩୨୭ ରନରେ ସୀମିତ ରହିଥିଲା । ଦଳ ପକ୍ଷରୁ ଇମିଲିଓ ଗେ ସର୍ବାଧିକ ୭୧, ଟମ୍ ହେନ୍ସ ୫୪, ଜୋର୍ଡାନ କକ୍ସ ୪୫, ଜୋଶ ଟଙ୍ଗ ଅପରାଜିତ ୩୬ ରନ କରିଥିଲେ । ଭାରତ-ଏ ପକ୍ଷରୁ ବାମହାତୀ ଦ୍ରୁତ ବୋଲର ଖଲିଲ ଅହମ୍ମଦ ସବୁଠୁ ସଫଳ ରହିଥିଲେ । ସେ ୪ଟି ଏବଂ ଅଂଶୁଲ କମ୍ବୋଜ ଓ ତୁଷାର ଦେଶପାଣ୍ଡେ ୨ଟି ଲେଖାଏ ୱିକେଟ୍ ନେଇଥିଲେ ।

## ଏନ୍‌ଟିପିସି ଆନ୍ତଃରାଜ୍ୟ ଦୃଷ୍ଟିହୀନ ମହିଳା କ୍ରିକେଟ୍

# ଦିଲ୍ଲୀକୁ ହରାଇଲା ଓଡ଼ିଶା



**ଭୁବନେଶ୍ୱର, ୮ ।୬ (ସମିସ):** ବିଶାଖାପାଟନମରେ ରବିବାରଠାରୁ ଏନ୍‌ଟିପିସି ଆନ୍ତଃରାଜ୍ୟ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍ ଆରମ୍ଭ ହୋଇଛି । ଓଡ଼ିଶା ମହିଳା ଦୃଷ୍ଟିହୀନ ଦଳ ଏଥିରେ ବିଜୟରୁ ଅଭିଯାନ ଆରମ୍ଭ କରିଛି । ରବିବାର ଓଡ଼ିଶା ୪୯ ରନରେ ଦିଲ୍ଲୀକୁ ପରାସ୍ତ କରିଥିଲା । ୧୫ ଓଭରବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୩ ୱିକେଟ୍‌ରେ ୧୨୬ ରନ କରିଥିଲା । ଦଳ ପକ୍ଷରୁ ଯମୁନା ରାଣୀ ଟୁଡୁ ୨୮, ଫୁଲ ସୋରେନ ୩୦ ଓ ବାସନ୍ତୀ ହାଁସଦା ୨୩ ରନ କରିଥିଲେ । ଜବାବରେ ଦିଲ୍ଲୀ ଦୃଷ୍ଟିହୀନ ମହିଳା ଦଳ ୧୪.୫ ଓଭରରେ ୭୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଯମୁନା ୩ଟି ଏବଂ ଫୁଲ ଓ ସୁକାନ୍ତି ଦଳପତି ୨ଟି ଲେଖାଏ ୱିକେଟ୍ ନେଇ ଓଡ଼ିଶାକୁ ସହଜ ବିଜୟ ଭେଟି ଦେଇଥିଲେ । ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ଯମୁନା ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ । ସୋମବାର ଓଡ଼ିଶା ପରବର୍ତ୍ତୀ ଲିଗ୍ ମ୍ୟାଚରେ କେରଳକୁ ଭେଟିବ । ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ବ୍ୟତୀତ ଦିଲ୍ଲୀ, କେରଳ ଓ ଆୟୋଜକ ଆନ୍ଧ୍ରପ୍ରଦେଶ ଦଳ ଅଂଶଗ୍ରହଣ କରୁଛି ।

# ପରାଜୟରୁ ଭାରତର ଅଭିଯାନ ଆରମ୍ଭ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୟୁରୋପ ଲେଗ୍**

**ଆମଷ୍ଟେଲଭିନ୍,୮ ।୬(ଏଜେନ୍ସି):** ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍‌ର ୟୁରୋପ ଲେଗ୍‌ରେ ଭାରତୀୟ ପୁରୁଷ ହକି ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି । ଶନିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଲିଗ୍‌ର ପ୍ରଥମ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ଭାରତ ୧-୨ ଗୋଲରେ ଅଲିମ୍ପିକ୍ସ ଚାମ୍ପିଅନ ନେଦରଲାଣ୍ଡସଠାରୁ ପରାସ୍ତ ହୋଇଥିଲା । ଭାରତ ସୋମବାର ତା'ର ଦ୍ୱିତୀୟ ମୁକାବିଲାରେ ପୁଣିଥରେ ନେଦରଲାଣ୍ଡସକୁ ଭେଟିବେ । ସ୍ଥାନୀୟ ୱାଗେନେର ହକି ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଭାରତୀୟ ଅଧିନାୟକ ହରମନପ୍ରୀତ ସିଂହ ଦ୍ୱିତୀୟାର୍ଦ୍ଧର ଦ୍ୱାଦଶ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ଜରିଆରେ ପ୍ରଥମ ଗୋଲ ସ୍କୋର କରିଥିଲେ । ଏହାପରେ ନେଦରଲାଣ୍ଡ ତରଫରୁ ଭାନ ଡାମ୍ ଥିଜସ ଦୁଇଟି ଗୋଲ ସ୍କୋରକରି ଦଳକୁ ଜିତାଇଥିଲେ । ଥିଜସ ୫୮ତମ ମିନିଟ୍‌ରେ ଶେଷ ତଥା ନିର୍ଣ୍ଣାୟକ ଗୋଲ୍ ସ୍କୋର କରିଥିଲେ । ଭାରତ ଏବେ ଲିଗ୍‌ରେ ଆହୁରି ୭ଟି ମ୍ୟାଚ୍ ଖେଳବାକୁ ବାକି ରହିଛି । ଭାରତ ଏବେ ୧୫ ପଏଣ୍ଟ ପାଇଁ ଚତୁର୍ଥ ସ୍ଥାନରେ ରହିଛି । ପୂର୍ବରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ପ୍ରୋ ଲିଗ୍‌ର ଘରୋଇ ପର୍ଯ୍ୟାୟ ଖେଳିଥିଲା । ଭାରତ ୮ଟି ମ୍ୟାଚ୍ ଖେଳି ୧୫ ପଏଣ୍ଟ ହାସଲ କରିଥିଲା ।

## ଭାରତୀୟ ମହିଳା ହକିର ବିଜୟ ଅଭିଯାନ

**ଅନ୍ତୱର୍ପ, ୮ ।୬ (ଏଜେନ୍ସି):** ୟୁରୋପ ଗସ୍ତରେ ଯାଇଥିବା ଭାରତୀୟ ଜୁନିଅର ମହିଳା ହକି ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି । ରବିବାର ଭାରତ ପ୍ରଥମ ମ୍ୟାଚରେ ୩-୨ ଗୋଲ୍‌ରେ ଘରୋଇ ବେଲ୍‌ଜିୟମକୁ ପରାସ୍ତ କରିଥିଲା । ଏହି ମ୍ୟାଚରେ ଏକଦା ଭାରତ ୧-୨ରେ ପଛୁଆ ରହିଥିଲେ ମଧ୍ୟ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଶେଷରେ ବିଜୟୀ ହୋଇଥିଲା । ମ୍ୟାଚର ୧୧ତମ ମିନିଟ୍‌ରେ ଗୀତା ଯାଦବଙ୍କ ଗୋଲ୍ ବଳରେ ଭାରତ ଖାତା ଖୋଲିଥିଲା । ଏହାପରେ ୨ୟ ଓ ୩ୟ କ୍ୱାର୍ଟରରେ ବେଲ୍‌ଜିୟମ ପକ୍ଷରୁ ମାରିଏ ଗୋଏନ୍ସ ଓ ଲୁଇସ ଭାନ୍ ହେକି ଗୋଲ୍ ଦେଇ ୨-୧ରେ ଅଗ୍ରଣୀ କରାଇଥିଲେ । ତେବେ ଏହାପରେ ୫ ମିନିଟ୍ ବ୍ୟବଧାନରେ ଭାରତୀୟ ମହିଳା ଦଳ ୨ଟି ଗୋଲ୍ ଦେଇ ୩-୨ରେ ମ୍ୟାଚ୍‌କୁ ହାତେଇନେଇଥିଲା । ସୋନମ ଓ ଲାଲଥାଣ୍ଟଲୁଆଙ୍ଗିଙ୍କ ଷ୍ଟିକ୍ସରୁ ଏହି ୨ଟି ଗୋଲ୍ ଦେଖିବାକୁ ମିଳିଥିଲା । ଭାରତ ପୁଣିଥରେ ମଙ୍ଗଳବାର ବେଲ୍‌ଜିୟମ ଭେଟିବ ।

## ଅରବିନ୍ଦ ମେମୋରିଆଲ୍ ପାରାମାଉଣ୍ଟ କପ୍

# ରାଇଜିଂ ଷ୍ଟୁଡେଣ୍ଟ୍ସ ଚାମ୍ପିଅନ

ଭୁବନେଶ୍ୱର, ୮ ।୬ (ସମିସ)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଅରବିନ୍ଦ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ କଟକର ରାଇଜିଂ ଷ୍ଟୁଡେଣ୍ଟ ଚାମ୍ପିଅନ ହୋଇଛି । ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ୧୪୮ ରନରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ (ଭୁବନେଶ୍ୱର)କୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ୍ସ ଆଦିତ୍ୟ ରାଉତଙ୍କ ବିସ୍ଫୋରକ ଶତକ ବଳରେ ୪୦ ଓଭରରେ ୩୯୨ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଆଦିତ୍ୟ ୬୮ ବଲରେ ୧୦୬ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଯାଦବ ୪୦ ବଲରେ ୮୧, ଅମିନ ଇକବାଲ୍ ଖାନ ୩୦ ବଲରେ ୬୬ ରନର ଦ୍ରୁତ ପାଳି ଖେଳିଥିଲେ । ମୁକ୍ତେଶ୍ୱରର ଶ୍ରୀରଜ ପଟ୍ଟନାୟକ ୩ଟି ୱିକେଟ୍ ସଫଳତା ପାଇଥିଲେ । ଜବାବରେ ୩୯୩ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ମୁକ୍ତେଶ୍ୱର ଦଳ ୨୮ ଓଭରରେ ୨୪୩ ରନରେ ସମସ୍ତ ୱିକେଟ୍ ହରାଇ ପରାସ୍ତ ହୋଇଥିଲା । ଦୀନେଶ ମାଝୀ ୪୦ ବଲରେ ୭୫ ରନର ଲଢୁଆ ଇନିଂସ ଖେଳିଥିଲେ ।



ଚାମ୍ପିଅନ ରାଇଜିଂ ଷ୍ଟୁଡେଣ୍ଟ୍ସ ଟ୍ରଫି ସହ ୫୦ ହଜାର ଟଙ୍କା ପୁରସ୍କାର ପାଇଥିଲା । ସେହିଭଳି ମୁକ୍ତେଶ୍ୱର ଦଳକୁ ରନର୍ସଅପ୍ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଅଭିଷେକ ଫାଇନାଲର ଓ ଅମିନ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲେ । ସେହିଭଳି ଟୁର୍ଣ୍ଣାମେଣ୍ଟରେ ଆଶୀର୍ବାଦ ସ୍ୱାଇଁ ଶ୍ରେଷ୍ଠ ବ୍ୟାଟର୍, ହର୍ଷିତ ରାଠୋଡ ଶ୍ରେଷ୍ଠ ବୋଲର, ପ୍ରତୀକ ଦାସ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ଜିତିଥିଲେ । ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଏଏ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କ୍ରିକେଟ୍ ପ୍ରଶିକ୍ଷକ କିଶୋର ମାଣିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ପୂର୍ବତନ ରଣଜୀ ଖେଳାଳି ପ୍ରଭଞ୍ଜନ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜକ କ୍ଲବର ସଭାପତି ପ୍ରତାପ ଜେନା, ସମ୍ପାଦକ ଅଶୋକ ପାତ୍ର, ଉପଦେଷ୍ଟା ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ସିଏମ୍ ଟ୍ରଫି


## ଭୁବନେଶ୍ୱରକୁ ହରାଇ ବରଗଡ଼ ଚାମ୍ପିଅନ

**ଭୁବନେଶ୍ୱର, ୮ ।୬ (ସମିସ):** ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ରବିବାର ସିଏମ୍ ଟ୍ରଫି (୧୫ ବର୍ଷରୁ କମ୍) ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ବରଗଡ଼ ଏଫ୍‌ସି ୩-୨ ଗୋଲରେ ଭୁବନେଶ୍ୱର ଏଫ୍‌ସିକୁ ପରାସ୍ତ କରି ଚାମ୍ପିଅନ ହୋଇଛି । ସାରା ରାଜ୍ୟର ଜିଲ୍ଲାଦଳକୁ ନେଇ ୪ଟି ଜୋନରେ ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିଲା । ଆଗାମୀ ଦିନରେ ଆଥ୍‌ଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ଖୋ-ଖୋ, କବାଡ଼ି ଓ ହକି ଭଳି କ୍ରୀଡ଼ାକୁ ନେଇ ସିଏମ୍ ଟ୍ରଫି ଆୟୋଜିତ ହେବ ।

## ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# ବଲାଙ୍ଗିର, ଦେଓଗଡ଼ର ବଡ଼ ବିଜୟ


ସମରପ୍ରୀତ୍ ପଟେଲ


ଯୋଗେଶ୍ୱର ବାଗ୍


ଆୟୁଷ୍ମାନ ମୁଖୀ

**ଭୁବନେଶ୍ୱର, ୮ ।୬ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ପୁରୁଷ କ୍ରିକେଟ୍‌ରେ ରବିବାର ୬ଟି ମ୍ୟାଚ୍ ଖେଳାଯାଇଛି । ଏଥିରେ ବଲାଙ୍ଗିର ଓ ଦେଓଗଡ଼ ବଡ଼ ବିଜୟ ହାସଲ କରିଛନ୍ତି । ସନ୍‌ସାଇନ ଗ୍ରାଉଣ୍ଡରେ ବଲାଙ୍ଗିର ୨୪୦ ରନରେ ଗଜପତିକୁ ପରାସ୍ତ କରିଛି । ସମରପ୍ରୀତ୍ ପଟେଲଙ୍କ ୧୧୫ ଓ ଭବ୍ୟ ପଢ଼ିଆରିଙ୍କ ୯୪ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗିର ୪୩ ଓଭରରେ ୬ ୱିକେଟ୍ ହରାଇ ୩୦୨ ରନ କରିଥିଲା । ଜବାବରେ ଗଜପତି ୧୬.୨ ଓଭରରେ ମାତ୍ର ୬୨ ରନରେ ଅଲ୍‌ଆଉଟ୍ ହୋଇଥିଲା । ବଲାଙ୍ଗିରର ଯୋଗେଶ୍ୱର ବାଗ୍ ୫ ୱିକେଟ୍ ସଫଳତା ପାଇଥିଲେ । ସେହିଭଳି ଅଡ଼ଶପୁର ଗ୍ରାଉଣ୍ଡରେ ଦେଓଗଡ଼ ୧୦୭ ରନରେ କୋରାପୁଟକୁ ମାତ୍ ଦେଇଛି । ଦେଓଗଡ଼ ପକ୍ଷରୁ ଧାର୍ଯ୍ୟ ୨୧୪ ରନର ଲକ୍ଷ୍ୟକୁ ପିଛା କରି କୋରାପୁଟ ୧୦୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଦେଓଗଡ଼ର ରୋନିତ ପ୍ରଧାନ ୫୯ ରନ ସହ ୨ଟି ୱିକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ ।

ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ସମ୍ବଲପୁର-ଏ ୬ ରନରେ ମୟୂରଭଞ୍ଜକୁ, ସୁନ୍ଦରଗଡ଼ ୮ ୱିକେଟ୍‌ରେ କଳାହାଣ୍ଡିକୁ, କେନ୍ଦ୍ରପଡ଼ା ୨୩ ରନରେ ମାଲକାନଗିରିକୁ ଓ ଅନୁଗୋଳ ୮ ୱିକେଟ୍‌ରେ ଜଗତସିଂହପୁରକୁ ହରାଇଛି । ସମ୍ବଲପୁରର ମନିତ ଭୋଇ (୨୦ ରନ ଓ ୪ ୱିକେଟ୍), ସୁନ୍ଦରଗଡ଼ର ତିର୍ଥକ ମହାନ୍ତି (୫ ୱିକେଟ), କେନ୍ଦ୍ରାପଡ଼ାର ମୋହନରାଜ ରାଉତ (୯୬ ରନ) ଓ ଅନୁଗୋଳର ଆୟୁଷ୍ମାନ ମୁଖୀ (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS